

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧୯ ଜାନୁଆରୀ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 19 JANUARY 2023
Vol.No. 34 ■ No. 18 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ମେଘାଳୟ, ନାଗାଲ୍ୟାଣ୍ଡ ଓ ତ୍ରିପୁରା ନିର୍ବାଚନ ପାଇଁ ଘୋଷଣା ହେଲା ତାରିଖ

ନୂଆଦିଲ୍ଲୀ,୧୮/୦୧ : ଚଳିତ ବର୍ଷ ଅନୁଷ୍ଠିତ ହେବାକୁ ଥିବା ୩ ରାଜ୍ୟର ବିଧାନସଭା ନିର୍ବାଚନ ପାଇଁ ଆଜି ତାରିଖ ଘୋଷଣା କରାଯାଇଛି । ଭାରତୀୟ ନିର୍ବାଚନ କମିଶନର ରାଜୀବ କୁମାର ୩ ରାଜ୍ୟରେ କେବେ ମତଦାନ ହେବ ଓ କେବେ ଭୋଟ ଗଣତି ସହ ରେଜଲ୍ଟ ପ୍ରକାଶ ପାଇବ, ସେ ସମ୍ପର୍କରେ ସୂଚନା ଦେଇଛନ୍ତି ।ତାଙ୍କ ଘୋଷଣା ଅନୁଯାୟୀ, ଫେବୃଆରୀ ୧୬ ତାରିଖରେ ତ୍ରିପୁରାର ସମସ୍ତ ୬୦ ବିଧାନସଭା ଆସନ ପାଇଁ ଗୋଟିଏ ପର୍ଯ୍ୟାୟରେ ଭୋଟିଂ ହେବ । ସେହିପରି ମେଘାଳୟ ଓ ନାଗାଲ୍ୟାଣ୍ଡ ବିଧାନସଭାର ସମସ୍ତ ୬୦ ଆସନ ପାଇଁ ଫେବୃଆରୀ ୨୭ରେ ମତଦାନ ଗ୍ରହଣ କରାଯିବ ।




ଦୁଇଟି ତାରିଖରେ ୩ଟି ରାଜ୍ୟର ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ବେଳେ ଗୋଟିଏ ଦିନରେ ରେଜଲ୍ଟ ପ୍ରକାଶ ପାଇବ । ମାର୍ଚ୍ଚ ୨ ତାରିଖରେ ୩ ରାଜ୍ୟରେ ଭୋଟ ଗଣତି ସହ ରେଜଲ୍ଟ ପ୍ରକାଶ ପାଇବ ବୋଲି ଶ୍ରୀ କୁମାର ସୂଚନା ଦେଇଛନ୍ତି । ତ୍ରିପୁରା ବିଧାନସଭାର କାର୍ଯ୍ୟକାଳ ମାର୍ଚ୍ଚ୧ ୨, ମେଘାଳୟର ୧୫ ଓ ନାଗାଲ୍ୟାଣ୍ଡର ମାର୍ଚ୍ଚ ୨୨ରେ ଶେଷ ହେବ । ତେଣୁ ଏହାପୂର୍ବରୁ ନିର୍ବାଚନ ପ୍ରକ୍ରିୟା ଶେଷ କରିବାକୁ କମିଶନ ଲକ୍ଷ୍ୟ ରଖିଛନ୍ତି । ଏହି ରାଜ୍ୟରେ ମୋଟ ଭୋଟରଙ୍କ ସଂଖ୍ୟା ୨.୨୮ ଲକ୍ଷ । ଏମାନଙ୍କ ମଧ୍ୟରେ ୯୭ ହଜାର ୮୦ ବର୍ଷରୁ ଅଧିକ ଓ ୨୬ଶହ ଭୋଟରଙ୍କ ବୟସ ୧୦୦ରୁ ଅଧିକ । ଶାନ୍ତିଶୃଙ୍ଖଳା ଓ ନିରପେକ୍ଷ ନିର୍ବାଚନ ପାଇଁ ୩୭୬ଟି ପୋଲିଂ ଷ୍ଟେସନର ବ୍ୟବସ୍ଥା ହେବ ବୋଲି କମିଶନର କହିଛନ୍ତି । ତ୍ରିପିରା ବିଧାନସଭା ନିର୍ବାଚନ ପାଇଁ ଜାନୁଆରୀ ୨୧ରେ ବିଜ୍ଞପ୍ତି ପ୍ରକାଶ ପାଇବ । ନାମାଙ୍କନ ଦାଖଲର ଶେଷ ତାରିଖ ଜାନୁଆରୀ ୩୦ ରହିଥିବା ବେଳେ ପ୍ରତ୍ୟାହାରର ଶେଷ ତାରିଖ ଫେବୃଆରୀ ୨ ରହିଛି । ସେହିପରି ମେଘାଳୟ ଓ ନାଗାଲ୍ୟାଣ୍ଡ ବିଧାନସଭା ନିର୍ବାଚନ ପାଇଁ ଜାନୁଆରୀ ୩୧ରେ ବିଜ୍ଞପ୍ତି ପ୍ରକାଶ ପାଇବ । ନାମାଙ୍କନ ଦାଖଲର ଶେଷ ତାରିଖ ଫେବୃଆରୀ ୭ ରହିଛି । ଫେବୃଆରୀ ୧୦ ସୁଦ୍ଧା ଏହି ଦୁଇ ରାଜ୍ୟରେ ପ୍ରାର୍ଥୀମାନେ ନାମାଙ୍କନ ପ୍ରତ୍ୟାହାର କରିପାରିବେ । ଫେବୃଆରୀ ୨୭ରେ ଲୋକମାନେ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ । ଆଜି ୩ ରାଜ୍ୟ ପାଇଁ ନିର୍ବାଚନ ତାରିଖ ଘୋଷଣା ହୋଇଥିବାରୁ ନିର୍ବାଚନ ଆଚରଣବିଧି ମଧ୍ୟ ଆଜିଠାରୁ ଲାଗୁ ହୋଇଛି ।

## ନିର୍ବାଚନ ପାଇଁ ପ୍ରସ୍ତୁତ ବିଜେପି କ୍ୟାପଟେନ ନଡ୍ଡା, ୪୦୦ ଦିନର ହୋମଓ୍ୱାର୍କ ଦେଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୧୮/୦୧ : ଦୁଇ ଦିନିଆ ଜାତୀୟ କାର୍ଯ୍ୟକାରିଣୀ ବୈଠକ ପରେ ନିର୍ବାଚନ ପାଇଁ ପ୍ରସ୍ତୁତ ହୋଇଛି ବିଜେପି । ଚଳିତ ବର୍ଷ ହେବାକୁ ଥିବା ୯ଟି ରାଜ୍ୟର ବିଧାନସଭା ନିର୍ବାଚନ ଏବଂ ୨୦୨୪ ଲୋକସଭା ନିର୍ବାଚନ ନେଇ ରଣନୀତି ପ୍ରସ୍ତୁତ ହୋଇଛି । ବୈଠକରେ ଆସନ୍ତା ୪୦୦ ଦିନ ପାଇଁ ପ୍ରଧାନମନ୍ତ୍ରୀ ଦଳର ନେତାମାନଙ୍କୁ ହୋମଓ୍ୱାର୍କ ଦେଇଛନ୍ତି । ୧୮ ରୁ ୨୫ ବର୍ଷର ଯୁବକମାନଙ୍କ ମଧ୍ୟରେ ପ୍ରଥମ ବା ଦ୍ୱିତୀୟ ଥର ଭୋଟର ଏବଂ ସେମାନଙ୍କୁ ସୁଶାସନ ଏବଂ କୁଶାସନ ମଧ୍ୟରେ ପାର୍ଥକ୍ୟ ବୁଝାଇବାକୁ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଦେଇଛନ୍ତି ।ଏପରି କରି ବିଜେପି ମୋଦୀ ସରକାରର ସଫଳତା ବୁଝାଇବାକୁ ପ୍ରୟାସ କରିବ । ଏହା ସହିତ ପ୍ରଧାନମନ୍ତ୍ରୀ ମୋଦୀ ନୂଆ ଭୋଟରଙ୍କୁ ଯୋଡିବା ପାଇଁ ଦଳର ନେତାଙ୍କ ଉପରେ ଏକ ବଡ଼ ଦାୟିତ୍ୱ ଦେଇଛନ୍ତି । ଅମୃତକାଳକୁ ବିକାଶକାଳ, ଅମୃତକାଳକୁ କର୍ତବ୍ୟକାଳ । ଏହି ନାରା ଦେଇ ବିଜେପି ଏବେ ୨୦୨୪ ସାଧାରଣ ନିର୍ବାଚନ ଲଢିବ ବୋଲି କୁହାଯାଉଛି । ପ୍ରଧାନମନ୍ତ୍ରୀ ଶୀର୍ଷ ନେତୃତ୍ୱଙ୍କୁ କହିଛନ୍ତି ଯେ ବିଜେପି ଅନେକ ନଆ ସଦସ୍ୟ ସୃଷ୍ଟି କରିଛି । କିନ୍ତୁ ଏହି ପ୍ରାଥମିକ ସଦସ୍ୟମାନଙ୍କୁ ଦଳ ସହ ଯୋଡି ରଖିବା ପାଇଁ କୌଣସି କାର୍ଯ୍ୟକ୍ରମ ଚାଲୁ ନାହିଁ । ତେଣୁ ଆଗାମୀ ଦିନରେ ଦେଶର ପ୍ରତ୍ୟେକ ଜିଲ୍ଲାରେ ପ୍ରାଥମିକ ବିଜେପି ସଦସ୍ୟଙ୍କ ସମ୍ମିଳନୀ ଅନୁଷ୍ଠିତ ହେବ । ସେହିପରି ବିଜେପିର ଶୀର୍ଷ ନେତୃତ୍ୱ ମତ ଦେଇଛନ୍ତି ଯେ ଗୁଜୁରାଟ ନିର୍ବାଚନରେ ବିରାଟ ବିଜୟ ପଛରେ ସବୁଠାରୁ ବଡ କାରଣ ହେଉଛି ବିଜେପି ପାଇଁ ଅଣ ପାରମ୍ପାରିକ ଭୋଟ୍, ତେଣୁ ସମଗ୍ର ଦେଶରେ ସମାନ ଫର୍ମୁଲା କାର୍ଯ୍ୟକାରୀ କରାଯିବା ଉଚିତ । ଏହି ଆଧାରରେ ଦଳର ନେତାମାନଙ୍କୁ ଚର୍ଚ୍ଚ, ସ୍କୁଲ, କଲେଜ, ବିଭିନ୍ନ ସମ୍ପ୍ରଦାୟ ଭଳି ସମସ୍ତଙ୍କୁ ନେଇ ସମାବେଶ କରିବାକୁ କୁହାଯାଇଛି । ସେହିପରି ସାମାଜିକ କାର୍ଯ୍ୟକ୍ରମ ଜରିଆରେ ସାଧାରଣ ଲୋକଙ୍କ ବିଶ୍ୱାସ ହାସଲ କରିବାକୁ ଉଦ୍ୟମ କରାଯିବା ଉଚିତ୍ ।

## କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ବିରୋଧରେ ତାଙ୍କ ପତ୍ନୀ କଲେ ନିର୍ଯ୍ୟାତନା ଅଭିଯୋଗ



ଭୁବନେଶ୍ୱର,୧୮/୦୧ (ନି.ପ୍ର): କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ବିରୋଧରେ ତାଙ୍କ ପତ୍ନୀ ଶ୍ରେୟା ମିଶ୍ର ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ କରିଛନ୍ତି । ସେ ଥାନାରେ ପାରିବାରିକ ହିଂସା ଓ ଦାମ୍ପତ୍ୟ କଳହ ସଂପର୍କରେ ଅଭିଯୋଗ କରିଛନ୍ତି। ଉଭୟଙ୍କୁ କାଉନସେଲିଂ ପାଇଁ ଥାନାକୁ ଡକାଯିବ ବୋଲି କଟକ ଡିସିପି ପିନାକ ମିଶ୍ର କହିଛନ୍ତି ।

## କେସିଆରଙ୍କ ନେତୃତ୍ୱରେ ଏକାଠି ହେଲେ ଅଣ କଂଗ୍ରେସ ଓ ଅଣ ବିଜେପି



ନୂଆଦିଲ୍ଲୀ, ୧୮/୦୧ : ତେଲେଙ୍ଗାନାର ଶାସକ ଦଳ ତେଲେଙ୍ଗାନା ରାଷ୍ଟ୍ର ସମିତି ବା ଭାରତ ରାଷ୍ଟ୍ର ସମିତିର ମେଗା ରାଲି । ଦଳର ନାମ ପରିବର୍ତନ ହେବା ପରେ ପ୍ରଥମ ଥର ପାଇଁ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେସିଆରଙ୍କ ନେତୃତ୍ୱରେ ଖମ୍ମାମରେ ମେଗା ରାଲି ହୋଇଛି । ଏହା ପୂର୍ବରୁ ୟାଦଗିରିଗୁଟା ମନ୍ଦିରରେ ମୋଦୀ ବିରୋଧୀ ଏକାଠି ହୋଇଛନ୍ତି । ଏହି ମନ୍ଦିରକୁ ୧୨୦୦ କୋଟି ଟଙ୍କା ଖର୍ଚ୍ଚ କରି ପୁନରୁଦ୍ଧାର କରିଛନ୍ତି କେସିଆର ସରକାର । ଏପରି କରି ହିନ୍ଦୁତ୍ୱ କାର୍ଡ ଖେଳି ବିଜେପିର ଭୋଟ୍ ବ୍ୟାଙ୍କକୁ ଟାର୍ଗେଟ କରିଛନ୍ତି କେସିଆର । ମେଗା ରାଲି ଜରିଆରେ ଦକ୍ଷିଣରୁ ଦିଲ୍ଲୀକୁ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ କେସିଆର ବଡ ବାର୍ତା ପଠାଇବାକୁ ପ୍ରୟାସ କରିଛନ୍ତି । ଏହି ରାଲିରେ ଆପ୍ ନେତା ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲ, ପଂଜାବ ମୁଖ୍ୟମନ୍ତ୍ରୀ ଭଗଓ୍ୱନ୍ତ ମାନ୍, ସମାଜବାଦୀ ପାର୍ଟି ଅଖିଲେଶ ଯାଦବ, କେରଳ ମୁଖ୍ୟମନ୍ତ୍ରୀ ପିନରାୟ ବିଜୟନ ଏବଂ ସିପିଆଇ ନେତା ଡି. ରାଜା ସାମିଲ ହୋଇଥିଲେ । ବିଜେପିର ଜାତୀୟ କାର୍ଯ୍ୟକାରିଣୀ ବୈଠକରେ ୪୦୦ ଦିନର ଟାର୍ଗେଟ ପ୍ରଧାନମନ୍ତ୍ରୀ ଦେବା ପରେ ଏହି ମେଗା ରାଲି ହୋଇଛି । ଅଖିଲେଶ ମଧ୍ୟ ଏହାକୁ ନେଇ ଜୋରଦାର ବର୍ଷିଛନ୍ତି । କେସିଆର ମୋଦୀ ବିରୋଧୀଙ୍କୁ ଏକାଠି କରି ଦିଲ୍ଲୀରେ ବିଜେପିକୁ କ୍ଷମତାଚ୍ୟୁତ ପାଇଁ ହୁଙ୍କାର ଦେଇଛନ୍ତି । ବିରୋଧୀ ରାଲିରେ ରୋଜଗାର ପାଖରୁ ଆରମ୍ଭ କରି ବିଭିନ୍ନ ରାଜ୍ୟରେ ରାଜ୍ୟପାଳ ଏବଂ ସରକାର ମଧ୍ୟରେ ଚାଲିଥିବା ବିବାଦ କଥା ଉଠାଇଛନ୍ତି । ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗଓ୍ୱନ୍ତ ମାନ କହିଛନ୍ତି ଯେ ଦେଶର ଯୁବକମାନେ ଚାକିରି ଚାହୁଁଛନ୍ତି । ଏ ଦେଶ ରୋଜଗାର ଚାହୁଁଛି, ଯୁବକମାନେ ବେକାର ଅଛନ୍ତି । ସେହିପରି ବିଜେପିକୁ ଭାରତୀୟ ଜୁମଲା ପାର୍ଟି କହି କଟାକ୍ଷ କରିଛନ୍ତି । ଅନ୍ୟପଟେ ବିଜେପି ମଧ ତେଲେଙ୍ଗାନାରେ ଗଡ ମଜବୁତ ପାଇଁ ପ୍ରୟାସ କରିଛି । ଫେବୃଆରୀରୁ ବିଭିନ୍ନ ଶକ୍ତି କେନ୍ଦ୍ରରେ ୧୧ ହଜାର ରାଲି ଆରମ୍ଭ କରିବାକୁ ଯାଉଛି । ତେଲେଙ୍ଗାନାରେ ପୌର ନିର୍ବାଚନରେ ଏବଂ ସହର ଗୁଡିକରେ ବିଜେପିର ଭୋଟ୍ ବ୍ୟାଙ୍କ ବଢିଛି । ଗତବର୍ଷ ନିଜେ ପ୍ରଧାନମନ୍ତ୍ରୀ ମଧ୍ୟ ୪ ଥର ତେଲେଙ୍ଗାନା ଗସ୍ତରେ ଆସିଥିଲେ ।

## ୟୁକ୍ରେନ ଗୃହମନ୍ତ୍ରୀଙ୍କ ସହ ୧୬ ହରାଇଲେ ପ୍ରାଣ



ନୂଆଦିଲ୍ଲୀ,୧୮/୦୧ : ୟୁକ୍ରେନ ଗୃହମନ୍ତ୍ରୀଙ୍କ ହେଲିକପ୍ଟର ଦୁର୍ଘଟଣାରେ ମୃତ୍ୟୁ । ରାଜଧାନୀ କିଭ ବାହାରେ ବ୍ରୋବେରୀରେ ଥିବା କିଣ୍ଡରଗାର୍ଡେନ ନିକଟରେ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି । ୟୁକ୍ରେନ ଗୃହମନ୍ତ୍ରୀ ଡେନିସ ମୋନାଷ୍ଟିରସ୍କିଙ୍କ ସହ କିଣ୍ଡରଗାର୍ଡେନର ୨ ଶିଶୁ ଓ କିଛି କର୍ମଚାରୀ ଏହି ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି । ବ୍ରୋବେରୀ, କିବ୍ ସହରର ଉତର-ପୂର୍ବ ଦିଗର ପ୍ରାୟ ୨୦କିଲୋମିଟର ଦୂରରେ ଅବସ୍ଥିତ । ମସ୍କୋ ଆକ୍ରମଣର ପ୍ରାରମ୍ଭିକ ପର୍ଯ୍ୟାୟରେ ରୁଷ ଏବଂ ୟୁକ୍ରେନ ସୈନ୍ୟବାହିନୀ, ବ୍ରୋବେରୀକୁ ନିୟନ୍ତ୍ରଣ କରିବା ପାଇଁ ଲଢ଼ିଥିଲେ । ତେବେ ହେଲିକପ୍ଟରଟି କାହିଁକି ଦୁର୍ଘଟଣାଗ୍ରସ୍ତ ହେଲା ତାହା ସ୍ପଷ୍ଟ ହୋଇନାହିଁ । ଏହି ଘଟଣାକୁ ନେଇ ରୁଷ ଓ ୟୁକ୍ରେନ ପକ୍ଷରୁ କୌଣସି ପ୍ରତିକ୍ରିୟା ରଖାଯାଇନାହିଁ । ଦୁର୍ଘଟଣା ଯାନ୍ତ୍ରିକ ତ୍ରୁଟି ପାଇଁ ହେଲା କି ରୁଷର ଆକ୍ରମଣ ପାଇଁ ହେଲା, ତାହା ସ୍ପଷ୍ଟ ହୋଇନାହିଁ ।

## ଗୃହ ଓ କ୍ରୀଡା ରାଷ୍ଟ୍ରମନ୍ତ୍ରୀଙ୍କ ଘରକୁ ଅଣ୍ଡାମାଡ଼

ଭୁବନେଶ୍ୱର,୧୮/୦୧ (ନି.ପ୍ର): ମହିଳା କ୍ରିକେଟ୍‌ର ରାଜଶ୍ରୀ ସ୍ୱାଇଁ ମୃତ୍ୟୁ ଏବଂ ଭୁବନେଶ୍ୱରରେ ୨ ନାବାଳିକାଙ୍କୁ ଗଣଦୁଷ୍କର୍ମ ଘଟଣାକୁ ବିରୋଧ କଲା ଛାତ୍ର କଂଗ୍ରେସ । ଛାତ୍ର କଂଗ୍ରେସ କର୍ମୀ ମାନେ ଏହି ୨ଟି ଘଟଣାକୁ ପ୍ରତିବାଦ କରି ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ଘର ଉପରକୁ ଅଣ୍ଡାମାଡ଼ କରିଛନ୍ତି । । ଛାତ୍ର କଂଗ୍ରେସ କର୍ମୀ ମାନେ ଏହି ଘଟଣାର ପ୍ରତିବାଦ କରିବା ସହ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି ।

## ଦିଲ୍ଲୀ ବିଧାନସଭାରେ ଟଙ୍କା ବିଡା ଦେଖାଇ ଦୁର୍ନୀତିର ପ୍ରତିବାଦ କଲେ ଆପ୍ ବିଧାୟକ



ନୂଆଦିଲ୍ଲୀ,୧୮/୦୧ : ଆଜି ଦିଲ୍ଲୀ ବିଧାନସଭାରେ ଏପରି ଘଟିଛି ଯାହା ଆମ ଆଦମୀ ପାର୍ଟି ମୁଖ୍ୟ ଅରବିନ୍ଦ କେଜ୍ରିଓ୍ୱାଲଙ୍କୁ ଚିନ୍ତାରେ ପକାଇଦେଇଛି । ଆପ୍ ଦଳର ଜଣେ ବିଧାୟକ ବିଧାନସଭାରେ ଟଙ୍କା ବିଡା ଦେଖାଇ ତାଙ୍କୁ ଜଣେ ଘରୋଇ କଂଟ୍ରାକ୍ଟର ଲାଂଚ ଦେବାକୁ ଚେଷ୍ଟା କରିଥିବା ଅଭିଯୋଗ ଆଣିଛନ୍ତି । ସରକାରୀ ସିଟି ହସ୍ପିଟାଲର ଜଣେ କଂଟ୍ରାକ୍ଟର ତାଙ୍କୁ ଲାଂଚ ଯାଚିଥିବା ଆପ୍ ବିଧାୟକ ମହେନ୍ଦ୍ର ଗୋଏଲ କହିଛନ୍ତି । ରୋହିଣିରେ ଥିବା ବାବାସାହେବ ଆମ୍ବେଦକର ହସ୍ପିଟାଲରେ ଅସ୍ଥାୟୀ କର୍ମଚାରୀ ତଥା ଷ୍ଟାଫ୍ ନିଯୁକ୍ତି କ୍ଷେତରେ ଅନିୟମିତତା ହୋଇଥିବା ସେ ଅଭିଯୋଗ କରିଛନ୍ତି । ଏଭଳି ଅଭିଯୋଗ କରିବା ସହ ତାଙ୍କ ଜୀବନ ପ୍ରତି ବିପଦ ଥିବା କହିଛନ୍ତି ଆପ୍ ବିଧାୟକ । ପାଓ୍ୱାରଫୁଲ ବ୍ୟକ୍ତିମାନଙ୍କ ପକ୍ଷରୁ ତାଙ୍କ ପ୍ରତି ଭୟ ରହିଛି ସେମାନେ ତାଙ୍କୁ ଚୁପ୍ କରିଦେବାକୁ ଚେଷ୍ଟା କରୁଥିବା କହିଛନ୍ତି ଏହି ଆପ୍ ବିଧାୟକ । ଯାହାକୁ ନେଇ ଆଜି ଦିଲ୍ଲୀ ବିଧାନସଭାରେ ପ୍ରବଳ ହଟଗୋଳ ଦେଖିବାକୁ ମିଳିଛି । ଆପ ବିଧାୟକଙ୍କ ଏଭଳି ବୟାନ ପରେ ବିଜେପି ବିଧାୟକମାନେ ଆପକୁ ଘେରିଛନ୍ତି । ତେବେ ସମ୍ପୃକ୍ତ କଂଟ୍ରାକ୍ଟର ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ଉଠୁଛି ।

## ୧୪ ପୁଲିସ ଡିଏସପିଙ୍କ ବଦଳି

ଭୁବନେଶ୍ୱର,୧୮/୦୧ (ନି.ପ୍ର): ରାଜ୍ୟ ପୁଲିସ ଏଷ୍ଟାବ୍ଲିସମେଂଟ ବୋର୍ଡର ନିଷ୍ପତ୍ତି ଆଧାରରେ ଆଜି ୧୪ଜଣ ପୁଲିସ ଡିଏସପିଙ୍କର ବଦଳି ହୋଇଛି । ଏହି ସମସ୍ତ ପୁଲିସ ଅଫିସରଙ୍କୁ ନିକଟରେ ପୁଲିସ ଡିଏସପି ପାହ୍ୟାକୁ ପଦୋନ୍ନତି ମିଳିଥିଲା । ରାଜ୍ୟ ପୁଲିସ ମୁଖ୍ୟାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଓଡ଼ିଶା ପୁଲିସ ସେବା(ଓପିଏସ) ଅଫିସର ବିଶ୍ୱପ୍ରକାଶ ପଟ୍ଟନାୟକଙ୍କୁ କଟକସ୍ଥିତ ଏଚଆରପିସି ଡିଏସପି ଭାବେ ବଦଳି କରାଯାଇଥିବାବେଳେ ଓପିଏସ୍ ରଜନୀକାନ୍ତ ମଲ୍ଲିକଙ୍କୁ କଟକସ୍ଥିତ ଏଚଆରପିସି ଡିଏସପି ଭାବେ ବଦଳି ହୋଇଛି । ତେବେ ତାଙ୍କୁ ଡେପୁଟେସନରେ ନୟାଗଡ଼ ପୁଲିସ ପ୍ରଶିକ୍ଷଣ କେନ୍ଦ୍ରକୁ ପଠାଯାଇଛି । ସେହିପରି ପ୍ରଫୁଲ୍ଲ କୁମାର ସିଂଙ୍କୁ କଟକସ୍ଥିତ ରାଜ୍ୟ ଏଚଆରପିସି ଡିଏସପି ଓ ଆଲୋକ କୁମାର ଜେନାଙ୍କୁ କେନ୍ଦୁଝର ମୁଖ୍ୟାଳୟ ଡିଏସପି ଭାବେ ବଦଳି ହୋଇଛି । ଏହି ସମସ୍ତ ଅଫିସରଙ୍କୁ ନିକଟରେ ଇନ୍ସପେକ୍ଟରରୁ ▶▶ପୃଷ୍ଠା ୭

## ଭୁବନେଶ୍ୱରରେ ପହଂଚିଲା ବିଜୁ ବାବୁଙ୍କ ଡାକୋଟା



ଭୁବନେଶ୍ୱର,୧୮/୦୧ (ନି.ପ୍ର): ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଐତିହାସିକ ସ୍ମୃତି ବହନ କରୁଥିବା 'ଡାକୋଟା' ବିମାନ ବୁଧବାର ଭୁବନେଶ୍ୱରରେ ପହଂଚିଛି । ଦୀର୍ଘବର୍ଷ ଧରି କୋଲକାତାସ୍ଥିତ ନେତାଜୀ ସୁବାସଚନ୍ଦ୍ର ବୋଷ ଆନ୍ତର୍ଜାତିକ ବିମାନ ବନ୍ଦରରେ ଥିବା ଏହି ଡାକୋଟା ଡିସି-୩ ଭିଟି-ଏୟୁଆଇ ବିମାନକୁ ଓଡ଼ିଶା ଅଣାଯାଇଛି । ଭୁବନେଶ୍ୱରରେ ଡାକୋଟା ପହଂଚିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିମାନବନ୍ଦରରେ ପହଂଚି ଏହାକୁ ସମ୍ବର୍ଦ୍ଧନା ଜଣାଇଥିଲେ । ଡାକୋଟା ସହିତ ବିଜୁ ବାବୁଙ୍କ ଐତିହାସିକ ସ୍ମୃତି ଯୋଡି ହୋଇ ରହିଛି ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଥିଲେ । ୩ଟି ବଡ଼ ଟ୍ରଲର ସହାୟତାରେ ଏହି ଡାକୋଟା ବିମାନର ଅଂଶବିଶେଷ ଭୁବନେଶ୍ୱରରେ ପହଂଚିବା ପରେ ଏହାକୁ ସାଧାରଣ ଲୋକ ସ୍ୱାଗତ କରିଥିଲେ । ଡାକୋଟା ବିମାନଟିକୁ ମରାମତି କରାଯିବା ପରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ସମ୍ମୁଖରେ ପ୍ରଦର୍ଶିତ କରାଯିବ । ଭୁବନେଶ୍ୱରରେ ପହଂଚିବା ପୂର୍ବରୁ ବିଜୁବାବୁଙ୍କ ବିମାନକୁ ଦେଖିବା ପାଇଁ କଟକରେ ପ୍ରବଳ ଭିଡ଼ ଲାଗିଥିଲା । ଜଗତପୁର, ଶିଖରପୁର, ମଧୁପାଟଣା ମୁଖ୍ୟ ରାଜପଥ ଦେଇ ଡାକୋଟା ଭୁବନେଶ୍ୱର ଅଭିମୁଖେ ଆସିଥିଲା ।

## ପଟିଆ ନାବାଳିକା ଅପହରଣ ଓ ଦୁଷ୍କର୍ମ ବିରୋଧରେ ବିଜେପି ପକ୍ଷରୁ ବିକ୍ଷୋଭ

ଭୁବନେଶ୍ୱର,୧୮/୦୧ (ନି.ପ୍ର): ପଟିଆ ରେଲୱେ ଷ୍ଟେସନ ନିକଟରେ ୨ ନାବାଳିକାଙ୍କୁ ଦୁଷ୍କର୍ମ ଘଟଣାରେ ପୀଡିତାଙ୍କୁ ନ୍ୟାୟ ଦାବିରେ ଭୁବନେଶ୍ୱର ଜିଲ୍ଲା ବିଜେପି ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଂଟିନ୍ ଛକ ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଭୁବନେଶ୍ୱର ଜିଲ୍ଲା ସଭାପତି ବାବୁ ସିଂ କହିଛନ୍ତି ଶାସକ ବିଜେଡି ନେତା ଓ ମନ୍ତ୍ରୀଙ୍କୁ ସୁରକ୍ଷା ଦେବାରେ ବ୍ୟସ୍ତ ଥିବା ପୋଲିସ ଆଜି ସାଧାରଣ ଜନତାଙ୍କୁ ସୁରକ୍ଷା ଦେବାରେ ବିଫଳ । ଗତକିଛି ଦିନ ତଳେ ମହିଳା ଏସଆଇଙ୍କ ଉପରେ ଆକ୍ରମଣ, ମହିଳା କ୍ରିକେଟରଙ୍କୁ ହତ୍ୟା ଓ ଗତକାଲି ରାତ୍ରିରେ ୨ଜଣ ନାବାଳିକାଙ୍କୁ ପଟିଆ ରେଲୱେ ଷ୍ଟେସନ ନିକଟରେ ବାନ୍ଧି ଦୁଷ୍କର୍ମ ଘଟଣା ସାରା ରାଜ୍ୟରେ ହଇଚଇ ସୃଷ୍ଟି କରିଛି । କିନ୍ତୁ ରାଜ୍ୟ ସରକାର ମହିଳାଙ୍କୁ ସୁରକ୍ଷା ଦେବା ପରିବର୍ତେ ହକି ବିଶ୍ୱକପ୍ ମହାକୁମ୍ଭ ଲାଗି ଚଳଚଂଚଳ ରହିବା ଲଜ୍ୟା ଓ ପରିତାପର ବିଷୟ । ହକି ବିଶ୍ୱକପ୍‌ରେ ଶୃଙ୍ଖଳା ଲାଗି ରାଜ୍ୟ ସରକାର ପୋଲିସ ମୁତୟନ କରିଛନ୍ତି କିନ୍ତୁ ଓଡ଼ିଶାରେ ଦିନକୁ ହାରାହାରି ୬ଜଣ ମହିଳାଙ୍କୁ ଦୁଷ୍କର୍ମ ହେଉଥିଲେ ବି ନବୀନ ବାବୁ କାହିଁକି କୌଣସି ପଦକ୍ଷେପ ନେଉ ନାହାନ୍ତି ତାହା ବଡ ପ୍ରଶ୍ନବାଚୀ ସୃଷ୍ଟି ହେଉଛି ବୋଲି ଶ୍ରୀ ସିଂ କହିଛନ୍ତି । ଯଦି ବାରମ୍ବାର ମହିଳାଙ୍କ ପ୍ରତି ଅତ୍ୟାଚାର ବଢ଼େ ତାହାଲେ କିଭଳି ମହିଳା ନିଜକୁ ସୁରକ୍ଷିତ ମଣିବେ ବୋଲି ପ୍ରଶ୍ନ କରିଛନ୍ତି ଶ୍ରୀ ସିଂ । ପୀଡିତା ନାବାଳିକାଙ୍କ ନ୍ୟାୟ ଦାବିରେ ▶▶ପୃଷ୍ଠା ୭

## ଆବାସ ତାଲିକା ଲାଗିବା ପରେ ତେଜିଲା ଅସନ୍ତୋଷ

ନୂଆଦିଲ୍ଲୀ,୧୮/୦୧ : ଗାଁ ଗାଁରେ ତେଜିବାରେ ଲାଗିଛି ଘର କଳି । ସରକାରଙ୍କ ପକ୍ଷରୁ ସମ୍ଭାବ୍ୟ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରକାଶ ପାଇବା ପରେ ତେଜିବାରେ ଲାଗିଛି ଅସନ୍ତୋଷ । ଯେଉଁମାନେ ବର୍ଷ ବର୍ଷ ଧରି ଆବାସ ଯୋଜନାରେ ଘର ପାଇବକୁ ଅନାଇ ରହିଛନ୍ତି, ଚାଳ ଛପର, ଭଙ୍ଗା ଦଦରା ଘରେ, ପଲିଥିନ୍ ଟାଣି ରହୁଛନ୍ତି, ନାଁ ତାଲିକାରେ ନଥିବା ଦେଖି ସେମାନେ ଚିହିଁକି ଉଠିଛନ୍ତି । ଯାହାକୁ ନେଇ ବିଭିନ୍ନ ସ୍ଥାନରୁ ଆସିବାରେ ଲାଗିଛି ପ୍ରତିବାଦର ଚିତ୍ର । ଆବାସ ଘର ପାଇଁ ପ୍ରକାଶ ପାଇଥିବା ହିତାଧିକାରୀଙ୍କ ତାଲିକାକୁ ନେଇ ଲୋକଙ୍କ ଭିତରେ କେମିତି ଅସନ୍ତୋଷ ସୃଷ୍ଟି ହେଉଛି ଏସବୁ ହେଉଛି ତାର ଗୋଟିଏ ଗୋଟିଏ ନମୁନା । ଉପକୂଳରୁ ଉପାନ୍ତ ସବୁଠି ସମ୍ଭାବ୍ୟ ତାଲିକାକୁ ନେଇ ତେଜିବାରେ ଲାଗିଛି ଅସନ୍ତୋଷ । ଯେଉଁମାନେ ଘର ପାଇବାକୁ ଯୋଗ୍ୟ, ▶▶ପୃଷ୍ଠା ୭

# ସାଂସଦ ବ୍ୟକ୍ତିଗତ ଉଦ୍ୟମରେ ଗୋହିପିଟାଠାରେ କରିବେ ଏକ ବିଦ୍ୟାଳୟ ସହିତ ଏକ ଡାକ୍ତରଖାନା

ବୌଦ୍ଧ, ୧୮/୦୧ (ନି.ପ୍ର): କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ବ୍ୟକ୍ତିଗତ ଉଦ୍ୟମରେ ଗୋହିପିଟା ଠାରେ ଏକ ବିଦ୍ୟାଳୟ ସହିତ ଏକ ଡାକ୍ତରଖାନା ପ୍ରତିଷ୍ଠା କରିବେ। ସାଂସଦ ଯୋଗୀନ୍ଦ୍ରପୁର ପଂଚାୟତ ଗୋହିପିଟା ଠାରେ ଏକ ବିଦ୍ୟାଳୟ ସହିତ ୨ ଶହ ଶଯ୍ୟା ବିଶିଷ୍ଟ ଏକ ଡାକ୍ତରଖାନା ପ୍ରତିଷ୍ଠା ପାଇଁ ଭୂମି ପୂଜନ କରିଛନ୍ତି । ଗୋହିପିଟା ଠାରେ ବିଜୁ ଜନତା ଦଳର ୨୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ବ୍ଲକ ବିଜେଡି ସଭାପତି ପ୍ରେମରାଜ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥିଭାବେ କନ୍ଧମାଳ ଲୋକସଭା ସଦସ୍ୟ ଡାକ୍ତର ଅଚ୍ୟୁତ ସାମନ୍ତ, ମୁଖ୍ୟ ସମ୍ମାନିତ ଅତିଥିଭାବେ କଂଟାମାଳ ବିଧାୟକ ମହିଧର ରଣା, ଅନ୍ୟତମ ସମ୍ମାନିତ ଅତିଥିଭାବେ ବୌଦ୍ଧ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ବରିଷ୍ଠ ନେତା ଜାନି ସେନାପତି, ବୌଦ୍ଧ ବିଜେଡି ଉପସଭାପତି ସୁଧୀର କୁମାର ମହାକୁଡ଼, ସାଂସଦ ପ୍ରତିନିଧି ସମ୍ଭୁପ୍ରସାଦ ସାହୁ, ବରିଷ୍ଠ ନେତା ରମଣି ପ୍ରଧାନ, ବୌଦ୍ଧ ବ୍ଲକ ବିଜେଡି ସଭାପତି ବାଳ ମୁକୁନ୍ଦ ମେହେର, ଯୋନ ନଂ ୧ ଜିଲ୍ଲାପାରିଷଦ ସଭ୍ୟା ସୁମିତ୍ରା ସାହୁ ପ୍ରମୁଖ ମଂଚାସିନ ହୋଇ ବିଜୁ ଜନତା ଦଳର ନାମକରଣ ଠାରୁ ଆରମ୍ଭ କରି ଏହାର ପ୍ରତିଷ୍ଠା ଦିନ ଠାରୁ ଦଳ କିପରି ଓଡ଼ିଶାବାସୀଙ୍କ ପ୍ରିୟଭାଜନ ହୋଇପାରିଛି, ଭଲ ପାଇବା ପାଇ ପାରିଛି, ବର୍ଷକୁ ବର୍ଷ କିପରି ଅଧିକରୁ ଅଧିକ ଜନ ସମର୍ଥନ ହାସଲ କରିପାରିଛି, ବିଜୁ ବାବୁଙ୍କ ସ୍ୱପ୍ନ ସାକାର ପାଇଁ ପ୍ରତିବଦ୍ଧତା, ନବୀନ ପଟ୍ଟନାୟକଙ୍କ ନିର୍ମଳ ଭାବମୂର୍ତ୍ତି, ବିଜେଡିର ଜନ କଲ୍ୟାଣକାରୀ ଯୋଜନା ଓ କାର୍ଯ୍ୟକ୍ରମ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଶେଷକରି ବିଜେଡି ଶାସନ ସମୟରେ ତଥା ମହିଧର ରଣା ବିଧାୟକ ହେବା ଦିନଠୁ କଂଟାମାଳ ନିର୍ବାଚନ ମଣ୍ଡଳୀରେ ରାସ୍ତାଘାଟର ଉନ୍ନତି, ଜଳସେଚନ ପାଇଁ ୪ ଟି ମେଗା ଜଳସେଚନ ପ୍ରକଳ୍ପ ସ୍ଥାପନ, ପିଇବା ପାଣି ପାଇଁ ପାଇପ ଯୋଗେ ବିଶୁଦ୍ଧ ଜଳ ଯୋଗାଣ ବ୍ୟବସ୍ଥା, ଗମନାଗମନ ପାଇଁ ତେଲନଦୀ ଉପରେ ୪ ଟି ସେତୁ ନିର୍ମାଣ ଚାଲୁଥିବା, ବାଉଁଶୁଣି-ବିରମହାରାଜପୁର ସଂଯୋଗ ପାଇଁ ମହାନଦୀ ଉପରେ ସେତୁ ନିର୍ମାଣ ଯୋଜନା ଆରମ୍ଭ, ବହୁତ ଗ୍ରାମ ମନ୍ଦିର ମରାମତି, କମ୍ୟୁନିଟି ସେଣ୍ଟର, କୁଞ୍ଜଘର ନିର୍ମାଣ, ଖେଳ ପଡିଆ ଉନ୍ନତିକରଣ ଇତ୍ୟାଦି ଅନେକ ବିକାଶମୂଳକ କାମ ପାଇଁ ବିଧାୟକ ପାଣ୍ଠି ଓ ଅନ୍ୟ ଯୋଜନାରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ବିଧାୟକ ଶ୍ରୀ ରଣା ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ଏ ଅଂଚଳର ଲୋକମାନଙ୍କୁ ଉତମ ଶିକ୍ଷା ଓ ସ୍ୱାସ୍ଥ୍ୟର ସେବା ପ୍ରଦାନ ପାଇଁ କନ୍ଧମାଳ ସାଂସଦ ଡାକ୍ତର ସାମନ୍ତ ନିଜ ବ୍ୟକ୍ତିଗତ ପ୍ରଚେଷ୍ଟା ତଥା ଉଦ୍ୟମରେ ଗୋହିପିଟା (ରଙ୍ଗପାଲି) ଠାରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମାଗଣା ଶିକ୍ଷାଦାନ ସକାଶେ ଏକ ବିଦ୍ୟାଳୟ ସ୍ଥାପନ ଏବଂ ଉତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ୨ ଶହ ଶଯ୍ୟା ବିଶିଷ୍ଟ ଏକ ଡାକ୍ତରଖାନା ପ୍ରତିଷ୍ଠା ପାଇଁ ସାଂସଦ ଡାକ୍ତର ସାମନ୍ତ ଗତକାଲି ଭୂମି ପୂଜନ କରିଥିଲେ। ପ୍ରାୟ ୧ ଶହ ଏକର ପରିମିତ ସ୍ଥାନରେ ହେବାକୁ ଥିବା ଏହି ବିଦ୍ୟାଳୟ ଓ ଡାକ୍ତରଖାନା ଭୂମିପୂଜନ କରିଥିବାରୁ ଉପସ୍ଥିତ ସମସ୍ତ ବିଜେଡି ନେତା ସାଂସଦ ଡ. ସାମନ୍ତଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ଆମ ସାଂସଦ ହୋଇ ନ ଥିଲେ ଏପରି ବଡ଼ ପ୍ରକଳ୍ପ ବିନା ସରକାରୀ ସାହାଯ୍ୟରେ ଆମେ ପାଇ ପାରି ନ ଥାନ୍ତୁ ବୋଲି ଜିଲ୍ଲାପାରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ବିଧାୟକ ଶ୍ରୀ ରଣା, ଜିଲ୍ଲା ବିଜେଡି ଉପସଭାପତି ସୁଧୀର ମହାକୁଡ଼, ବରିଷ୍ଠ ନେତା ଜାନି ସେନାପତି ପ୍ରମୁଖ କହିଥିଲେ। ସେହିପରି ଗୋହିପିଟାକୁ ମିଶାଇ ମନମୁଣ୍ଡାକୁ ଏକ ବିଜ୍ଞାପିତ ଅଂଚଳ ପରିଷଦ(ଏନ ଏ ସି) ଘୋଷଣା କରିବାକୁ ଚେଷ୍ଟା କରିବା ପାଇଁ ଜାନି ସେନାପତି ଦାବି ରଖିଥିଲେ। ଏମାନଙ୍କ ବ୍ୟତୀତ କସୁରବନ୍ଧ ସରପଂଚ ସରୋଜ କୁମାର କର୍ଣ୍ଣ, ଶଗଡା ସମିତି ସଭ୍ୟ କୁନୁ ଦନ୍ତା, ବରିଷ୍ଠ ବିଜେଡି ନେତା ରବିନାରାୟଣ ପଣ୍ଡା, ତ୍ରିନାଥ ପ୍ରଧାନ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ପ୍ରଶାନ୍ତ ରଣା, ଯୁବ ନେତା ସୁଧାଂଶୁ ରଣାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ହୋଇଥିବା ସଭାରେ ପ୍ରାୟ ୧୦ ହଜାର ଜନ ସମାଗମ ହୋଇଥିଲା। ଶେଷରେ ଯୁବ ଦକ୍ଷ ନେତା ରଞ୍ଜନ ଜଗଦଲା ଧନ୍ୟବାଦ ଅର୍ପଣ କରିଥିଲେ।

# ସରକାରଙ୍କ ନିୟମକୁ ମାନିଲାନି ଡାକ୍ତରଖାନା : ଦୁର୍ଘଟଣାରେ ଆହତ ଯୁବକଙ୍କ ଜୀବନ ଚାଲିଗଲା

ରାଉରକେଲା, ୧୮/୦୧ (ନି.ପ୍ର): ସରକାରଙ୍କର ନିୟମ ରହିଛି ଦୁର୍ଘଟଣାରେ ଆହତ ବ୍ୟକ୍ତି ୪୮ ଘଂଟା ଭିତରେ ଡାକ୍ତରଖାନାରେ ପହଁଚିଲେ ତାର ଆଶୁ ଚିକିତ୍ସା କରିବା ଦାୟିତ୍ୱ ଡାକ୍ତରଖାନା ମାନଙ୍କର, ହେଲେ ରାଉରକେଲା ନିକଟରେ ଥିବା ଏକ ଘରୋଇ ଡାକ୍ତରଖାନା ଜେପି ହସପିଟାଲ ଏହି ନିୟମକୁ ଫୁ କରିଦେଲେ। ରୋଗୀ ପହଁଚିବାର ୨ଘଂଟା ଯାଏ ପଚାରିଲେନି, ବିଏସକେୱାଇ କାର୍ଡ ଧାରୀ ଏହି ପରିବାରର ପୁଅର ଚିକିତ୍ସା ଲାଗି ଓଲଟି ୫୦ ହଜାର ମାଗିଲେ, ପରିବାର ଲୋକ ଦେଇ ପାରିଲେନି ଚିକିତ୍ସା ମଧ ହେଲାନି ଶେଷରେ ଯୁବକଙ୍କର ମୃତ୍ୟୁ ଘଟିଲା ବୋଲି ତାର ପରିବାର ପକ୍ଷରୁ ଅଭିଯୋଗ ହୋଇଛି । ରାଉରକେଲା ହନୁମାନ ବାଟିକା ନିକଟରେ ଗତକାଲି ଅପରାହ୍ନ ପ୍ରାୟ ୪ଟା ବେଳେ ଏସଟିଆଇ ନିବାସୀ ଚନ୍ଦନ ଦଲାଇ (୧୯) ମୋଟର ସାଇକେଲରେ ଦୁର୍ଘଟଣାଗ୍ରସ୍ତ ହୋଇ ସରକାରୀ ଡାକ୍ତରଖାନାକୁ ଯାଇଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ଦେଖି ତାଙ୍କୁ ଜେପି ଡାକ୍ତରଖାନାକୁ ପଠାଇଦେଲେ । ତେବେ ଜେପି ଡାକ୍ତରଖାନାରେ ଅପରାହ୍ନ ୫ଟା ୧୫ରେ ଏହି ରୋଗୀ ପହଁଚିବାର ୨ଘଂଟାଯାଏ କୌଣସି ଚିକିତ୍ସା କରାନଯାଇ ଓଲଟି ୫୦ ହଜାର ଟଙ୍କା ଦାଖଲ ଲାଗି କୁହାଯାଇଥିବା ଅଭିଯୋଗ ହୋଇଛି । ଏହି ରୋଗୀଙ୍କର ପରିବାର ପାଖରେ ବିଏସକେୱାଇ କାର୍ଡ ମଧ ରହିଥିଲା କିନ୍ତୁ ତାଙ୍କୁ ସଠିକ ଭାବେ ଚିକିତ୍ସା ମିଳିଲାନି ତେଣୁ ସନ୍ଧ୍ୟା ୭ଟା ୩୦ ରେ ଯୁବକର ଜୀବନ ଚାଲିଗଲା । ଆଜି ସକାଳୁ ଏହି ଖବର ପାଇ ସହରର ଅନେକ ଯୁବକ ସେଠାରେ ପହଁଚି ଡାକ୍ତରଖାନାର ସମ୍ମୁଖରେ ଲାଗିଥିବା କାଚ ଗୁଡିକୁ ଭାଂଗି ଚୁରମାର କରିବାପରେ ପୁଲିସ ସେଠାରେ ପହଁଚି ସ୍ଥିତିକୁ ଆୟତକୁ ନେଇଛି । ତେବେ ଏହି ଘଟଣାରେ ମୃତ ଯୁବକର ପିତା ହେମନ୍ତ ଦଳେଇ ଯିଏକି ଫାଷ୍ଟଫୁଡ ଦୋକାନ କରି ଚଳନ୍ତି ସେ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି ଯେ, ତାଙ୍କ ପୁଅର ଚିକିତ୍ସା ଏହି ଡାକ୍ତରଖାନା କଲାନି ୫୦ ହଜାର ମାଗିଲେ ଓ ଶେଷରେ ତାଙ୍କ ପୁଅର ମୃତ୍ୟୁହେଲା। ଏଥିଲାଗି ଜେପି ଡାକ୍ତରଖାନା ଦାୟୀ ବୋଲି ସେ ଏତଲାରେ ଉଲ୍ଲେଖ କରିଛନ୍ତି । ତେଣୁ ରାସ୍ତା ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ଚିକିତ୍ସା କରାନଯିବା ଓ ଜଣେ ଯୁବକର ଜୀବନ ଚାଲିଜିବା ମାମଲାରେ ସରକାର କଣ ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା ବୋଲି ଜାଣିବା ଶୁଣିବା ମହଲରେ ଆଲୋଚନା ଚାଲିଛି ।

# କୁଶଙ୍ଗ କଲେଜରେ ତିନିଦିନିଆ ନେତୃତ୍ୱ ତାଲିମ ଶିବିର ଉଦ୍‌ଯାପନ

ବଲାଙ୍ଗିର , ୧୮/୦୧ (ନି.ପ୍ର): ବଲାଙ୍ଗିରର ଆଂଚଳିକ ଡ଼ିଗ୍ରୀ ମହାବିଦ୍ୟାଳୟ କୁଶଙ୍ଗ ଠାରେ ୧୩ ରୁ ୧୫ତାରିଖ ପର୍ଯ୍ୟନ୍ତ ଚାଲିଥିବା ତିନିଦିନିଆ ନେତୃତ୍ୱ ତାଲିମ ଶିବିରଟି ଉଦଯାପନ ହୋଇଯାଇଛି କ୍ଷ ପ୍ରୋଗ୍ରାମ ଅଫିସର ଡ.ଲକ୍ଷ୍ମଣ ମେହେରଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାମଂଚରେ ମୁଖ୍ୟ ଅତିଥି ଭାବରେ ରାଜେନ୍ଦ୍ର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ସତ୍ୟବନ୍ତ ବେଦବାକ ଯୋଗ ଦେଇ ପିଲାଙ୍କୁ ଆଧାତ୍ମିକ ଜୀବନ ପାଇଁ ପ୍ରବାର୍ତାଇ ଥିବା ବେଳେ ମୁଖ୍ୟ ଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଏନ୍ ଏସ୍ ଏସ୍ କୋ ଅର୍ଡିନେଟର ପ୍ରଫେସର ସୁମନ୍ତ କେରକେଟା ଯୁବଶକ୍ତିର ଉପଯୁକ୍ତ ବିନିଯୋଗ ପାଇଁ କହିଥିଲେ । ଡ. ଅଜିତ କୁମାର ଭୋଇ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା ଅବସରରେ ବିଭିନ୍ନ ପ୍ରତିଯୋଗୀ ତଥା ମହାବିଦ୍ୟାଳୟଗୁଡିକୁ ପୁରସ୍କାର ପ୍ରଦାନ କରିଥିଲେ । କଲେଜର ଛାତ୍ରୀ ଜାଗୃତି ଗଡ଼ତ୍ୟାଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ ହୋଇଥିଲା କ୍ଷ ସମ୍ବଲପୁର ଅଧିନସ୍ଥ ବଲାଙ୍ଗିର, ବରଗଡ଼ ଜିଲ୍ଲାର ପ୍ରକ୍ଷୟ ୧୮ଟି ମହାବିଦ୍ୟାଳୟ ରୁ ୨୦୦ରୁ ଅଧିକ ସ୍ୱେଚ୍ଛାସେବୀ ଶିବିରରେ ଯୋଗ ଦେଇଥିଲେ । ପ୍ରତ୍ୟେକ ଦିନର ସନ୍ଧ୍ୟାକାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମ ଅତ୍ୟନ୍ତ ମନୋରମ ଥିଲା । ଲୋଇସିଂହା ଏବଂ ରୋତ ମହାବିଦ୍ୟାଳୟ ର ଛାତ୍ର ଛାତ୍ରୀମାନେ ଦୁଇଟି ନାଟକ ପରିବେଷଣ କରି ଦର୍ଶକଙ୍କ ହୃଦୟ ଜିଣି ନେଇଥିଲେ । ୧୪ ତାରିଖ ଦିନ ବଲାଙ୍ଗିର ଜିଲ୍ଲାର ସମସ୍ତ ଡ଼ିଗ୍ରୀ ମହାବିଦ୍ୟାଳୟ ରୁ ଏନ୍ ଏସ୍ ଏସ୍ ପ୍ରୋଗ୍ରାମ ଅଫିସର ଆସିଥିଲେ କ୍ଷ ଡ. ସୁମନ୍ତ କେରକେଟାଙ୍କ ସଭାପତିତ୍ୱରେ ଏକ ରିଭ୍ୟୁ ମିଟିଙ୍ଗ ହୋଇଥିଲା । ଶିବିରର ଉଦଘାଟନ ଉତ୍ସବ କଲେଜର ଅଧକ୍ଷ ବିଜୟ କୁମାର କଲେଟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ବିଧାୟକ ଡ. ମୁକେଶ ମହାଲିଙ୍ଗ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବରେ ଗୋଲକ ବିହାରୀ ପଟେଲ, ହେମନ୍ତ ମଲ୍ଲିକ, ବୃନ୍ଦାବନ ପଟେଲ ଯୋଗ ଦେଇଥିଲେ । ଏହି ସଭା ଡ. ଅଜିତ ଭୋଇଙ୍କ ଦ୍ୱାରା ପରିଚାଳିତ ହୋଇଥିଲା କ୍ଷ ଏହି ତାଲିମ ଶିବରରେ ବିଦ୍ୱାନ ବ୍ୟକ୍ତି ପ୍ରମୁଖ ସ୍ୱାମୀ ତେଜୋମୟନନ୍ଦ ସରସ୍ୱତୀ, ପ୍ରଫେସର ସଂଜୀବ କୁମାର ଦାସ, କୃଷ୍ଣ ଚରଣ ଦର୍ଜୀ, ଡ. ବୁଦ୍ଧଦେବ ମିଶ୍ର, ସାମ୍ବାଦିକ ସନ୍ଦୀପ କୁମାର କୁଅଁର, ସଦ୍ୟ ଓ.ଏ. ଏସ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ହେମନ୍ତ ପୁଟା, ଏସ୍ ବି ଆଇ ବ୍ୟାଙ୍କ ଅଧିକାରୀ ଦେବାଶିଷ ଭୋଇ, ଭବାନୀପାଟଣା ମହିଳା ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ଧୀରେଶ ନନ୍ଦ ପ୍ରମୁଖ ଅଂଶଗ୍ରହଣ କରି ପିଲାଙ୍କୁ ସଚେତନ କରିଥିଲେ । ଯୋଗଗୁରୁ ଅଶୋକ ଅଗ୍ରୱାଲ, ଜ୍ୟୋତି ପ୍ରକାଶ ସାହୁ, ସସ୍ମିତା ସାହୁ ଆଦି ଯୋଗ ଶିକ୍ଷା ପ୍ରଦାନ କରିଥିଲେ । ବଲାଙ୍ଗିର ଓଡ୍ରାପ ସଦସ୍ୟ ନୂତନ କୁମାର ଭୋଇ ନିଆଁରୁ ଉଦ୍ଧାର ସମ୍ପର୍କିତ ସୁରକ୍ଷା ଶିକ୍ଷା ଦେଇଥିଲେ । ଏହି କାର୍ଯ୍ୟକ୍ରମର ସଫଳତା ସକାଶେ କଲେଜର ଅଧ୍ୟାପକ ଶମ୍ଭୁ ପ୍ରସାଦ ସାହୁ, ଅନନ୍ତ କୁମାର ଆର୍ଯ୍ୟ, ଅଧ୍ୟାପିକା ବିଜ୍ଞଶ୍ରୀ ଗୁରୁ, ବାରିଧି ତ୍ରିପାଠୀ, ଖେଳ ଶିକ୍ଷକ ରମାକାନ୍ତ ରାଉତ, ଲାଇବ୍ରେରୀଏନ ଚକ୍ରଧର ପଟେଲ ତଥା ଅନ୍ୟକ୍ଷନ୍ୟ ସମସ୍ତ କର୍ମଚାରୀଙ୍କ ପ୍ରମୁଖ ଭୂମିକା ଥିଲା ।ଏହା ସହିତ ପୁରାତନ ଛାତ୍ର ଶିବାଶିଷ ମିଶ୍ର, ସୁରଜ ସିଂ ଦେଓ, ରଞ୍ଜନ ସାହୁ, ଅକ୍ଷୟ ସାହୁଙ୍କ ଅକ୍ଲାନ୍ତ ପକ୍ଷରିଶ୍ରମିକ ସହଯୋଗ ଥିଲା । ସମସ୍ତଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ଭାବରେ ସମାପନ ହୋଇଥିଲା ।

# ପ୍ରଦୂଷଣ ଯନ୍ତାରେ ଗୋଲାଗାଁ: ୫ବର୍ଷରେ ମଲେଣି ୩୦



ଯାଜପୁର, ୧୮/୦୧ (ନି.ପ୍ର): ଯାଜପୁର ଜିଲ୍ଲାର ଖଣି ଓ ଶିଳ୍ପାଞ୍ଚଳରେ ଭୟଙ୍କର ପ୍ରଦୂଷଣ ସ୍ଥିତି। ଜନବସତି ନିକଟରେ ଗଢ଼ି ଉଠିଥିବା ଶିଳ୍ପାନୁଷ୍ଠାନ ପାଇଁ ଲୋକେ ପ୍ରଦୂଷିତ ଜଳ ଓ ବାୟୁ ପ୍ରଭାବରେ କିଡ୍‌ନି, ଶ୍ୱାସ ରୋଗରେ ଆକ୍ରାନ୍ତ ହୋଇ ଅକାଳରେ ଜୀବନ ହରାଉଛନ୍ତି। ଦାନଗଦୀ ବ୍ଲକ୍ ଚାନ୍ଦିଆ ପଞ୍ଚାୟତ ଅନ୍ତର୍ଗତ ଗୋଲାଗାଁର ଲୋକେ ପ୍ରଦୂଷଣର ବିଷ ବଳୟରେ ଛଟପଟ ହେଉଛନ୍ତି। ଏଠାରେ ୫ବର୍ଷରେ ୩୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଶତାଧିକ ରୋଗାକ୍ରାନ୍ତ ହୋଇଛନ୍ତି। ସରକାରୀ ଭାବେ ଗତବର୍ଷ ୩୫ଜଣ କିଡ୍‌ନି ରୋଗୀଙ୍କୁ ଚିହ୍ନଟ କରାଯାଇଛି। ଏତେସବୁ ପରେ ବି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟ ଚୁପ୍ ବସିଛି। ଇସ୍ପାତ ରାଜଧାନୀ କଳିଙ୍ଗନଗର ଶିଳ୍ପାଞ୍ଚଳର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଗଢ଼ିଉଠିଛି ଅନେକ ପ୍ରଦୂଷଣକାରୀ ଶିଳ୍ପାନୁଷ୍ଠାନ। ଦାନଗଦୀ ବ୍ଲକ୍‌ର ଚାନ୍ଦିଆ ପଞ୍ଚାୟତର ଗୋଲାଗାଁ ଗ୍ରାମକୁ ଘେରିରହିଛନ୍ତି ଏକାଧିକ ପ୍ରଦୂଷଣକାରୀ କ୍ରୋମାଇଟ୍ ୱାସିଂପ୍ଲାଣ୍ଟ, ପିଚୁ ପ୍ଲାଣ୍ଟ। ଏହି ୱାସିଂପ୍ଲାଣ୍ଟ ଏବଂ ପିଚୁ କାରଖାନା ଦ୍ୱାରା ଉଭୟ ଜଳ ଏବଂ ବୟୁ ପ୍ରଦୂଷିତ ହେଉଛି। ଏହାସହ ନିକଟସ୍ଥ ଷ୍ଟିଲ୍ କାରଖାନାର ଦୂଷିତ ଜଳ ଓ ବାୟୁ ସ୍ଥାନୀୟ ଅଞ୍ଚଳକୁ ମୃତ୍ୟୁଯନ୍ତାରେ ପରିଣତ କରିଛି। ଏହି ଗ୍ରାମରେ ଅଛନ୍ତି ୧୫୦ପରିବାର। ଲୋକସଂଖ୍ୟା ୮୦୦ରୁ ଅଧିକ। ଏଠାରେ ୫ବର୍ଷ ମଧ୍ୟରେ ୩୦ଜଣ କିଡ୍‌ନି, କ୍ୟାନସର ଓ ଶ୍ୱାସ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଛନ୍ତି। ସରକାରୀ ଭାବରେ ୩୫ ଜଣ କିଡ୍‌ନି ରୋଗରେ ଆକ୍ରାନ୍ତ ବୋଲି ଗତବର୍ଷ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତଥ୍ୟ ପ୍ରଦାନ କରିଥିଲେ। ସେମାନଙ୍କ ମଧ୍ୟରେ ମନ୍ମଥ ନଟିଆ, ଶ୍ୟାମସୁନ୍ଦର ନଟିଆ, କୁଳମଣି ଖଟୁଆ, ବୃନ୍ଦାବନ ବେହେରା, ଶୁକୁଟା ଖଟୁଆ, ଅଲ୍ଲୀ ଖଟୁଆ, ଦୁଶାସନ ପଲେଇ, ନଟବର ବେହେରା, କାଳନ୍ଦୀ ମଲ୍ଲିକ, ଧନେଶ୍ୱର ନାଏକ,ଅଶୋକ ପେଣ୍ଟାଲ, ଧନେଶ୍ୱର ପିଙ୍ଗୁଆ ଓ କଳାରି ବେହେରା ପ୍ରମୁଖ ରୋଗାକ୍ରାନ୍ତ ଥିବା ଚିହ୍ନଟ କରାଯାଇଥିଲା। ଗତବର୍ଷ ହିଁ ମନ୍ମଥ ନଟିଆ, କୁଳମଣି ଖଟୁଆ, ଶତ୍ରୁଘନ ମଲିକ, ଅଜୟ ମଲିକ, ମଳୟ ମଲିକ ଓ ତାଙ୍କ ପତ୍ନୀଙ୍କ ମୃତ୍ୟୁ ଘଟିଥିଲା।

# ଜିଲାସ୍ତରୀୟ କୃଷି ମେଳା ନେଇ ବୈଠକ

ଜୟପୁର , ୧୮/୦୧ (ନି.ପ୍ର): ଜୟପୁର ଦଶହରା ପଡିଆ ଠାରେ ଆସନ୍ତା ୬ ତାରିଖରେ କୃଷି ମେଳା ଅନୁଷ୍ଠିତ ହେବ । ଏନେଇ ବ୍ଲକ ସଭା ଗୃହରେ କୃଷି ମେଳା ନେଇ ବ୍ଲକ ସ୍ତରିୟ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଜୟପୁର ବ୍ଲକ ଅଧକ୍ଷା ତିଳୋତମା ମୁଦୁଲି, ବିଡିଓ ରାଜିବ ଦାସ, ଏବିଡିଓ ମନୋଜ ନାୟକ, ବ୍ଲକ କୃଷି ଅଧିକାରି ସଞ୍ଜୟ କୁମାର ଦଳେଇ ଙ୍କ ସହ ଜିଲା ପରିଷଦ ସଭ୍ୟା, ସରପଂଚ, ସମିତି ସଭ୍ୟ ସହ ଲାଇନ ଡିପାଟମେଣ୍ଟର ଅଧିକାରି ମାନେ ଉପସ୍ଥିତ ଥିଲେ । ଆସନ୍ତା ୬ ତାରିଖରୁ ୧୦ ତାରିଖ ଯାଏ ଜୟପୁର ଦଶହରା ପଡିଆ ଠାରେ କୃଷି ମେଳା ଆୟୋଜନ ହେବ । ଏଥିରେ କୃଷି ଯନ୍ତ୍ର ପାତି, ଚାଷୀ ଉପକରଣ ପ୍ରଦର୍ଶିତ ହେବ । ଏହି ମେଳାରେ କୋରାପୁଟ ଜିଲାର ୧୪ ବ୍ଲକ ର ଚାଷି ସହ ନବରଙ୍ଗପୁର, ମାଲକାନଗିରି ଓ ରାୟଗଡାର ଚାଷି ମାନେ ମଧ ଉପସ୍ଥିତ ରହିବେ । ଚାଷି ମାନେ କୃଷି ଯନ୍ତ୍ର ପାତି ଦେଖିବା ସହ କ୍ରୟ କରିପାରିବେ ଓ ଅନ ଲାଇନ ରେ ବୁକିଂ ମଧ କରିପାରିବେ । ଯେଉଁ ମାନେ କ୍ରୟ କରିବେ ସେ ମାନଙ୍କ ଜମା ଖାତାକୁ ସାତ ଦିନ ଭିତରେ ସବସିଡି ପହଂଚିବ । ଏନେଇ ବ୍ଲକ ସ୍ତରିୟ ବୈଠକ ଅନୁଷ୍ଠିତ ହୋଇଥିଲା । କୃଷି ବିଭାଗ ତରଫରୁ ମଧ ଡାକ ବାଜି ଯନ୍ତ୍ର ସାହାଯ୍ୟରେ ଲୋକ ଙ୍କୁ ସଚେତନ କରାଯିବ ଓ ପ୍ରଚାର ପତ୍ର ମଧ ବଣ୍ଟନ କରାଯିବ ବୋଲି ସୁଚନା ଦିଆଯାଇଛି । ଲୋକ ପ୍ରତିନିଥି ମାନେ ନିଜ ନିଜ ଅଂଚଳରେ ଚାଷି ମାନଙ୍କୁ ସଚେତନ କରିବେ ।

# ସଡ଼କ ପରିବହନ ପକ୍ଷରୁ ଗାଡ଼ି ଚାଳକଙ୍କୁ ଶପଥ ପାଠ

କେନ୍ଦ୍ରାପଡ଼ା, ୧୮/୦୧ (ନି.ପ୍ର): କେନ୍ଦ୍ରାଡା ଜିଲ୍ଲା ସଡ଼କ ପରିବହନ ବିଭାଗ ପକ୍ଷରୁ ଜାତୀୟ ସଡକ ସୁରକ୍ଷା ସପ୍ତାହ ପାଳନ ଅବସରରେ ଗାଡ଼ିଚାଳକମାନଙ୍କୁ ଶପଥ ପାଠ କରାଯାଇଛି । ବିଭାଗ ପକ୍ଷରୁ "ସଡ଼କ ସୁରକ୍ଷା ଜୀବନ ରକ୍ଷା" ବାର୍ତାକୁ ପ୍ରଚାର କରିବା ପାଇଁ ଓ ଗାଡ଼ିଚାଳକମାନଙ୍କୁ ଶପଥ ପାଠ କରାଯାଇଛି। ବିଭାଗ ପକ୍ଷରୁ ନିର୍ଦ୍ଦିଷ୍ଟ କରାଯାଇଥିବା ସତର୍କ ସୂଚନା ଯଥା, ଗାଡ଼ିରେ ଉପଯୁକ୍ତ କାଗଜପତ୍ର ରଖିବା, ହେଲମେଟ ବ୍ୟବହାର କରିବା, ସିଟ ବେଲ୍‌ଟ ବାନ୍ଧିବା, ନିଶାସେବନ କରି ଗାଡି ନଚଳାଇବା, ଗାଡ଼ି ଚଳାଇବା ବେଳେ ମୋବାଇଲ ବ୍ୟବହାର ନକରିବା ଆଦି ୧୦ଟି ପଏଂଟ ଉପରେ ଶପଥ ପାଠ କରାଯାଇଥିଲା । ୫ନଂ. କ ଜାତୀୟ ରାଜପଥର ଦୁହୁରିଆ ନିକଟରେ ଅନୁଷ୍ଠିତ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲା ପରିବହନ ଅଧିକାରୀ ଧିରେନ କୁମାର ନାୟକ, ଅତିରିକ୍ତ ପରିବହନ ଅଧିକାରି ପ୍ରିୟବ୍ରତ ମହାନ୍ତି, ଟ୍ରାଫିକ ଇନିସପେକ୍ଟର ରାଜ ନାରାୟଣ ସ୍ୱାଇଁଙ୍କ ସମେତ କମଳ ଲୋଚନ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ୨୧ରେ ଏବିଭିପିର ବିଶାଳ ଛାତ୍ର ସମାବେଶ

କେନ୍ଦ୍ରାପଡ଼ା, ୧୮/୦୧ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ଚଳିତ ମାସ ୨୧ ତାରିଖରେ ବିଶାଳ ଛାତ୍ର ସମାବେଶ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ଏନେଇ ଆଜି ତିନିମୁହାଣୀ ଶ୍ରୀରାମ ମନ୍ଦିର ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏବିଭିପିର ଜିଲ୍ଲା ସଂଯୋଜକ ଚିନ୍ମୟ କୁମାର ଦାସ ସୂଚନା ଦେଇଛନ୍ତି । ଜିଲ୍ଲାରେ ଶିକ୍ଷା ସ୍ଥିତି ଭୁଶୁଡିବା ସହ ମହାବିଦ୍ୟାଳୟମାନଙ୍କରେ ଅଧ୍ୟାପକ ପଦବୀ ଖାଲି ରହିବା, ରାଜନୈତିକ ଦଳମାନଙ୍କର କ୍ରୀଡାଭୂମି ରୂପେ କଲେଜଗୁଡିକ ପରିଣତ ହେବା, କଲେଜ ପରିସରରେ ଛାତ୍ରଛାତ୍ରୀମାନଙ୍କ ସୁରକ୍ଷା ସଂକଟାପନ୍ନ ହେବା, କଲେଜ ନିକଟରେ ଥିବା ଧଳା ଜହର ତଥା ନିଶା ଦ୍ରବ୍ୟର କାରବାର ଛାତ୍ରଛାତ୍ରୀଙ୍କୁ ବିପଦକୁ ଟାଣି ନେବା ତଥା ଜିଲ୍ଲାର ଉପକୂଳବର୍ତ୍ତୀ ଅଂଚଳରେ ବାଙ୍ଗଲାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବା ଘଟଣାରେ ଏବିଭିପି ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଛି ।

# ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ବଲାଙ୍ଗିର, ୧୮/୦୧ (ନି.ପ୍ର): ବଲାଙ୍ଗିର ଜିଲ୍ଲା ସଇଁନ୍ତଲା ବ୍ଲକ ଅନ୍ତର୍ଗତ ଡେଙ୍ଗ ସ୍ଥିତ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ ଜୁନିୟର ରେଡକ୍ରସ ତରଫରୁ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚାଣ୍ଡାଳ ମିଶ୍ରଙ୍କ ସଭାପତିତ୍ୱ କାର୍ଯ୍ୟକ୍ରମକୁ ରେଡକ୍ରସ କର୍ମୀ ତଥା ରାଜ୍ୟ ରକ୍ଷକ ପ୍ରୋଗ୍ରାମର ମାଷ୍ଟର ଟ୍ରେନର ରାମ ନାରାୟଣ ଦାଶ ସଂଯୋଜନା କରିଥିଲେ । ସମ୍ମାନିତ ଅତିଥି ଭାବରେ ବରିଷ୍ଠ ନାଗରିକ ପଦ୍ମନାଭ ରଣା ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଗଣେଶ ରଣା ଯୋଗଦାନ କରିଥିଲେ । ଶିକ୍ଷକ ଶିକ୍ଷୟତ୍ରୀ ଗଣ ବିଭିନ୍ନ ଦୁର୍ଘଟଣା ଯୋଗୁଁ ଦୈନନ୍ଦିନ ଜିବନରେ ଧନ ଜିବନ ହାନି ହେଉଛି ବୋଲି ମତପ୍ରକାଶ କରିଥିଲେ । ତେଣୁ ସମସ୍ତେ ଟ୍ରାଫିକ୍ ସଂକେତ ନିୟମ ମାନିବା ସହ ମଦ୍ୟପାନ ସମୟରେ, ବିନା ହେଲମେଟରେ, କ୍ଷିପ୍ରଗତିରେ, ମୋବାଇଲ ଧରି ଗାଡି ନ ଚଳାଇବା ପାଇଁ ଗ୍ରାମବାସୀ ତଥା ଯାତ୍ରୀମାନଙ୍କୁ ବୁଝାଇଥିଲେ । ଏହି ଅବସରରେ ବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କୁ ନେଇ ସଇଁନ୍ତଲା ଷ୍ଟେସନ, ନୂଆବସ୍ତି ତଥା ଡେଙ୍ଗ ଗ୍ରାମରେ ପ୍ଲାକ୍ସ କାର୍ଡ ଧରି ଶୋଭାଯାତ୍ରା ମାଧ୍ୟମରେ ସଚେତନ କରାଯାଇଥିଲା । ପୂର୍ବରୁ ଛାତ୍ର ଛାତ୍ରୀମାନଙ୍କୁ ନେଇ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୁଇଜ କାର୍ଯ୍ୟକ୍ରମରେ ଅଭିଳାଶ ସାଗର, ମାମୁନି ପ୍ରଧାନ, ସୁପ୍ରିତା ରଣା, ଡିଲେରି ସାହୁ ପ୍ରମୁଖ କୃତିତ୍ୱ ହାସଲ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ କୃପାସିନ୍ଧୁ ମିଶ୍ର, ସମିର ସେଠି, ହିମାଂଶୁ ଶେଖର ବିଶ୍ୱାଳ, ଲିଙ୍ଗରାଜ ନନ୍ଦ, ଶିକ୍ଷୟତ୍ରୀ ରେଣୁକା ସାହୁ, ଦ୍ରୋପଦି ଭୋଇ, ଯଶୋବନ୍ତି ସୁନା, କାନ୍ତି ଭୋଇ, ଗ୍ରାମବାସୀ ବିଘ୍ନରାଜ ରଣା, ଟିଟୁ ରଣା ଉପସ୍ଥିତ ରହି ସହଯୋଗ କରିଥିଲେ । ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ସୁଦର୍ଶନ ଦାଶ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ବିଜ୍ଞାନ ଶିକ୍ଷୟତ୍ରି ଗାୟତ୍ରି ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ସିଟି ହସପିଟାଲ ଦାବି ନେଇ କେନ୍ଦ୍ରାପଡ଼ାରେ ବନ୍ଦ ପାଳନ

କେନ୍ଦ୍ରାପଡ଼ା, ୧୮/୦୧ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଇଛାପୁର ଶ୍ୟାମଗୁଡ଼ିଆକୁ ସ୍ଥାନାନ୍ତରିତ ହେବା ପରେ ସେହି ପୁରୁଣା କୋଠାରେ ସିଟି ହସପିଟାଲ ସ୍ଥାପନ ଦାବି ଜୋର ଧରିବାରେ ଲାଗିଛି । ଏହାକୁ ନେଇ କିଛିଦିନ ହେବ ସହରରେ ରାଜନୈତିକ କାର୍ଯ୍ୟକଳାପ, ମନ୍ତ୍ରଣା ଯନ୍ତ୍ରଣା ତୀବ୍ର ହେବାରେ ଲାଗିଛି । ସିଟି ହସପିଟାଲ ଦାବି ସମର୍ଥନରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ୭ ତାରିଖ ମଙ୍ଗଳବାର ୨୪ ଘଣ୍ଟିଆ ବନ୍ଦ ଡାକରା ପାଳନ କରାଯାଇଛି। ତିନିମୁହାଣୀ ଠାରେ ସପକ୍ଷବାଦୀ ମାନେ ରାସ୍ତା ଅବରୋଧ କରି ଏକ ବିରାଟ ର୍ୟାଲିରେ ସହର ପରିକ୍ରମା କରି ଲୋକ ମାନଙ୍କୁ ବନ୍ଦ ପାଳନ ପାଇଁ ବୁଝାଉ ଥିବା ଦେଖିବାକୁ ମିଳିଥିଲା । ପରେ ତିନିମୁହାଣୀ ଠାରେ ଆନ୍ଦୋଳନକାରୀ ମାନେ ରାସ୍ତା ଅବରୋଧ କରି ଟାୟାର ଜାଳି ଯାନବାହନ ଚଳାଚଳ ସଂପୂର୍ଣ୍ଣ ବନ୍ଦ କରି ଦେଇଥିବା ଦେଖିବାକୁ ମିଳିଥିଲା । ଏହି ବନ୍ଦ ପାଳନ ସମୟରେ ସମସ୍ତ ରାଜନୈତିକ ଦଳ ଏକାଠି ହୋଇ ସିଟି ହସପିଟାଲ ଦାବିକୁ ନୈତିକ ସମର୍ଥନ ଦେଇଥିବା ଦେଖିବାକୁ ମିଳିଛି । କାଁ ଭାଁ କେତେକ ଜାଗାକୁ ଛାଡିଦେଲେ ସହରର ସମସ୍ତ ଦୋକାନ ବନ୍ଦ ସଫଳ ହୋଇଥିବା ଆନ୍ଦୋଳନକାରୀ ମାନେ ଦାବି କରିଛନ୍ତି। ଜିଲ୍ଲା ଓ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ସରକାରୀ ଦପ୍ତର ଓ ବ୍ୟାଙ୍କ ପ୍ରଭୃତିରେ ପୋଲିସ ମୁତୟନ ରହିବା ସହ କୌଣସି ପ୍ରକାର ଅଘଟଣକୁ ଏଡାଇବା ପାଇଁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମାନଙ୍କରେ ପୋଲିସ ବାହିନୀ ସଜାଗ ରହିଥିବା ଦେଖିବାକୁ ମିଳିଛି। ଏସଡିପିଓ ଜୟନ୍ତ ମହାପାତ୍ର, ଟାଉନ ଥାନା ଅଧିକାରୀ ତପନ ନାୟକ, ଏଏସଆଇ ରତୀ ରଞ୍ଜନ ନାୟକ, ଟାଉନ ଥାନା ଜମାଦାର ନରେନ୍ଦ୍ର ନାଥ ସୋରେନ ପ୍ରମୁଖ ସହର ସାରା ପଇଁତରା ମାରି ଆଇନ ଶୃଙ୍ଖଳା ପରିସ୍ଥିତିକୁ ତଦାରଖ କରିଥିଲେ।

# ଫୁଲବାଣୀରେ ଜାତୀୟ ଯୁବ ସପ୍ତାହ ପାଳିତ

କନ୍ଧମାଳ , ୧୮/୦୧ (ନି.ପ୍ର): ଫୁଲବାଣୀ ସହରର ସ୍ଥାନୀୟ ପୋଲିସ ହାଇସ୍କୁଲ ଫୁଲବାଣୀ ଠାରେ ନେହରୁ ଯୁବକେନ୍ଦ୍ର ଫୁଲବାଣୀ ତରଫରୁ ଜାତୀୟ ଯୁବ ସପ୍ତାହ ପାଳିତ ହୋଇଯାଇଅଛି । ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବରେ ପୋଲିସ ହାଇସ୍କୁଲର ପ୍ରଧାନ ଶିକ୍ଷକ ଦେବି ପ୍ରସାଦ ଶତପଥୀ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବରେ ସଂସ୍କୃତ ଶିକ୍ଷକ ଗୌରୀଶଙ୍କର ମହାପାତ୍ର, ହିନ୍ଦୀ ଶିକ୍ଷକ ସନ୍ତୋଷ କୁମାର ମିଶ୍ର, ଖେଳଶିକ୍ଷକ ରାଜକିଶୋର ସ୍ୱାଇଁ, ଓଡିଆ ଶିକ୍ଷୟତ୍ରୀ କୁନ୍ତଳା ତ୍ରିପାଠୀ ଏବଂ ନେହରୁ ଯୁବ କେନ୍ଦ୍ର ଫୁଲବାଣୀର ସହକର୍ମୀ ସତ୍ୟବାନ ଦଳବେହେରା, ସ୍ୱେଚ୍ଛା ସେବୀ, ଶିବେନ୍ଦ୍ର ଦିଗାଲ, ସୁଭଦ୍ରା ମଲ୍ଲିକ, ରୀତିମା ବାଘ, ପ୍ରମୁଖ ଯୋଗ ଦେଇଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସ୍କୁଲର ଛାତ୍ରଛାତ୍ରୀ ମାନେ ଯୋଗ ଦେଇଥିଲେ । ଛାତ୍ର ଛାତ୍ରୀମାନଙ୍କର ମଧ୍ୟରେ ବକ୍ତୃତା ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଥିଲା ଏଥିରେ ଆଇସା ମହାନନ୍ଦ ପ୍ରଥମ, ରାଜ କୁମାର୍ ଯୋଶୀ ଦ୍ୱିତୀୟ ଏବଂ ସ୍ନିଧା ରାଣୀ ଦିଗାଲ ତୃତୀୟ ହୋଇ ଥିଲେ । ମୁଖ୍ୟ ଅତିଥି ଅନୁଷ୍ଠିତ ଦିବସର ମୁଖ୍ୟ ଲକ୍ଷ୍ୟ ଓ ଉଦେଶ୍ୟ ବିଷୟରେ ଉପସ୍ଥିତ ଛାତ୍ର ଛାତ୍ରୀ ମାନଙ୍କୁ ଅବ ଗତ କରିଥିଲେ । କୁଇଜ ପ୍ରତିଯୋଗୀତରେ ବିଜୟୀ ପ୍ରତି ଯୋଗୀମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଟ୍ରଫି ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ବୈଠକରେ ନେହରୁ ଯୁବକେନ୍ଦ୍ର ଫୁଲବାଣୀ ର ସ୍ୱେଚ୍ଛା ସେବୀ ରୀତିମା ବାଘ ମୁଖ୍ୟ ଅତିଥି,ଅନ୍ୟାନ୍ୟ ଅତିଥି ଓ ଉପସ୍ଥିତ ଛାତ୍ର ଛାତ୍ରୀମାନଙ୍କୁ ସ୍ୱାଗତ କରିଥିବା ବେଳେ ଶିକ୍ଷକ ସନ୍ତୋଷ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।

# ଏୟାରପୋର୍ଟର ସମୀକ୍ଷା କଲେ ଅତିରିକ୍ତ ମୁଖ୍ୟ ଶାସନ ସଚିବ

ଜୟପୁର , ୧୮/୦୧ (ନି.ପ୍ର): ଜୟପୁର ଏୟାର ପୋର୍ଟର ସମୀକ୍ଷା କଲେ ଅତିରିକ୍ତ ମୁଖ୍ୟ ଶାସନ ସଚିବ (ରାଜସ୍ୱ) ସତ୍ୟ ବ୍ରତ ସାହୁ। ମାଲକାନଗିରି ଗସ୍ତରେ ଯାଇ ଫେରିବା ସମୟରେ ଜୟପୁର ଏୟାର ପୋର୍ଟ ରେ ପହଂଚି ସମୀକ୍ଷା କରିଛନ୍ତି । ଏହି ସମୀକ୍ଷା ସମୟରେ ଏଡିଏମ ରାମେଶ୍ୱର ପ୍ରଧାନ, ରାସ୍ତା ଓ ଗୃହ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଭାସ୍କର ସାମନ୍ତରାୟ, ଜୟପୁର ଉପ ଜିଲାପାଳ ଦାୟିତ୍ୱ ରେ ଥିବା ପିଏ ଆଇଡିଟିଏ ଗୋପିନାଥ ସାରକା, ଜୟପୁର ପୌର କାର୍ଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସମୀକ୍ଷା ପରେ ହେଲିକେପ୍ଟରରେ ଭୁବନେଶ୍ୱର ଫେରି ଥିବା ଜଣାଯାଇଛି ।

# ତ୍ୱଚାରେ ଚମକ ଆଣେ ଅଙ୍ଗୁର ଫେଶ୍ ପ୍ୟାକ୍



ଅଙ୍ଗୁରରେ ରହିଛି ଭିଟାମିନ୍ 'ସି' ଓ ଭିଟାମିନ୍ 'କେ', ଯାହା ସ୍କିନ୍ ସେଲ୍‌କୁ ସୁସ୍ଥ ରଖି ମୁହଁକୁ ଉଜ୍ଜ୍ୱଳ କରିଥାଏ । ତେଣୁ ଆପଣ ଚାହିଁଲେ ଉଜ୍ଜ୍ୱଳ ତ୍ୱଚା ପାଇଁ ଅଙ୍ଗୁରର ଫେଶ୍ ପ୍ୟାକ୍ ପ୍ରସ୍ତୁତ କରି ଲଗାଇ ପାରିବେ ।

ତେଲିଆ ହେଉ କିମ୍ବା ଶୁଷ୍କ, ସବୁ ତ୍ୱଚା ପାଇଁ ଅଙ୍ଗୁର ଫେଶ୍ ପ୍ୟାକ୍ ଉପକାରୀ । ତ୍ୱଚାରୁ ଡେଡ୍ ସେଲ୍ ବାହାର କରିବାରେ ଏହି ପ୍ୟାକ୍ ସାହାଯ୍ୟ କରିଥାଏ । ତା'ହେଲେ ଆସନ୍ତୁ ଜାଣିବା ଅଙ୍ଗୁର ଫେଶ୍ ପ୍ୟାକ୍‌ର ପ୍ରସ୍ତୁତି ଓ ଏହାର ବ୍ୟବହାର ବିଷୟରେ ।

♦ ଖରା ଯୋଗୁଁ ତ୍ୱଚା ଲାଲ୍ କିମ୍ବା ଶୁଷ୍କ ହେଉଥିଲେ, ଅଙ୍ଗୁର ଫେଶ୍ ପ୍ୟାକ୍ ମୁହଁରେ ଲଗାନ୍ତୁ । ଏହି ପ୍ୟାକ୍ ପ୍ରସ୍ତୁତ କରିବା ପାଇଁ ସବୁଜ କିମ୍ବା କଳା ରଙ୍ଗର ଅଙ୍ଗୁରକୁ ଗ୍ରାଇଣ୍ଡିଂ କରି ସେଥିରେ କିଛି ଗୋଲାପ ଜଳ ମିଶାନ୍ତୁ । ଭଲ ଭାବରେ ଏହି ମିଶ୍ରଣକୁ ମିଶାଇବା ପରେ ମୁହଁରେ ଲଗାଇ ୨୦ ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ । ପରେ ମୁହଁ ଧୋଇ ଦିଅନ୍ତୁ । ଏହାପରେ ଆପଣ ଚାହିଁଲେ ରେଗୁଲାର ବ୍ୟବହାର କରୁଥିବା କ୍ରିମ୍‌କୁ ମୁହଁରେ ଲଗାଇପାରିବେ । ଏହିପରି ଭାବେ ଅଙ୍ଗୁର ଫେଶ୍ ପ୍ୟାକ୍ ସପ୍ତାହକୁ ୨ରୁ ୩ ଥର ଲଗାନ୍ତୁ ।

♦ ଯଦି ଆପଣଙ୍କ ସ୍କିନ୍ ଡ୍ରାଏ, ତା'ହେଲେ ଅଙ୍ଗୁରକୁ ଗ୍ରାଇଣ୍ଡିଂ କରିବା ସମୟରେ ସେଥିରେ କିଛି ମହୁ ମିଶାନ୍ତୁ । ସେହିପରି ସ୍କିନ୍ ଅଏଲି ଥିଲେ, ଅଙ୍ଗୁରରେ ଅଳ୍ପ ଗାଜରକୁ ଗ୍ରାଇଣ୍ଡିଂ କରି ମୁହଁରେ ଲଗାନ୍ତୁ । ଏହି ମିଶ୍ରଣକୁ ୨୫ ମିନିଟ୍ ପର୍ଯ୍ୟନ୍ତ ମୁହଁରେ ଲଗାଇ ରଖନ୍ତୁ । ଏପରି କରିବା ଦ୍ୱାରା ତ୍ୱଚାରେ ଚମକ ଆସିବ ।

ଯଦି ଆପଣଙ୍କର କୌଣସି ପ୍ରକାର ସ୍କିନ୍ ଇନ୍‌ଫେକସନ୍ ରହିଛି, ତା'ହେଲେ ଡାକ୍ତରଙ୍କ ବିନା ପରାମର୍ଶରେ ଏହି ପ୍ୟାକ୍ ମୁହଁରେ ଲଗାନ୍ତୁ ନାହିଁ ।

# ସୁନ୍ଦର ତ୍ୱଚା ପାଇଁ ଉପକାରୀ ଲବଙ୍ଗ ତେଲ



ଲବଙ୍ଗ ତେଲରେ ଅନେକ ଔଷଧୀୟ ଗୁଣ ଭରି ରହିଛି । ସ୍ୱାସ୍ଥ୍ୟ ଜନିତ ଅନ୍ୟ ସମସ୍ୟା ସହିତ ସୁନ୍ଦର ତ୍ୱଚା ପାଇଁ ବି ଏହାକୁ ବ୍ୟବହାର କରାଯାଏ । ଏଥିରେ ଆଣ୍ଟିସେପ୍‌ଟିକ୍ ଗୁଣ ସହିତ ଭିଟାମିନ୍ ସି, ଭିଟାମିନ୍ ଏ , ଆଣ୍ଟି-ବ୍ୟାକ୍ଟେରିଆଲ୍ ଓ ଆଣ୍ଟି-ଇନ୍‌ଫ୍ଲାମେଣ୍ଟାରୀ ଗୁଣ ରହିଛି । ଆଉ ଏସବୁ ସୁସ୍ଥ ତ୍ୱଚା ପାଇବା ପାଇଁ ଖୁବ୍ ଉପକାରୀ । ତା'ହେଲେ ଆସନ୍ତୁ ଜାଣିବା ଏହାକୁ ବ୍ୟବହାର କରି ତ୍ୱଚା ଜନିତ କେଉଁ କେଉଁ ସମସ୍ୟାରୁ ମୁକ୍ତି ପାଇ ପାରିବେ ।

* ଯଦି ଆପଣଙ୍କ ମୁହଁରେ ବାରମ୍ବାର ବ୍ରଣ ସମସ୍ୟା ଦେଖାଯାଉଛି, ତା'ହେଲେ ଲବଙ୍ଗ ତେଲ ବ୍ୟବହାର କରନ୍ତୁ । ଏହା ବ୍ରଣ ସମସ୍ୟାକୁ ଦୂର କରିବ ।

* ଲବଙ୍ଗ ତେଲ ଶରୀରରେ ଥିବା କଳାଦାଗ ଦୂର କରିବା ପାଇଁ ସାହାଯ୍ୟ କରିଥାଏ । ଏହି ତେଲ ବହୁତ ଷ୍ଟ୍ରଙ୍ଗ ହୋଇଥିବାରୁ ଏହାକୁ ବାଦାମ କିମ୍ବା ନଡ଼ିଆ ତେଲ ସହିତ ମିଶାଇ ଲଗାନ୍ତୁ । ଯଦି ଏପରି କରିବାକୁ ଚାହୁଁନାହାନ୍ତି, ତେବେ ଦୁଇ ବୁନ୍ଦାରୁ ଅଧିକ ଲବଙ୍ଗ ତେଲ ବ୍ୟବହାର କରନ୍ତୁ ନାହିଁ ।

* ଯଦି ମୁହଁର ତ୍ୱଚାରେ କୁଞ୍ଚନ ଦେଖାଯାଉଛି, ତା'ହେଲେ ଚିନ୍ତା କରନ୍ତୁ ନାହିଁ । ନଡ଼ିଆ ତେଲ ସହିତ ୫ ବୁନ୍ଦା ଲବଙ୍ଗ ତେଲ ମିଶାନ୍ତୁ ଏବଂ ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ମୁହଁରେ ମାଲିସ କରନ୍ତୁ । ଏପରି କଲେ ଚେହେରାରେ ପଡୁଥିବା ଭାଙ୍ଗ ଓ କୁଞ୍ଚନ ସମସ୍ୟା କମ୍ ହେବା ଆପଣ ଲକ୍ଷ୍ୟ କରିପାରିବେ ।

* ଘରୁ ବାହାରକୁ ବାହାରିଲେ ଧୂଳି ଓ ପ୍ରଦୂଷଣ ଯୋଗୁଁ ମୁହଁର ତ୍ୱଚା ଉପରେ ପ୍ରଭାବ ପଡ଼ିଥାଏ । ପ୍ରଦୂଷଣ ସ୍କିନ୍‌କୁ ଡଲ୍ କରିଥାଏ । ଏଥିପାଇଁ ଘରକୁ ଆସିଲେ, କଟନ୍‌ରେ ଅଳ୍ପ ଲବଙ୍ଗ ତେଲ ନେଇ ମୁହଁକୁ ଭଲ ଭାବରେ ସଫା କରନ୍ତୁ ।

* ଲବଙ୍ଗ ତେଲ କେବଳ ତ୍ୱଚାକୁ ସଫା କରି ନଥାଏ, ଏହା ସହିତ ମୁହଁରେ ରକ୍ତ ସଞ୍ଚାଳନକୁ ଠିକ୍ କରିଥାଏ । ଫଳରେ ମୁହଁର ତ୍ୱଚା ଚମକି ଥାଏ ।

# ଘରେ କାଠ ବଂଶୀ ରଖିଲେ ଦୂର ହେବ ବାସ୍ତୁ ଦୋଷ



ଭଗବାନ କୃଷ୍ଣଙ୍କର ପ୍ରିୟ ହେଉଛି ବଂଶୀ । ଆମେ ଯାହାକୁ ବଇଁଶୀ ବୋଲି କହିଥାଉ । ଶାସ୍ତ୍ର ଅନୁସାରେ ଏହା ଅତି ପବିତ୍ର । ସେଥିପାଇଁ ବାସ୍ତୁ ଶାସ୍ତ୍ରରେ ଏହାର ଗୁରୁତ୍ୱ ବିଷୟରେ ବର୍ଣ୍ଣନା କରାଯାଇଛି । ବାସ୍ତୁ ଶାସ୍ତ୍ର ଅନୁଯାୟୀ ବଂଶୀ ଆମ ଜୀବନରେ ଅନେକ ପ୍ରଭାବ ପକାଇଥାଏ । ବିଭିନ୍ନ ରଙ୍ଗର ବଂଶୀ ଅଲଗା ଅଲଗା ପ୍ରଭାବ ପକାଇଥାନ୍ତି ।

ବଂଶୀକୁ ଉନ୍ନତି ଓ ସମୃଦ୍ଧିର ପ୍ରତୀକ ବୋଲି ମଧ୍ୟ କୁହାଯାଇଥାଏ । ବିବାହ ହେଉ ବା ଅନ୍ୟ ଶୁଭ କାର୍ଯ୍ୟରେ ଏହାର ବ୍ୟବହାର ହୋଇଥାଏ । ବାସ୍ତୁ ଶାସ୍ତ୍ର ଅନୁଯାୟୀ ଆମ ଜୀବନରେ ବଂଶୀର ବ୍ୟବହାର କରିବା ଦ୍ୱାରା ଏହା ଆମକୁ ଅନେକ ବାସ୍ତୁଦୋଷରୁ ରକ୍ଷା କରିଥାଏ । ତେବେ ଆସନ୍ତୁ ଜାଣିବା ବଁଇଶୀ ଆମ ଜୀବନ ଉପରେ କିପରି ପ୍ରଭାବ ପକାଇଥାଏ ।

■ ବାସ୍ତୁ ଅନୁସାରେ ଘର ମଧ୍ୟରେ ବଂଶୀ ରଖିବା ଅତ୍ୟନ୍ତ ଶୁଭ ହୋଇଥାଏ । ଏହାଦ୍ୱାରା ଘର ମଧ୍ୟରୁ ନକରାତ୍ମକ ଶକ୍ତି ଦୂର ହୋଇଥାଏ । ଏହା ଆପଣଙ୍କ ଉନ୍ନତି ଓ ପ୍ରଗତିରେ ମଧ୍ୟ ସହାୟକ ହୋଇଥାଏ ।

■ ଯେଉଁ ବ୍ୟକ୍ତି ଅନେକ ଚେଷ୍ଟା କରିବା ପରେ ମଧ୍ୟ ଚାକିରି ପାଇନଥାନ୍ତି, ତାଙ୍କ ପାଇଁ ବଂଶୀ ଅତ୍ୟନ୍ତ ଉପଯୋଗୀ ଅଟେ । ବାଉଁଶରେ ତିଆରି ଏକ ବଂଶୀ ପାଖରେ ରଖିବା ଦ୍ୱାରା ଏହି ସମସ୍ୟା ଦୂର ହୋଇଥାଏ । ଏହା ବ୍ୟତୀତ ନିଜ ଘରର କବାଟ ବା ମୁଖ୍ୟ ଦ୍ୱାର ପାଖରେ ହଳଦିଆ ରଙ୍ଗର ବଂଶୀ ଟାଙ୍ଗି ଦିଅନ୍ତୁ ।

■ ବ୍ୟବସାୟରେ ବୃଦ୍ଧି ଓ ଧନଲାଭ ପାଇଁ ଦୋକାନ ବା ଅଫିସ କାର୍ଯ୍ୟାଳୟରେ ଏକ ବଇଁଶି ରଖନ୍ତୁ । ଟଙ୍କା ରଖୁଥିବା ବାକ୍ସରେ ମଧ୍ୟ ଏହାକୁ ରଖିପାରିବେ ।

■ ଘରର ଠାକୁର ପୂଜା ହେଉଥିବା ସ୍ଥାନରେ ବଂଶୀ ସହିତ ମୟୂର ପଙ୍ଖ ଲଗାଇ ରଖିଲେ ଆପଣଙ୍କର ଅଟକି ରହିଥିବା କାର୍ଯ୍ୟ ସଂପୂର୍ଣ୍ଣ ହୋଇଥାଏ ।

■ ବାସ୍ତୁ ଅନୁସାରେ ନିଜ ମନ ପସନ୍ଦର ଜୀବନସାଥୀ ସହିତ ବିବାହ କରିବା ପାଇଁ ଚାହୁଁଥିଲେ ଶୋଇବା ସମୟରେ ତକିଆ ତଳେ ଲାଲ ରଙ୍ଗର ବଂଶୀ ରଖିଦିଅନ୍ତୁ । ଏହାଦ୍ୱାରା ଆପଣଙ୍କୁ ନିଜ ମନପସନ୍ଦର ଜୀବନସାଥୀ ମିଳିଥାଏ ।

# ସ୍ମାର୍ଟ ବ୍ରେନ୍



ଖୁବଶୀଘ୍ର ମଣିଷର ବୁଦ୍ଧିର କ୍ଷମତା ବା ଇଣ୍ଟଲିଜେନ୍ସି ଶୀଘ୍ର ବଢ଼ିପାରିବ । ଏ ଲାଗି ବୈଜ୍ଞାନିକମାନେ ବିକଶିତ କରୁଛନ୍ତି ହାଇଟେକ୍ ଚିପ୍ । ଯାହାକି ମସ୍ତିଷ୍କରେ ପ୍ରତିରୋପଣ ହୋଇପାରିବ । ସ୍ମାର୍ଟ ଚିପ୍ ବ୍ରେନ୍ କମ୍ପ୍ୟୁଟର ପରି କାମ କରିବ । ନର୍ଥ ୱେଷ୍ଟର୍ଣ୍ଣ ୟୁନିଭର୍ସିଟିର ନ୍ୟୁରୋ ସାଇଣ୍ଟିଷ୍ଟ ଡ. ମୋରାନ ସୈଫ୍ ଏହାକୁ ବିକଶିତ କରୁଛନ୍ତି । ତାଙ୍କ ଉଦ୍ଦେଶ୍ୟ ରହିଛି ଲୋକଙ୍କ ବୁଦ୍ଧିକୁ ଆହୁରି ଅଧିକ ଶାଣିତ କରିବା । ଏଲନମସ୍କ ଯେତେବେଳ ବ୍ରେନ କମ୍ପ୍ୟୁଟର ବିକାଶ କଥା କହିଥିଲେ ସେତେବେଳେ ସେ ଏହାର ପରିକଳ୍ପନା କରିଥିଲେ । ବ୍ରେନରେ ଲାଗିବାକୁ ଥିବା ଚିପ୍ ଇଣ୍ଟରନେଟ୍ ସହିତ ଜଡ଼ିତ ରହିବ ଯାହା ଦ୍ୱାରା ପ୍ରଶ୍ନ ପଚାରିବା ମାତ୍ରେ ସଙ୍ଗେ ସଙ୍ଗେ ଉତ୍ତର ରଖିବ । ଏବେ ଚିପନର ଅଧିକ ଉନ୍ନତି ଦିଗରେ କାମ ଜାରି ରହିଛି । ଆଗାମୀ ୫ ବର୍ଷ ମଧ୍ୟରେ ସ୍ମାର୍ଟ ବ୍ରେନ ଚିପର କାମ ପୂରଣ ହେବ । ଆମେରିକା ଡିଫେନ୍ସ ଆଡଭାନ୍ସ ରିସର୍ଚ୍ଚ ପ୍ରୋଜେକ୍ଟ ଏଜେନ୍ସି ଯବାନମାନଙ୍କ ମସ୍ତିଷ୍କକୁ କ୍ଷମତାକୁ ବଢ଼ାଇବା ଲାଗି ଏହା ଉପରେ ଅଧିକ ଆଗ୍ରହ ଦେଖାଉଛନ୍ତି । ଏଜେନ୍ସି ଏନ ୩ ପ୍ରୋଗ୍ରାମ ଲାଗି ଏକ ଟିମ ଗଠନ କରିଥିଲା । ଯାହାର କାମ ଥିଲା ଯବାନଙ୍କ ମସ୍ତିଷ୍କ ତରଙ୍ଗ ବା ବ୍ରେନ ୱେଭସରୁ ସୂଚନା ପାଇବା ଓ ପ୍ରେରଣ କରିବା । ଆଉ ଏ ଟେକନିକ ଜରିଆରେ ମିଲିଟାରିକୁ ଡ୍ରୋନ ଓ ସାଇବର ଡିଫେନ୍ସ ସିଷ୍ଟମକୁ କଣ୍ଟ୍ରୋଲ କରିପାରିବ ।

# ଓଜନ କମାଏ ତେନ୍ତୁଳି ରସ



ତେନ୍ତୁଳି ଖାଦ୍ୟର ସ୍ୱାଦକୁ ବଢ଼ାଇଥାଏ । ଖାଇବାକୁ ଚଟ୍‌ପଟା କରିବା ପାଇଁ ଏହାକୁ ଖଟା ଚଟଣୀ ଭାବରେ ବ୍ୟବହାର କରାଯାଇଥାଏ । ହେଲେ ବହୁତ କମ୍ ଲୋକଙ୍କୁ ଜଣା ଯେ ଶରୀରର ଓଜନ କମ୍ କରିବା ପାଇଁ ତେନ୍ତୁଳି ସାହାଯ୍ୟ କରିଥାଏ । ଏଥିରେ ଭିଟାମିନ୍ ସି, ଇ, ବି, କ୍ୟାଲସିୟମ୍, ଆଇରନ୍, ମାଙ୍ଗାନିଜ୍, ପୋଟାସିୟମ୍, ଫସଫରସ୍ ଓ ଫାଇବର ପ୍ରଚୁର ମାତ୍ରାରେ ରହିଛି । ଏସବୁ ତତ୍ତ୍ୱ ଶରୀରରେ ଫ୍ୟାଟ୍ ବର୍ନ୍ କରିବା ସହ ଭୋକର ମାତ୍ରାକୁ କମାଇଥା'ନ୍ତି । ତା'ହେଲେ ଆସନ୍ତୁ ଜାଣିବା ଓଜନ କମାଇବା ପାଇଁ ତେନ୍ତୁଳି କିପରି ସାହାଯ୍ୟ କରିଥାଏ ଏବଂ ଏଥିରେ ଅନ୍ୟ କ'ଣସବୁ ସ୍ୱାସ୍ଥ୍ୟ ଲାଭ ରହିଛି ।

♦ ତେନ୍ତୁଳିରେ ମାଙ୍ଗାନିଜ୍, ପୋଟାସିୟମ୍, ଫସଫରସ୍ ପରି ଭିଟାମିନ୍ ଓ ମିନେରାଲ୍ ବହୁ ପରିମାଣରେ ରହିଛି । ଯାହା ଆମ ସ୍ୱାସ୍ଥ୍ୟ ପାଇଁ ବହୁତ ଉପକାରୀ ।

♦ ଆପଣଙ୍କ ଗଳାରେ କଷ୍ଟ ହେଉଥିଲେ ବା ଥଣ୍ଡା ଯୋଗୁ ଆପଣ ଠିକ୍ରେ କଥା କହି ପାରୁନଥିଲେ ତେନ୍ତୁଳି ପାଣି ପିଅନ୍ତୁ । ଏହା ଆପଣଙ୍କୁ ଆରାମ ଦେବ ।

♦ ଥଣ୍ଡା ହୋଇଥିଲେ ଆଉ ଗୋଟେ ଉପାୟରେ ମଧ୍ୟ ତେନ୍ତୁଳିକୁ ବ୍ୟବହାର କରିପାରିବେ । ଗୋଟେ ଗ୍ଲାସ୍ ଉଷୁମ ପାଣିରେ ଗୋଟେ ଚାମଚ ତେନ୍ତୁଳି ରସ ପକାଇ ପିଇଲେ ଆପଣ ଥଣ୍ଡାରୁ ଉପଷମ ପାଇ ପାରିବେ ।

♦ ଆମ ଶରୀରରୁ ଅନାବଶ୍ୟକ ବର୍ଜ୍ୟ ବସ୍ତୁ ବାହାର କରିବାରେ ମଧ୍ୟ ତେନ୍ତୁଳି ସାହାଯ୍ୟ କରିଥାଏ । ଏଥପାଇଁ ଆପଣ ଦୁଇ ଛୋଟ ଚାମଚ ତେନ୍ତୁଳି ରସ ପ୍ରତିଦିନ ଖାଆନ୍ତୁ ।

♦ ତେନ୍ତୁଳି ରସ ହାର୍ଟ ପାଇଁ ବହୁତ ଭଲ । ହାର୍ଟ ରୋଗୀ ତେନ୍ତୁଳି ରସ ପିଇଲେ ସେମାନଙ୍କ କୋଲେଷ୍ଟ୍ରଲ୍ ? ନିୟନ୍ତ୍ରଣ ହୋଇଥାଏ ।

**କିପରି ତିଆରି କରିବେ ତେନ୍ତୁଳି ରସ:**

ତେନ୍ତୁଳିକୁ ଭଲ ଭାବରେ ଧୋଇ ଦିଅନ୍ତୁ ଏବଂ ଏଥିରୁ ମଞ୍ଜିକୁ ବାହାର କରନ୍ତୁ । ଦୁଇ ଗ୍ଲାସ୍ ପାଣିରେ ତେନ୍ତୁଳି ପକାଇ ୧୦ ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ । ଏବେ ତେନ୍ତୁଳିକୁ ସେଥିରୁ ଛାଣି ଜୁସ୍ ବାହାର କରନ୍ତୁ । ଜୁସ୍ ଥଣ୍ଡା ହୋଇଗଲା ପରେ ଏହାକୁ ପ୍ରତିଦିନ ପିଇବା ଅଭ୍ୟାସ କରନ୍ତୁ । ଏହା ଧିରେ ଧିରେ ଆପଣଙ୍କ ଓଜନ କମ୍ କରିବ । ଆପଣ ଚାହିଁଲେ ଏହାର ସ୍ୱାଦ ବଢ଼ାଇବା ପାଇଁ ମହୁ ମିଶାଇପାରିବେ । ମନେରଖନ୍ତୁ ତେନ୍ତୁଳି ରସ ବ୍ୟବହାର କରିବା ପୂର୍ବରୁ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶ ନିଶ୍ଚିନ୍ତ ନିଅନ୍ତୁ ।

# ମନ କିଣେ ମନାଲି



କୁଲ୍ଲୁ-ମନାଲି ସ୍ଥାନର ନାମଟି ଆପଣ ଶୁଣିଥିବେ । ଭାରତର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ ମଧ୍ୟରେ କୁଲ୍ଲୁ-ମନାଲି ହେଉଛି ଅନ୍ୟତମ । ପ୍ରାକୃତିକ ସୌନ୍ଦର୍ଯ୍ୟର ଭରପୂର ଥିବା ଏହି ସ୍ଥାନଟି ହିମାଚଳ ପ୍ରଦେଶରେ ଅବସ୍ଥିତ । ଯଦି ଆପଣଙ୍କର ଏହି କୁଲ୍ଲୁ-ମନାଲି ବୁଲିବା ପାଇଁ ଯୋଜନା ଥାଏ ତେବେ ଜାଣି ରଖନ୍ତୁ ସେଠାକୁ ଗଲେ କ'ଣ ସବୁ ଦେଖିବେ ।

ପୌରାଣିକ ତଥ୍ୟ ଅନୁଯାୟୀ ରାଜା 'ମନୁ'ଙ୍କ ନାମରେ ମନାଲି ନାମକରଣ ହୋଇଛି । ୩ଟି ପାହାଡ଼ର ଲାଗି ଲାଗି ହୋଇଥିବା ସ୍ଥାନ ହେଉଛି ମନାଲି । ପ୍ରତି ପାହାଡ଼ରେ ଗାଁ ସାଙ୍ଗକୁ ଗୋଟିଏ ଗୋଟିଏ ମନ୍ଦିର ରହିଛି । ସେହିପରି ମନାଲିରେ ରହିଛି ବନ ବିହାର । ଏଠାରେ ଆପଣ ବୋଟିଂ ଏବଂ ଅନ୍ୟ ମନରଞ୍ଜନ ସାମଗ୍ରୀର ମଜା ନେଇପାରିବେ । ଅନ୍ୟପଟେ ଆପଣ ଏଠିକାର ଜଙ୍ଗଲରେ ବୁଲି ପ୍ରକୃତିକୁ ଉପଭୋଗ କରିପାରିବେ । ମନାଲିର ଆଉ ଏକ ଆକର୍ଷଣ ହେଉଛି ଗ୍ରେଟ୍ ? ହିମାଳୟନ୍ ରାଷ୍ଟ୍ରୀୟ ଉଦ୍ୟାନ୍ । ହିମାଳୟ ସଂଲଗ୍ନ ଏହି ଉଦ୍ୟାନ୍ ? ୧୯୮୪ରେ ତିଆରି କରାଯାଇଥିଲା । ଯାହା ୭୫୪ କିମି ବର୍ଗ କିଲୋମିଟର ପର୍ଯ୍ୟନ୍ତ ପରିବ୍ୟାପ୍ତ । ପର୍ବତ ଘେରା ଏହି ରାଷ୍ଟ୍ରୀୟ ଉଦ୍ୟାନକୁ ୪ଟି ଘାଟିରେ ଭାଗ କରାଯାଇଛି । ମନାଲିରେ ଥିବା ମନୁ ମନ୍ଦିର ରାଜା ମନୁଙ୍କୁ ସମର୍ପିତ କରଯାଛି । ମନାଲିରେ ସବୁଠୁ ଆକର୍ଷଣ କେନ୍ଦ୍ର ବିନ୍ଦୁ ହେଉଛି ଯୋଗିନି ଝରଣା । ଏହି ଝରଣାକୁ ଦେଖିଲେ ଆପଣ ନିଶ୍ଚିତ ବିମୋହିତ ହେବେ । ତେବେ ମନାଲିଠାରୁ କୁଲୁ ଘାଟି ୪୦ କିମି ଦୂରରେ ଅବସ୍ଥିତ ।



ଯେଉଁ ସ୍ଥାନକୁ ପ୍ରତି ବର୍ଷ ହଜାର ହଜାର ପର୍ଯ୍ୟଟକ ଆସିଥାନ୍ତି । ମନାଲି ଠାରୁ ୨ କିଲୋମିଟର ଦୂରରେ ଏକ ଅଭୟାରଣ୍ୟ ରହିଛି । ଏହି ଅଭୟାରଣ୍ୟରେ ଦେଓଦାର, କାଇଲ ,କାଜୁ, ଓ ମାପଲ ବୃକ୍ଷର ଘଞ୍ଚ ବନାନୀ ସହ କସ୍ତୁରୀ ମୃଗ , ମୋନାଲ , ଭାଲୁ , ଚିତା ବାଘ , ଧଳା ଚିତାବାଘ ବହୁ ସଂଖ୍ୟାରେ ରହିଥାନ୍ତି । ଗ୍ରୀଷ୍ମ କାଳରେ ଇବେକ୍ସ ଜାତୀୟ ପ୍ରାଣୀ ମାନଙ୍କର ବଡ ଦଳ ଏଠାରେ ବିଚରଣ କରୁଥିବାର ଦେଖାଯାଇଥାଏ ।

କୁଲୁଠାରୁ ପ୍ରାୟ ତିନି କିଲୋମିଟର ଦୂରରେ ରାମଶିଳା ନାମକ ଏକ ସ୍ଥାନ ଅଛି । ଏଠାରୁ ପ୍ରାୟ ୧୭ କିଲୋମିଟର ଦୂରରେ ' ବିଜଲି ମହାଦେବ' ଙ୍କ ମନ୍ଦିର ରହିଛି । ଏହା ଏକ ବିସ୍ମୟ ଜନକ ମନ୍ଦିର । ଏହା ସମୁଦ୍ର ପତନ ଠାରୁ ପ୍ରାୟ ୨୬୪୦ ମିଟର ଉଚ୍ଚରେ ଅବସ୍ଥିତ ।ସେଠାରୁ ଷୋହଳ କିଲୋମିଟର ଆଗକୁ ଗଲେ ' ରାୟସନ' ନାମକ ସ୍ଥାନ ପଡ଼େ । ଏମିତି ଏଠାରେ ଆପଣ ଅନେକ ସ୍ଥାନର ମଜା ନେଇପାରିବେ ।

# ଡଗ୍ ଥେରାପି



ବିଭିନ୍ନ ପ୍ରକାର ଥେରାପି ସମ୍ବନ୍ଧରେ ଆପଣ ଜାଣିଥିବେ । ହେଲେ କେବେ 'ଡଗ୍ ଥେରାପି' ସମ୍ବନ୍ଧରେ ଶୁଣିଛନ୍ତି କି ? ବର୍ଷରୁ କମ ବୟସ୍କ ଶିଶୁମାନଙ୍କ ନିକଟରେ ଦେଖା ଯାଉଥିବା 'ଏଡିଏଚଡି' **Attention Deficit Hyperactivity Disorser** ନାମକ ରୋଗର ନିରାକରଣ ପାଇଁ ଏହି ଥେରାପି ବ୍ୟବହାର କରାଯାଇ ପାରିବ । ଉପଯୁକ୍ତ ଯତ୍ନ ଏବଂ ଧ୍ୟାନ ଅଭାବରୁ ଶିଶୁମାନଙ୍କ ନିକଟରେ ଏହି ରୋଗ ଦେଖାଯାଏ । ଏହା ଏକ ପ୍ରକାର ମାନସିକ ରୋଗ । ୟୁନିଭର୍ସିଟି ଅଫ୍ କାଲିଫର୍ଣ୍ଣିଆର ବିଶେଷଜ୍ଞମାନେ ଏହି ଥେରାପିର ଉଦ୍ଭାବନ କରିଛନ୍ତି । ହଗ୍ ଥେରାପି ପାଇଁ ଏକ ସ୍ୱତନ୍ତ୍ର ପ୍ରଜାତିର କୁକୁରକୁ ତାଲିମ ଦିଆ ଯାଇଥାଏ । ହସ୍ପିଟାଲରେ କିମ୍ବା ଘରେ ଏଡିଏଚଡି ରୋଗାଗ୍ରସ୍ତ ଶିଶୁମାନଙ୍କ ଉପଚାର ପାଇଁ ଶିଶୁମାନଙ୍କୁ ଏହି କୁକୁର ସହ ରହିବାକୁ ପଡ଼ିଥାଏ । ତାଲିମପ୍ରାପ୍ତ କୁକୁର ସହ ରହିବା ଦ୍ୱାରା ଶିଶୁର ମାନସିକ ସ୍ଥିତି ସ୍ୱାଭାବିକ ହୋଇ ପାରିବ ବୋଲି ବୈଜ୍ଞାନିକମାନେ ଦାବି କରିଛନ୍ତି । ୧୨ ସପ୍ତାହ ଧରି ଏହି ଥେରାପି ନେବା ଦ୍ୱାରା ଏହି ରୋଗର ସମ୍ପୂର୍ଣ୍ଣ ଉପଚାର ହୋଇପାରିବ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ନଅ ରାଜ୍ୟରେ ସେମିଫାଇନାଲ...

ଚଳିତ ବର୍ଷ ହେବାକୁ ଯାଉଛି ନଅ ରାଜ୍ୟର ବିଧାନସଭା ନିର୍ବାଚନ । ଆସନ୍ତା ବର୍ଷ ଅର୍ଥାତ୍ ୨୦୨୪ରେ ହେବାକୁ ଥିବା ସାଧାରଣ ନିର୍ବାଚନ ପାଇଁ ଏହି ବିଧାନସଭା ଭୋଟ୍‌କୁ ସେମିଫାଇନାଲ ଭାବରେ ଧରାଯାଉଛି । ସାଧାରଣ ନିର୍ବାଚନରେ ବିଭିନ୍ନ ଜାତୀୟ ତଥା ଆଞ୍ଚଳିକ ଦଳମାନେ ପ୍ରସ୍ତୁତି ଚଳାଇଛନ୍ତି । କେନ୍ଦ୍ରରେ କ୍ଷମତାସୀନ ଭାରତୀୟ ଜନତା ପାର୍ଟି ୨୦୨୪ରେ ତୃତୀୟ ପାଳି ହାସଲ କରିବ, ସେଥିପାଇଁ ରଣନୀତି ପ୍ରସ୍ତୁତି ଚାଲିଛି । ଦିଲ୍ଲୀରେ ଅନୁଷ୍ଠିତ ଦଳର ଜାତୀୟ କାର୍ଯ୍ୟକାରିଣୀ ବୈଠକରେ ନଅ ବିଧାନସଭା ନିର୍ବାଚନ ସକାଶେ ରଣନୀତି ଚୂଡ଼ାନ୍ତ କରାଯାଇଛି । ସାଧାରଣ ନିର୍ବାଚନ ଲାଗି ବିଜେପି କାର୍ଯ୍ୟକାରିଣୀରେ ରୋଡ୍ ମ୍ୟାପ୍ ତୃତୀୟ ପାଳି କ୍ଷମତାରୋହଣ ସକାଶେ ରାସ୍ତା ଦେଖାଇବାକୁ ଯାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ୩୫ଜଣ କେନ୍ଦ୍ର ମନ୍ତ୍ରୀ, ୧୨ଜଣ ମୁଖ୍ୟମନ୍ତ୍ରୀ ଏବଂ ୩୭ଜଣ ପ୍ରାଦେଶିକ ମୁଖ୍ୟଙ୍କ ସହ ୩୫୦ଜଣ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା । ଦୁଇଦିନିଆ ବୈଠକ ସହିତ ପ୍ରଧାନମନ୍ତ୍ରୀଙ୍କର ରୋଡ୍ ସୋ' ମଧ୍ୟ କରାଯାଇଛି । ତାହାରି ଭିତରେ ରାହୁଲ ଗାନ୍ଧିଙ୍କର ଭାରତ ଯୋଡ଼ୋ ପଦଯାତ୍ରା ଜାତୀୟ ରାଜଧାନୀରେ ପ୍ରବେଶ କରିଛି । ଦେଶସାରା ପଦଯାତ୍ରା କରୁଥିବା ରାହୁଲ ଜମ୍ମୁ-କାଶ୍ମୀରରେ ପ୍ରବେଶ ପୂର୍ବରୁ ଏକାଧିକ ବିବାଦ ଭାରତ ଯୋଡ଼ୋ ନେଇ ଦେଖାଦେଇଛି । ପେଗାସସ୍, ରାଫେଲ, ଇଡି, ସେଣ୍ଟ୍ରାଲ ଭିସ୍ତା, ବିମୁଦ୍ରୀକରଣ ପ୍ରସଙ୍ଗ ପ୍ରଧାନମନ୍ତ୍ରୀଙ୍କୁ ବିରୋଧୀ ଦଳ ଘେରିଥିଲେ । ମାତ୍ର ଅଧିକାଂଶ ପ୍ରସଙ୍ଗ ଅମୂଳକ ସାବ୍ୟସ୍ତ ହୋଇସାରିଛି । ସୁତରାଂ, ୨୦୨୪ ସାଧାରଣ ନିର୍ବାଚନ ପାଇଁ ନଅ ରାଜ୍ୟରେ ବିଧାନସଭା ଭୋଟ୍‌ର ଫଳାଫଳ ସାଧାରଣ ନିର୍ବାଚନ ପାଇଁ ରାସ୍ତା ପରିଷ୍କାର କରିପାରିବ । ଗତବର୍ଷ ଗୁଜରାଟ ଓ ହିମାଚଳ ପ୍ରଦେଶରେ ବିଧାନସଭା ନିର୍ବାଚନ ହୋଇସାରିଛି । ଗୁଜରାଟରେ ବିଜେପି ପାଇଥିବା ସଫଳତା ଦଳ ପାଇଁ ପଥପ୍ରଦର୍ଶକ ହେବ । ଜାତୀୟ କାର୍ଯ୍ୟକାରିଣୀ ବୈଠକରେ ଦୀର୍ଘଦିନର ସଫଳ ପ୍ରଦର୍ଶନ ଆଧାରରେ ଭୋଟ୍ ଲଢ଼ାଯିବ ବୋଲି ନିର୍ଣ୍ଣୟ ହୋଇଛି । ଯେଉଁ ବୁଥ୍‌ଗୁଡ଼ିକରେ ସ୍ଥିତି ଦୁର୍ବଳ ରହିଛି, ସେଗୁଡ଼ିକୁ ସଶକ୍ତ କରାଯିବା ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଛି । ଜାତୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ସମସ୍ତ ନଅ ରାଜ୍ୟରେ ଶତପ୍ରତିଶତ ସଫଳ ପ୍ରଦର୍ଶନ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ରାଜନୈତିକ, ଅର୍ଥନୈତିକ ଓ ଆନ୍ତର୍ଜାତିକ ପ୍ରସ୍ତାବ ଉପରେ ବିଜେପିର ଜାତୀୟ କାର୍ଯ୍ୟକାରିଣୀ ବୈଠକରେ ସବିସ୍ତାର ଚର୍ଚ୍ଚା ହୋଇ ଗୃହୀତ ହୋଇଛି । ଜାତୀୟ ରାଜନୀତି ଉପରେ ବିତର୍କ ସମୟରେ ବିଭିନ୍ନ ପ୍ରସଙ୍ଗ ଆଲୋଚିତ ହୋଇଥିଲା । ବର୍ଷ ବର୍ଷ ଧରି ଚାଲିଆସିଥିବା ସ୍ଥାଣୁ ଶାସନର ଅନ୍ତ ଘଟାଇ କିଭଳି ମୋଦିଙ୍କ ଶାସନ ନୂତନ ଯୁଗର ଆରମ୍ଭ କରିଛନ୍ତି, ତାହା ଆଲୋଚିତ ହୋଇଥିଲା । ଅର୍ଥନୈତିକ ପ୍ରସ୍ତାବରେ କଥିତ ନୋଟବନ୍ଦୀ ନେଇ ସର୍ବୋଚ୍ଚ ନ୍ୟାୟାଳୟ କିଭଳି ସକାରାତ୍ମକ ମୋହର ମାରିଲେ ତାହା ଆଲୋଚିତ ହେଲା । ପ୍ରତିପକ୍ଷର ସମାଲୋଚନା ଭିତରେ ସୁଦ୍ଧା ଜି-୨୦ର ଅଧ୍ୟକ୍ଷତା ପାଇଁ ଭାରତ ବିଶ୍ୱସ୍ତରୀୟ ନେତୃତ୍ୱ ସାବ୍ୟସ୍ତ କରିଥିବା ମଧ୍ୟ ଚର୍ଚ୍ଚିତ ହୋଇଥିଲା । ଚଳିତ ଓ ଆସନ୍ତା ବର୍ଷ ହେବାକୁ ଯାଉଥିବା ନିର୍ବାଚନ ବିଭିନ୍ନ ଦିଗରୁ ମହତ୍ତ୍ୱପୂର୍ଣ୍ଣ ବିଚାର କରାଯାଉଥିବାରୁ କୌଣସି ଭାବରେ ସଫଳ ପ୍ରଦର୍ଶନ ଆଧାରରେ ଦଳକୁ ଜିତିବାକୁ ହେବ ବୋଲି ନିର୍ଣ୍ଣୟ ହୋଇଛି । ରାଷ୍ଟ୍ରବାଦକୁ ମୂଳ ଆଧାର କରି ଲଢ଼ିଆସିଥିବା ଦଳ ୨୦୨୪ ଜାନୁଆରୀ ପହିଲାରେ ରାମ ମନ୍ଦିର ସମ୍ପୂର୍ଣ୍ଣ କରି ତାହାର ଶୁଭାରମ୍ଭ କରିବ ବୋଲି ଏଥିପୂର୍ବରୁ ଗୃହମନ୍ତ୍ରୀ ଅମିତ ଶାହାଙ୍କ ଘୋଷଣା ଦଳୀୟ ସମର୍ଥକ ମହଲରେ ଉତ୍ସାହ ଭରିଦେଇଛି । ଘୋଷଣାକୁ ସାଧାରଣ ନିର୍ବାଚନ ସମର୍ଥକ ମହଲରେ ଉତ୍ସାହ ଭରିଦେଇଛି । ଯେଉଁ ରାଜ୍ୟଗୁଡ଼ିକରେ ବିଧାନସଭା ଭୋଟ୍ ହେବ, ତାହାରି ଉପରେ ଫୋକସ୍ ରଖାଯାଉଥିବା ସମୟରେ ଦାକ୍ଷିଣାତ୍ୟ ବିଜୟକୁ ବିଜେପି ଗୁରୁତ୍ୱ ଦେଉଛି । ପ୍ରଧାମନ୍ତ୍ରୀଙ୍କ ଦ୍ୱାରା ତେଲଙ୍ଗାନା ରାଜଧାନୀରୁ ବିଶାଖାପାଟା ପର୍ଯ୍ୟନ୍ତ ବନ୍ଦେ ଭାରତ ଏକ୍ସପ୍ରେସ୍ ଚଳାଚଳର ଉଦ୍‌ଘାଟନ କାଳେ ନିର୍ବାଚନର ପ୍ରାକ୍ ପ୍ରସ୍ତୁତି ବୋଲି କୁହାଯାଉଛି । ଉତ୍ତର-ଭାରତରେ ଦଳର ପ୍ରଭାବ ସତ୍ତ୍ୱେ ଦକ୍ଷିଣକୁ ପ୍ରଭାବ ବିସ୍ତାର ପାଇଁ ରୋଡ୍‌ମ୍ୟାପ୍ କରାଯିବା ଗୁରୁତ୍ୱ ବହନ କରୁଛି । କେବଳ କର୍ଣ୍ଣାଟକରେ ବିଜେପିର ସରକାର ରହିଛି । ସେଠାରେ ବୋମାଇ ସରକାରକୁ କଂଗ୍ରେସ ଘେରି ରଖିଛି । ତାହାବାଦ୍ ତାମିଲନାଡୁରେ ଡିଏମ୍‌କେ ସରକାର, ତେଲଙ୍ଗାନାରେ କେସିଆରଙ୍କ ଶାସନ । ଏହା ଭିତରେ ତାଙ୍କ ଦଳକୁ ବିଆର୍‌ଏସ୍ ଭାବେ ନାମକରଣ କରି ମୁଖ୍ୟମନ୍ତ୍ରୀ ଚନ୍ଦ୍ରଶେଖର ରାଓ ଜାତୀୟ ରାଜନୀତିରେ ଅବତୀର୍ଣ୍ଣ ହେବାର ଇଚ୍ଛା ପ୍ରକଟ କରିଛନ୍ତି । ସେହିଭଳି ଆମ୍ ଆଦ୍‌ମୀ ପାର୍ଟି ଦିଲ୍ଲୀ, ପଞ୍ଜାବ ଦଖଲ ପରେ ଦଳର ମୁଖ୍ୟଙ୍କୁ ଜାତୀୟ ନେତୃତ୍ୱ ସକାଶେ ପ୍ରସ୍ତୁତ କରାଉଛି । ସବୁ ପ୍ରସଙ୍ଗ ଓ ପ୍ରକରଣ ଭିତରେ ୨୦୨୪ ସାଧାରଣ ନିର୍ବାଚନ ପାଇଁ ଆଞ୍ଚଳିକ ଦଳ ଓ ଜାତୀୟ ଦଳଗୁଡ଼ିକ ସମରସଜ୍ଜା ପାଇଁ ଏବେଠାରୁ ପ୍ରସ୍ତୁତି ଚଳାଉଥିବା ଦେଖାଯାଉଛି ।

## ସୁପ୍ରିମକୋର୍ଟରେ ବଂଶବାଦ



**ସୌମେନ୍ଦ୍ର ଜେନା**

ଗତ କିଛିମାସ ହେବ ଦେଶର ନ୍ୟାୟିକ ବ୍ୟବସ୍ଥା, ନ୍ୟାୟାଳୟର କାର୍ଯ୍ୟସମୟ, ବିଚାରପତିଙ୍କ ସୁବିଧା ସୁଯୋଗ, ଦେଶରେ ମାମଲାର ବଢୁଥିବା ସଂଖ୍ୟା,ଉଚ୍ଚ ଅଦାଲତରେ ବିଳମ୍ବିତ ନ୍ୟାୟ ପ୍ରକ୍ରିୟାକୁ କେନ୍ଦ୍ରକରି ଅନେକ ଆଲୋଚନା-ସମାଲୋଚନା ସମସ୍ତଙ୍କ ଦୃଷ୍ଟିକୁ ଆସିଛି । ଦେଶର ଗଣମାଧ୍ୟମଗୁଡିକ ଆଜି ପର୍ଯ୍ୟନ୍ତ କେବଳ ରାଜନୀତି, ରାଜନେତା ଏବଂ ରାଜନୈତିକ ଦଳଗୁଡିକୁ କେନ୍ଦ୍ରକରି ଖବର ପ୍ରସାର କରୁଥିବା ବେଳେ ଦେଶର ସବୁ ସମସ୍ୟାର ମୂଳ କେବଳ ସେମାନେ ବୋଲି କୁହାଯାଇଆସିଛି, ଦର୍ଶାଯାଇ ଆସିଛି । କିନ୍ତୁ ଗଣତାନ୍ତ୍ରିକ ବ୍ୟବସ୍ଥାର ଏହା ଏକମାତ୍ର ଅଂଶବିଶେଷ, ସବୁକିଛି ନୁହେଁ ବୋଲି ଆମକୁ ଗ୍ରହଣ କରିବାକୁ ହେବ । ଅଥଚ ଦେଶର ରାଜନୀତିରେ ପିତାପରେ ପୁତ୍ରର ରାଜନୀତିକୁ ବଂଶବାଦର ଆଖ୍ୟା ପ୍ରଦାନ କରାଯାଉଥିଲା ବେଳେ ବଡ ବ୍ୟବସାୟୀର ପୁତ୍ର ଆହୁରି ବଡ ବ୍ୟବସାୟୀ ହେବା, ସିନେ ତାରକାଙ୍କ ପୁଅଝିଅମାନେ ବାପାମାଆଙ୍କ ପରି ସିନେ ଜଗତକୁ ଦଖଲ କଲେ ମଧ୍ୟ ସେଠାରେ ବଂଶବାଦକୁ ନେଇ କେହି ଏଠି ଆଲୋଚନା କରୁନାହିଁ । ସେମିତି ଦେଶର ବିଚାର ବ୍ୟବସ୍ଥାରେ ମଧ୍ୟ ବଂଶବାଦ ଆଧାରିତ ପରମ୍ପରା ଅଧିକ ସୁଦୃଢ ହେଉଥିବା ସମୟରେ ତାକୁ କେହି ଦୋଷ ଦେଉନାହାନ୍ତି । ଏବି ବଂଶବାଦୀ ଧରାଧରି ବ୍ୟବସ୍ଥା ଯୋଗୁ ଅନେକ ଯୋଗ୍ୟ ବିଚାରପତି ଉଚ୍ଚନ୍ୟାୟାଳୟ କିମ୍ବା ସର୍ବୋଚ୍ଚ ନ୍ୟାୟାଳୟ (ସୁପ୍ରିମକୋର୍ଟ)କୁ ଆସିବାର ସୁଯୋଗ ନପାଇ ତଳ ଅଦାଲତରେ ନିଜର କାର୍ଯ୍ୟକାଳ ଶେଷ କରିବାକୁ ବାଧ ହେଉଛନ୍ତି । ଦେଶର କଲେଜିୟମ ବ୍ୟବସ୍ଥା ଯୋଗ୍ୟ ବିଚାରପତିମାନଙ୍କୁ ସ୍ଥାନ ନଦେଇ ସଂପର୍କୀତ ଏବଂ ନିକଟତର ବିଚାରପତିମାନଙ୍କୁ ପଦପଦବୀରେ ଆସୀନ କରୁଥିବା ହେତୁ ଅସଲ ସଙ୍କଟ ସୃଷ୍ଟି ହେଉଥିବା କଥା କୁହାଯାଉଛି । ଗତ କିଛିଦିନ ତଳେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଝପୁଡାମାରି ଜେଲରେ ଥିବା ଦେଶର ଗରିବ, ଆଦିବାସୀମାନଙ୍କ ଅସହାୟତା କଥା ପ୍ରକାଶ କରି ସମସ୍ତଙ୍କୁ ଚକିତ କରି ଦେଇଥିଲେ । ଜମି ନଥିବାରୁ ସେମାନେ କିପରି ଜାମିନଦାର ନ ପାଇବା, ସର୍ବହରା ହେବା ଭୟରେ ଅଦାଲତକୁ ନଯିବା କଥା କହିଥିଲେ । ଆଇନମନ୍ତ୍ରୀ କିରଣ ରିଜିଜୁ ମଧ୍ୟ ବିଚାର ବ୍ୟବସ୍ଥାରେ ପାରଦର୍ଶିତା,ନିଯୁକ୍ତିରେ ସ୍ୱଚ୍ଛତା, ଯୋଗ୍ୟତା ଚୟନରେ ବିଶ୍ୱସନୀୟତା ରହିବା ଉପରେ ଜୋର ଦେଇ ଦେଶର କଲେଜିୟମ ବ୍ୟବସ୍ଥାକୁ ପରୋକ୍ଷରେ ଇଙ୍ଗିତ କରିଥିଲେ ।

ବିଗତ ଦିନଗୁଡିକରେ ଦେଶର ବିଚାର ବ୍ୟବସ୍ଥାର ଅବ୍ୟବସ୍ଥାକୁ କେନ୍ଦ୍ରକରି ଢେର ଢେର ଲେଖାମାନ ପ୍ରକାଶ ପାଇଛି । ସାମ୍ବିଧାନିକ ବ୍ୟବସ୍ଥାକୁ ଲକ୍ଷ୍ୟକଲେ ଦେଶର ତଳ କୋର୍ଟ ପାଇଁ ବିଧିବଦ୍ଧ ଭାବେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପରେ ବିଚାରପତି ନିଯୁକ୍ତି ବ୍ୟବସ୍ଥା ରହିଥିଲେ ମଧ୍ୟ ଉପର କୋର୍ଟ (ହାଇକୋର୍ଟ, ସୁପ୍ରିମକୋର୍ଟ) ଗୁଡିକ ପାଇଁ ସେପରି ବ୍ୟବସ୍ଥା ନାହିଁ । ସମ୍ବିଧାନର ଧାରା ୧୨୪(୨) ଏବଂ ୨୧୭ରେ ସୁପ୍ରିମକୋର୍ଟ ଏବଂ ହାଇକୋର୍ଟର ଜଜ୍ (ବିଚାରପତି)ମାନଙ୍କର ନିଯୁକ୍ତି ସଂପର୍କରେ ଉଲ୍ଲେଖ ରହିଛି । କିନ୍ତୁ କୌଣସି ନିର୍ଦ୍ଦିଷ୍ଟ ପ୍ରକ୍ରିୟା ବିଷୟରେ ଉଲ୍ଲେଖ କରାଯାଇନାହିଁ । ବ୍ୟବସ୍ଥା ଅନୁଯାୟୀ ୧୨୪(୨) କହେ ଯେ ସୁପ୍ରିମକୋର୍ଟ ଓ ହାଇକୋର୍ଟର ଜଜ୍‌ମାନଙ୍କୁ ନିଯୁକ୍ତି ପାଇଁ ରାଷ୍ଟ୍ରପତି ସର୍ବୋଚ୍ଚ ନ୍ୟାୟାଳୟ (ସୁପ୍ରିମକୋର୍ଟ)ର ମୁଖ୍ୟ ବିଚାରପତିଙ୍କ ସହ ଆଲୋଚନା କରିଥାନ୍ତି । ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତିଙ୍କ ନିଯୁକ୍ତି ପାଇଁ ସେ ଅନ୍ୟ ବିଚାରପତିମାନଙ୍କ ସହ ଆଲୋଚନା କରିଥାନ୍ତି । ତେବେ ସମ୍ବିଧାନର ୨୧୭ଧାରା ଅନୁଯାୟୀ ହାଇକୋର୍ଟର ବିଚାରପତିଙ୍କ ନିଯୁକ୍ତି ରାଷ୍ଟ୍ରପତିଙ୍କ ଦ୍ୱାରା ହେଉଥିଲେ ମଧ୍ୟ ସେ ସଂପୃକ୍ତ ରାଜ୍ୟର ରାଜ୍ୟପାଳ ଏବଂ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତିଙ୍କ ସହ ଆଲୋଚନା କରିଥାନ୍ତି ।

ଦେଖିବାକୁ ଗଲେ ଏବେ ପ୍ରଚଳିତ କଲେଜିୟମ ବ୍ୟବସ୍ଥା ମୂଳ ସମ୍ବିଧାନରେ ନଥିଲା । ୨୮ ଅକ୍ଟୋବର ୧୯୯୮ରେ ୩ଜଣିଆ ଜଜ୍ ମାମଲାରେ ସୁପ୍ରିମକୋର୍ଟର ରାୟ ମାଧ୍ୟମରେ ଏହାକୁ ଦେଶରେ କାର୍ଯ୍ୟକାରୀ କରାଯାଇଥିଲା । ଏହି ବ୍ୟବସ୍ଥା ଅନୁସାରେ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଏବଂ ୪ଜଣ ବରିଷ୍ଠ ଜଜ୍‌ଙ୍କୁ ନେଇ ଗଠିତ କମିଟି (କଲେଜିୟମ) ଦେଶର ବିଚାରପତି (ଜଜ୍)ମାନଙ୍କୁ ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ନିଯୁକ୍ତି ଦେଇଥାନ୍ତି, ବଦଳିପାଇଁ ସୁପାରିଶ କରିଥାଆନ୍ତି । କଲେଜିୟମର ସୁପାରିଶକୁ ସ୍ୱୀକୃତି ପାଇଁ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଯାଇଥାଏ । ସେହି ତାଲିକାରେ ମତଭେଦ ଥିଲେ ସରକାର କିଛି ନୂଆ ପ୍ରସ୍ତାବିତ ନାମ ତାଲିକା ସହ ସଂଶୋଧନ ନିମନ୍ତେ କଲେଜିୟମକୁ ପଠାଇଥାନ୍ତି । କଲେଜିୟମ ସରକାରଙ୍କ ସଂଶୋଧନକୁ ଗ୍ରହଣ କରନ୍ତି କିମ୍ବା ନିଜ ମୁତାବକ ତାଲିକା କରି ପୁଣିଥରେ କେନ୍ଦ୍ର ସରକାରଙ୍କ ପାଖକୁ ପଠାଇଥାନ୍ତି । ତେବେ ଦ୍ୱିତୀୟଥର ସରକାର କଲେଜିୟମର ପ୍ରସ୍ତାବକୁ ଗ୍ରହଣ କରିବାକୁ ବାଧ ହୋଇଥାନ୍ତି ।

ଗତ ୨୫ ବର୍ଷରେ ଯାହା ଦେଖାଯାଇଛି ଏହି ବ୍ୟବସ୍ଥାରେ କେତେକ ହାତଗଣା ପରିବାର ବର୍ଗ ଉପକୃତ ହୋଇଛନ୍ତି । ଏହି ପ୍ରକ୍ରିୟା କାର୍ଯ୍ୟକାରୀ କରିବା ବେଳେ କଲେଜିୟମ ବନାମ ସରକାର ସ୍ଥିତି ଉପୁଜିଲେ ଅଯଥା ବର୍ଷ ବର୍ଷ ସମୟ ନଷ୍ଟ ହୋଇଥାଏ, ନିଯୁକ୍ତି ବିଳମ୍ବିତ ହୋଇଥାଏ । କଲେଜିୟମ ସରକାରଙ୍କ ଆପତ୍ତିକୁ ଗ୍ରହଣ ନ କଲେ ସରକାର ମଧ୍ୟ କଲେଜିୟମର ବିରୋଧୀ ହୋଇଥାନ୍ତି । ଫଳସ୍ୱରୂପ ମକଦ୍ଦମା ସଂଖ୍ୟା ବଢୁଥାଏ, ବିଚାରକାଳ ଗଡୁଥାଏ । ସରକାର କଲେଜିୟମର ପ୍ରସ୍ତାବକୁ ଗ୍ରହଣ କରି କେତେ ସମୟ ମଧ୍ୟରେ ନିଯୁକ୍ତି ଦେବେ ତାହା ସ୍ପଷ୍ଟ ନଥିବାରୁ ସରକାର ଟାଳଟୁଳନୀତି ଅବଲମ୍ବନ କରିଥାନ୍ତି । କଲେଜିୟମ ବ୍ୟବସ୍ଥାକୁ ବର୍ତ୍ତମାନର ସରକାର ବିରୋଧ କରିବାର କାରଣ ହେଲା ଯେ ଏହି ବ୍ୟବସ୍ଥା ପ୍ରିୟାପ୍ରୀତି ତୋଷଣକୁ ପ୍ରୋତ୍ସାହିତ କରିଆସୁଛି । ଏଥିରେ କେନ୍ଦ୍ର ସଚିବାଳୟ କିମ୍ବା ଅନ୍ୟ କାର୍ଯ୍ୟାଳୟର ଭୂମିକା ରହୁନାହିଁ । ୫ଜଣ ଜଜ୍ ବନ୍ଦ କୋଠରୀ ମଧ୍ୟରେ ଯାହା ସ୍ଥିର କରୁଛନ୍ତି ତାକୁ ସର୍ବମାନ୍ୟ ଭାବେ ଗ୍ରହଣ କରାଯାଉଛି । ଏହି ଚୟନ ପ୍ରକ୍ରିୟା ଆଦୌ ଯୋଗ୍ୟତା ଏବଂ ପ୍ରତିଯୋଗିତାଭିତ୍ତିକ ନହୋଇ ବ୍ୟକ୍ତିଗତ ସଂପର୍କଭିତ୍ତିକ ହୋଇ ଆସିଛି । ଏଥିରେ ଅସ୍ୱଚ୍ଛତା ରହିଥିବା ହେତୁ ସନ୍ଦେହର ଘେରରେ ରହିଆସିଛି ।

ତେଣୁ କଲେଜିୟମ ବ୍ୟବସ୍ଥାର ସଂଶୋଧନ ପାଇଁ ୧୫ ଅଗଷ୍ଟ ୨୦୧୪ରେ ତତ୍‌କାଳୀନ ସରକାର ରାଷ୍ଟ୍ରୀୟ ନ୍ୟାୟାଳୟ ନିଯୁକ୍ତି ଆୟୋଗ (ଏନ୍‌ଜେଏସି) ଗଠନ କରିଥିଲେ । ଯାହାକୁ ୧୬ ଅକ୍ଟୋବର ୨୦୧୫ରେ ସୁପ୍ରିମକୋର୍ଟ ଆସାମ୍ବିଧାନିକ ଆଖ୍ୟା ଦେଇଥିଲେ । ଏଥିରେ ୬ଜଣିଆ ସଦସ୍ୟଙ୍କ ବ୍ୟବସ୍ଥା ଥିଲା । ଏହାର ପ୍ରମୁଖ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଥିଲାବେଳେ ୨ ସୁପ୍ରିମକୋର୍ଟ ଜଜ୍, କେନ୍ଦ୍ର ଆଇନମନ୍ତ୍ରୀ ଏବଂ ଭିନ୍ନ ଭିନ୍ନ କ୍ଷେତ୍ରରେ ୨ଜଣ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ଏହାର ସଦସ୍ୟ କରାଯିବା ଲାଗି ବ୍ୟବସ୍ଥା ରହିଥଲା । ଏହି ଦୁଇଜଣ ସଦସ୍ୟଙ୍କ ଚୟନ ବିରୋଧୀଦଳ ନେତାଙ୍କ କମିଟି ସ୍ଥିର କରିବାକୁ ଥିବା ହେତୁ ସୁପ୍ରିମକୋର୍ଟ ସରକାରଙ୍କ ପ୍ରସ୍ତାବରେ ଅରାଜି ହୋଇଥିଲେ ।

ନିକଟରେ ଅବସର ଗ୍ରହଣ କରିଥିବା ପୂର୍ବତନ ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ୟୁୟୁ ଲଳିତ ସୁପ୍ରିମକୋର୍ଟରେ ଖାଲିଥିବା ପଦପାଇଁ ୪ଜଣ ବିଚାରପତିଙ୍କ ନାମ କେନ୍ଦ୍ର ସରକାରଙ୍କ ପାଖକୁ ପଠାଇଥିଲେ, ଯାହାକୁ କଲେଜିୟମ ମଧ୍ୟ ବିରୋଧ କରିଥିଲେ । ମୁଖ୍ୟ ବିଚାରପତି ଲଳିତ ଅନ୍ୟ ନ୍ୟାୟାଧୀଶଙ୍କ ସମର୍ଥନ ଚାହିଁଥିଲେ ହେଁ ୨ଜଣ ସଦସ୍ୟ ସେହି ପ୍ରସ୍ତାବର ବିରୋଧ କରିଥିଲେ । ଲଳିତଙ୍କ ତାଲିକାରେ ହରିୟାଣା ହାଇକୋର୍ଟର ମୁଖ୍ୟ ବିଚାରପତି ରବିଶଙ୍କର ଝା, ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି ସଞ୍ଜୟ କରୋଲ, ମଣିପୁର ହାଇକୋର୍ଟର ମୁଖ୍ୟ ବିଚାରପତି ସଞ୍ଜୟ କୁମାର, ବରିଷ୍ଠ ଓକିଲ କେଭି ବିଶ୍ୱନାଥଙ୍କ ନାମ ରହିଥିଲା । ତେବେ ମୁଖ୍ୟ ବିଚାରପତି ଲଳିତ କେଭି ବିଶ୍ୱନାଥଙ୍କୁ ପଦୋନ୍ନତି ଦେଇ ଯେପରି ତାଲିକାରେ ତାଙ୍କୁ ସାମିଲ କରିଥିଲେ ତାକୁ ଅନ୍ୟ ବିଚାରପତିମାନେ ଗ୍ରହଣ କରିପାରି ନଥିଲେ ।

ରାଜନୀତିରେ ବାପ ପରେ ପୁଅ ଶାସନକୁ ଆସିଲା ପରି କଲେଜିୟମ ବ୍ୟବସ୍ଥାରେ ବାପ ପରେ ପୁଅ ସୁପ୍ରିମକୋର୍ଟ, ହାଇକୋର୍ଟର ବିଚାରପତି ଏବଂ ମୁଖ୍ୟ ବିଚାରପତି ହେଉଛନ୍ତି । ଏ କ୍ଷେତ୍ରରେ ଯୋଗ୍ୟତା ଅପେକ୍ଷା କିଏ କାହାର ନିଜ ଲୋକ ତାକୁ ଗୁରୁତ୍ୱ ପ୍ରଦାନ କରାଯାଉଛି । ବର୍ତ୍ତମାନର କଲେଜିୟମ କିପରି ବଂଶବାଦକୁ ସ୍ୱାଗତ କରୁଛି ତାହା କେବଳ ଅଭିଯୋଗ ନୁହେଁ ଜଳଜଳ ସ୍ପଷ୍ଟ । ୟଶୱନ୍ତ ବିଷ୍ଣୁ ଚନ୍ଦ୍ରଚୂଡ ସୁପ୍ରିମକୋର୍ଟର ୧୬ଶ ମୁଖ୍ୟ ବିଚାରପତି ଭାବେ ୨୨ ଫେବୃଆରୀ ୧୯୭୮ରୁ ୧୧ଜୁଲାଇ ୧୯୮୫ ପର୍ଯ୍ୟନ୍ତ ଦାୟିତ୍ୱରେ ଥିଲେ । ତାଙ୍କ ପୁଅ ଧନଞ୍ଜୟ ଚନ୍ଦ୍ରଚୂଡ ଏବେ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଥିଲାବେଳେ, ତାଙ୍କ ପୁଅ ଅଭିନବ ଚନ୍ଦ୍ରଚୂଡ ମୁମ୍ବାଇ ହାଇକୋର୍ଟର ଓକିଲ ରହିଛନ୍ତି । ଲୋକଙ୍କ କହିବାନୁସାରେ ଦେଶରେ କଲେଜିୟମ ବ୍ୟବସ୍ଥା ଜାରି ରହିଲେ ଅଭିନବ ମଧ୍ୟ ଆଗାମୀ ଦିନରେ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ହେବା କିଛି ବଡ କଥା ହେବନାହିଁ । ସେହିପରି ସୁପ୍ରିମକୋର୍ଟର ବିଚାରପତି ରହିଥିବା କୁଟ୍ଟିଲ କୁରିଏନ୍ ମାଥ୍ୟୁଙ୍କ ପିତା କେ.ଏମ୍. ଜୋସେଫ ମଧ୍ୟ ପୂର୍ବରୁ ସୁପ୍ରିମକୋର୍ଟର ବିଚାରପତି ରହିଥିଲେ । ସୁପ୍ରିମକୋର୍ଟର ଜଜ୍ ଭାବେ ୨୦୨୨ରୁ କାର୍ଯ୍ୟରତ ଦୀପଙ୍କର ଦତ୍ତଙ୍କ ପିତା ସଲିଳ କୁମାର ଦତ୍ତ ଅତୀତରେ କୋଲକାତା ହାଇକୋର୍ଟର ଜଜ୍‌ଭାବେ କାର୍ଯ୍ୟ କରିଥିଲେ ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

## ଭିଡ଼ରେ ଶୃଙ୍ଖଳା ଯାତ୍ରା



**ଶୁଭସ୍ମିତା ସାମଲ**

ଯେକୌଣସି କ୍ଷେତ୍ର ବା ସ୍ତରରେ ହେଉ, ବିଶୃଙ୍ଖଳିତ ଆଚରଣ ସର୍ବଦା ବିପତ୍ତିର କାରଣ ହୋଇଥାଏ। ଆମ ସମ୍ମୁଖରେ ଏହାର ରାଶି ରାଶି ଉଦାହରଣ ରହିଥିଲେ ହେଁ ସଥିରୁ ଆମେ କିଛି ଶିକ୍ଷା ଗ୍ରହଣ କରୁନାହୁଁ। ଫଳରେ ବାରମ୍ବାର ଦୁର୍ଘଟଣା ଓ ଅଘଟନ ଘଟି ପ୍ରାଣଘାତୀ ପାଲଟୁଛି। ଶନିବାର ମକର ମେଳା ଅବସରରେ କଟକ ଜିଲ୍ଲା ବଡ଼ମା ବ୍ଲକର ସିଂହନାଥ ପୀଠରେ ଘଟିଥିବା ଘଟନା ଏହାର ଆଉ ଏକ ପ୍ରମାଣ କହିଲେ ଭୁଲ ହେବନାହିଁ। ଏଥିରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବାବେଳେ ଚାରି ଜଣ ଗୁରୁତର ଓ ଦଶ ଜଣରୁ ଅଧିକ ଲୋକ ଆହତ ହୋଇଛନ୍ତି। ବିଡ଼ମ୍ବନା ଯେ ଏ ଘଟନା ଘଟିବାର ଚବିଶ ଘଣ୍ଟା ନ ପୁରୁଣୁ ପୁରୀ ଶ୍ରୀମନ୍ଦିରରେ ରବିବାର ଠେଲାପେଲା ଯୋଗୁଁ ଦୁଇଜଣ ମହିଳା ଭକ୍ତ ଆହତ ହୋଇଛନ୍ତି। କୋଭିଡ଼୍ ଯୋଗୁଁ ବିଗତ ଦୁଇ ବର୍ଷ ଧରି ମେଳା ମଉଛବ ବା ଯାନିଯାତ୍ରାରେ ଜନସମାଗମ ନେଇ କଟକଣା ଲାଗିଥିଲାବେଳେ ଚଳିତବର୍ଷ ସ୍ଥିତି ସ୍ୱାଭାବିକ ହୋଇଛି। ତେଣୁ ଦେବଦେବୀ ପୀଠ ହେଉ ବା ଅନ୍ୟ କୌଣସି ବାର୍ଷିକ ମେଳା, ସବୁଥିରେ ଅସମ୍ଭବ ଜନଗହଳି ହେଉଛି। ଏହା ଆମେ ପୂର୍ବରୁ ମଧ୍ୟ ଦେଖିସାରିଛୁ। ଅତଏବ ଏହି ତିନିଦିନିଆ ମକର ମେଳାକୁ ଅଧିକ ଲୋକ ଆସିବା ନେଇ ପୂର୍ବାନୁମାନ କରାଯାଉଥିଲା। ଏହା ସତ୍ତ୍ୱେ ପ୍ରଶାସନ ପକ୍ଷରୁ କାହିଁକି ଜନସମାଗମକୁ ନିୟନ୍ତ୍ରଣ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଗଲା ନାହିଁ, ତାହାକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ।

ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଦୁଇପଟକୁ ସଂଯୋଗ କରୁଥିବା ସେତୁ ପରି ପୀଠକୁ ସଂଯୋଗ କରୁଥିବା ଟି-ସେତୁର ଦୁଇପଟେ ଫୁଟପାଥ ନାହିଁ ଓ ସେତୁର ଏହି ଅଂଶଟି ଅଣଓସାରିଆ। ଭକ୍ତମାନେ ସେହି ପଥଦେଇ ଏକା ସାଙ୍ଗେ ପ୍ରବେଶ ଓ ପ୍ରସ୍ଥାନ କରୁଥିଲେ। ଯଦି ଶୃଙ୍ଖଳିତ ଯାତାୟାତ ପାଇଁ ପୁଲିସ ପକ୍ଷରୁ ସେଠାରେ ପୂର୍ବରୁ ବନ୍ଦୋବସ୍ତ କରାଯାଇଥାଆନ୍ତା ଏଭଳି ସ୍ଥିତି ଉପୁଜିବାର ଅବକାଶ କମ ରହିଥାଆନ୍ତା। ଏହି ଅଘଟନ ପାଇଁ ଯେ ପ୍ରଶାସନିକ ଅବ୍ୟବସ୍ଥା ହିଁ ଏକା ଦାୟୀ, ତାହା ଆଦୌ ନୁହେଁ। ଜନସାଧାରଣ ନିଜେ ଯଦି ବିଶୃଙ୍ଖଳିତ ଆଚରଣ କରିବେ ବା ନିର୍ବୋଧତା ଦେଖାଇବେ, ସେମାନଙ୍କୁ କେହି ସୁରକ୍ଷା ଦେଇପାରିବେ ନାହିଁ। ଗୋଟାଏ ଅଣଓସାରିଆ ସେତୁ ଉପରେ ଠିଆ ହେବାପାଇଁ ଜାଗା ନଥିବା ସତ୍ତ୍ୱେ ସେହି ଭିଡ଼ି ଭିତରକୁ ପଶିବା ବୁଦ୍ଧିମତା ତ ଆଦୌ ନୁହେଁ। ଆଉ ମଧ୍ୟ ଭିଡ଼ ଦେଖିବା ସତ୍ତ୍ୱେ ବାଲିରେ ତିଆରି ପାଦଚଲା ରାସ୍ତା ବ୍ୟବହାର ନକରି ସମସ୍ତେ ସେତୁ ଉପରେ ଯିବାକୁ ଚେଷ୍ଟା କରିବାକୁ ଅପରିଣାମଦର୍ଶିତା ହିଁ କୁହାଯାଇପାରିବ। ଆମ ଦେଶର ଧର୍ମପୀଠ ଗୁଡ଼ିକରେ ଦଳାଚକଟା ଘଟନା ନୂଆ ନୁହେଁ। ୨୦୦୮ରେ ହିମାଚଳ ପ୍ରଦେଶର ନୈନାଦେବୀ ମନ୍ଦିର ଏବଂ ରାଜସ୍ଥାନ ଯୋଧପୁରର ଚାମୁଣ୍ଡାଦେବୀ ମନ୍ଦିର ଦଳାଚକଟାରେ ଯଥାକ୍ରମେ ୧୪୬ ଜଣ ଓ ୨୨୪ ଜଣଙ୍କ ମମାନ୍ତିକ ମୃତ୍ୟୁ ହୋଇଥିଲା। ୨୦୧୩ରେ ମଧ୍ୟପ୍ରଦେଶର ଦାତିଆ ଜିଲ୍ଲାରେ ଅବସ୍ଥିତ ରତନଗଡ଼ ମାତା ମନ୍ଦିରକୁ ସିଂହନାଥ ପୀଠ ପରି ଏକ ସେତୁ ସଂଯୋଗ କରୁଥିବାବେଳେ ସେହି ସେତୁରେ ଦଳାଚକଟା ହୋଇ ୧୧୫ ଜଣ ପ୍ରାଣ ହରାଇଥିଲେ। ପ୍ରତିବର୍ଷ ଛୋଟମୋଟ ଏପରି ଅନେକ ଘଟଣା ଘଟୁଥିବା ସତ୍ତ୍ୱେ ଏଥିପ୍ରତି ଆମେ ସଚେତନ ନହେବା ବାସ୍ତବିକ ପରିତାପର ବିଷୟ। ପ୍ରଶାସନିକ ସୁବ୍ୟବସ୍ଥା ଉତ୍ତମ ଭିତ୍ତିଭୂମି ନିର୍ମାଣ, ଜନସାଧାରଣଙ୍କ ନିୟମକାନୁନ ପାଳନ ଓ ଶୃଙ୍ଖଳା ରକ୍ଷାକୁ ଗୁରୁତ୍ୱ ଦେଲେ ଏପରି ଅଘଟଣକୁ ଅବଶ୍ୟ ରୋକାଯାଇପାରିବ। ସାଧାରଣରେ ଗହଳି ଅନେକଙ୍କ ଧନ ଜୀବନର କାରଣ ପାଲଟିଥାଏ ଓ ପ୍ରଶାସନ ପାଇଁ ଏହା ବଡ଼ ମୁଣ୍ଡବିନ୍ଧାର କାରଣ ହୋଇଥାଏ। ଏ କ୍ଷେତ୍ରରେ ଆମ୍ଭମାନଙ୍କ ଭିତରେ ସଚେତନତା ବଢ଼ିବା ଅତ୍ୟନ୍ତ ଜରୁରୀ।

+ ପ୍ଲାଜମା ଏକାଡ଼େମୀ ଅଫ୍ ସାଇନ୍ସ, ଚଣ୍ଡୀଛକ, କଟକ

## କବିତା କୋଣାର୍କ



### ଶୀତ ଆଟେ ଭଲ ମିତଟିଏ

**ଜୟକୃଷ୍ଣ ସାହୁ**

ପଉଷ ପରେ ଆସଇ ମାଘ
ଧରାକୁ ବାଘ ପରି
ଶକତ ଜାଡ଼ ମାଡ଼ରେ ଆମ
କଲିଜା ଯାଏ ଥରି।

ଫାଟଇ ଗୋଡ଼ ଫାଟଇ ଥୋଡ଼
ଭାଙ୍ଗେ ପଞ୍ଜରା ହାଡ଼
କଷଣ ଯେତେ କୁଢ଼େଇ ଦିଏ
ମାଘରେ ଆସି ଜାଡ଼।

ଛାଡ଼ିବା ପାଇଁ କଅଁଳ ଶେଯ
ବଳୁନି ମନ ଆଉ
କମ୍ବଳ ତଳେ ଶୋଇବା ପାଇଁ
ଦିଏନି ବେଶୀ ବୋଉ।

ଏମିତି ଜାଡ଼ ମାଡ଼ରେ ସିନା
ସମୟ ଯାଏ ଗଡ଼ି
ଚେତେଇ ଦିଏ ଆମରି ବୋଉ
ଯିବାକୁ ପାଠ ପଢ଼ି।

କଷଣ ସିନା ଦିଅଇ ଶୀତ
ଦିଏ ସେ ସୁଖ ଶିରି
ଶୀତରେ ଚାଷୀ ପରିବା କରି
ବଗିଚା ଦିଏ ଭରି।

ଛନଛନିଆ କଅଁଳ ଶାଗ
ଧନିଆଁ କୋବି ଲାଉ
ଆଳୁ ଟମାଟ ପାଚିଆ ଭରି
ତୋଳିଆଣଇ ବୋଉ।

ଶୀତରେ ଛଣା ପିଆଜି ବରା
ପକୁଡ଼ି ମନପଡ଼େ
ମାଣବସାରେ କାକରା ମଣ୍ଡା
ଆରିସା ବୋଉ ଗଢ଼େ।

ଶୀତଟି ଭଲ ମିତ,
ତାହାରି ପାଇଁ ଖରାରେ ବସି
ଲେଖୁଛି ମୁଁ ଗୀତ।

କପିଳ ପ୍ରସାଦ,ଭୁବନେଶ୍ୱର-୨
ମୋ-୯୯୩୭୦୯୨୩୯୭

### ସେଦିନ ପଖାଳ

**ଅକ୍ଷୟ କୁମାର ରାଉତ**

ପରିବର୍ତ୍ତନଶୀଳ ଦୁନିଆରେ ସବୁକିଛି ବଦଳିଛି
ଋତୁ ବଦଳିବା ତ ପ୍ରକୃତିର ନିୟମ
ହେଲେ ସେଇ ନିୟମର ବ୍ୟତିକ୍ରମ ଘଟିଛି
ନା ଅଛି ଗାଁରେ ସେଦିନର ଶୀତ
ନା ଅଛି ସାରୁ ପତ୍ର ଉପରେ
ଢଳ ଢଳ ଶିଶିରର ମୁକ୍ତା ବିନ୍ଦୁ
ନା ଅଛି କ୍ଷେତରେ ସବୁଜିମା ଭରା ରବି ଫସଲ
ନା ଅଛି ଗାଁ ପୁଷ୍କରିଣୀରେ କଇଁ ଫୁଲର ମନୋରମ ଦୃଶ୍ୟ
କ୍ଷେତ ସବୁ ଟାଙ୍ଗରା ଭୂଇଁରେ ପରିଣତ
ନା ଅଛି ଗାଁ ଚଉଁରା ମୂଳେ ସଞ୍ଜ ଦୀପ
ନା ଅଛି ସକାଳୁ ସକାଳୁ ବୋଉର ଧାନ ଉଁଷେଇବା
ନା ଧାନ ହାଣ୍ଡିରେ ସାରୁ ମୁଣ୍ଡା, ବାଇଗଣ ସିଝା
ସଭିଙ୍କୁ କିଣି ଖାଇବା ପସନ୍ଦ
କିଏ ଏତେ ଝଞ୍ଜଟରେ ପଶୁଛି ଯେ,
ସଭିଙ୍କୁ ଆରାମ ଦରକାର ।

କିଏ ଖାଉଛି ଏବେ ପଖାଳ !
ବର୍ଷକେ ବାରମାସ ପଖାଳ ସହିତ
ମଦରଙ୍ଗା, କଳମ ଶାଗ,ଆଳୁ ବାଇଗଣ ଚୋଖା,
ବଡ଼ି ଚୁରା କିଏ ଭୁଲିଛି
ନା ଭୁଲି ହେଉଛି ଇଲିଶୀ, ଶିଳା, ଚୁଡ଼ାଗୁଣ୍ଡି ଶୁଖୁଆର ସ୍ୱାଦ
ହେଲେ ବଦଳିଛି ସମୟ
ପଖାଳ ଆଜି ଆଉ ଦେହରେ ଯାଉନି
ଭାତ ଖାଇଲେ କାଳେ ଓଜନ ବଢୁଛି
କାହା ଦେହ ଖରାପ ହେଉଛି
କାହାକୁ ଡାକ୍ତର ମନା କରୁଛି ପଖାଳ ଖାଇବାକୁ
ଆଜି କାଲିର ଯୁବ ସମାଜ ପଖାଳଠୁ ଅଧିକ
ରୁଟିକୁ ପସନ୍ଦ କରୁଛନ୍ତି ।

ଋତୁ ବଦଳିବା ପ୍ରକୃତିର ନିୟମ ହୋଇପାରେ
ହେଲେ ବିନା ନିୟମ ରେ ଆମେ ବଦଳିଛୁ
ବଦଳିଛି ଆମ ସମ୍ପର୍କର ପରିଭାଷା
ସମ୍ପର୍କରେ ଆତ୍ମୀୟତା ଲୀନ ହୋଇଯାଇଛି
ସବୁ ସମ୍ପର୍କ ଦେବା ନେବା ଉପରେ ତିଷ୍ଠି ରହିଛି
ଯେଉଁଠି ଦେବା ନେବା ବନ୍ଦ ସେଇଠି ସମ୍ପର୍କ ଠପ୍
କିଏ ବୁଝୁଛି କାହାର ପରିସ୍ଥିତି କଥା
ପ୍ରେମରେ ତ୍ୟାଗର ମହନୀୟତା କଥା କିଏ ବୁଝୁଛି !
ସମସ୍ତେ ପାଇବା ପାଇଁ ବ୍ୟଗ୍ର
କଳେ ବଳେ କୌଶଳେ
ଆଜି ପ୍ରେମର ଅର୍ଥ ଦେହରୁ ଦାହ
ଯେଉଁଠି ପ୍ରେମର ପରିଭାଷା ବୁଝିବାକୁ ଆମେ ଅସମର୍ଥ
ସେଠି ସଂସ୍କାର କଥା କିଏ ପଚାରେ
ସଂସ୍କାର, ନୀତି ଶିକ୍ଷା ପାଇଁ କାହା ପାଖରେ ସମୟ ଅଛି !
ମାତା ପିତା ସନ୍ତାନଙ୍କୁ ରୋଜଗାର ଯନ୍ତ୍ର ଭାବେ
ଉପସ୍ଥାପନା କରୁଛନ୍ତି
ନିଜର ଆବଶ୍ୟକତା ପୁରାଣ ହେଲା ପରେ
ସନ୍ତାନ ବୃଦ୍ଧ ମାତା ପିତାଙ୍କୁ ଅଦରକାରୀ ଭାବେ
ଫିଙ୍ଗି ଦେଉଛନ୍ତି ଅଳିଆ ଭଳି
ଆଜିର ରୁଟିରେ ପୌଷ୍ଟିକତା ଅଧିକ ରହି ଥାଇପାରେ
ହେଲେ ସେଦିନର ପଖାଳରେ ଯେଉଁ ଆତ୍ମୀୟତା ଥିଲା
ଆଜି ତାହା ରୁଟିରେ ନାହିଁ କି ସମ୍ପର୍କରେ ନାହିଁ ।

+ ବାଲକାଟି, ଆଳି,କେନ୍ଦ୍ରାପଡ଼ା
ମୋ: ୯୭୧୧୦୬୯୪୨୫

### ଚିହ୍ନା ସକାଳ

**ପ୍ରିୟନାଥ ପାଣି**



ହଁ ସକାଳ ଓହ୍ଲାଇ ଆସେ
ରାତିର ପଣତରୁ
ଆଗରୁ ଯେମିତି ଆସେ
ଆଜି ବି ଠିକ୍ ସେମିତି
ନିତାଇ ନନାର ମନ୍ତ୍ରପାଠରେ
ହୋଟେଲ ପିଲାର ବାସନମଜାରେ
ଅମାନିଆ ପିଲା କେତୋଟିର
ପଣିକିଆ ଡାକରେ
ସବୁକିଛି ସଫା ସଫା ଲାଗେ
ଦିନର ଆରମ୍ଭରେ।

ଗତକାଲିର ରାତିରୁ ଡେରା
ପକେଇଛନ୍ତି ଅପକୀର୍ତ୍ତିର
ଅଶରୀରୀମାନେ ଖତେଇ ହୁଅନ୍ତି
ସରଳ ପ୍ରଜାପତିକୁ
ନିଷ୍କ୍ରିୟ ମାଟିଘୋଡାକୁ
ସୁନାର ପଲଙ୍କରେ ଶୋଇ ଘୁଙ୍ଗୁଡି
ମାରୁଥିବା କଳାବେପାରୀକୁ।
ପେପରବାଲା କେତେଥର
ଡାକପକେଇ ଗଲାଣି ଦାଣ୍ଡଦୁଆରୁ
ଆଜିର ତାଜା ସମାଚାର ନଈବନ୍ଧ
ଭାଙ୍ଗିବାର ସୂଚନା
ରାସ୍ତାକଡେ
ଅନ୍ତଃସତ୍ତ୍ୱା ବାୟାଣୀର ଶବ
ଇଞ୍ଚେ ମାଟିର ଭାଇଭାଗ ରକ୍ତଭିଜା
ଏଇଠୁ ଆରମ୍ଭ
ସାରା ଦିନଟା ତ ବାକି ଅଛି
ଇଏ ମାତ୍ର ଗୋଟିଏ ପ୍ରହର।

ଚାପାଗଳାରେ କୁହ
ସମୟ ବି ନିଶାସକ୍ତ
କାହାରି ନା କାହାରି କଥା
ବୁଲି ଆସିପାରେ ନିଜ ଉପରକୁ
ଘଟଣାକୁ ପ୍ରଥମ ଦେଖିଥିବା ମଣିଷଟା
ଏବେ ଚାରିକାନ୍ଥ ଘେରା ଜେଲ
ହାଜତରେ।

ସକାଳକୁ କି ରୂପ ଦେବା
ଗଭାରେ ଫୁଲ ଖୋସିଥିବା କୃଷ୍ଣକାୟା
ସୁନ୍ଦରୀ ଅବା ଜ୍ୱାଳାମୁଖୀ
ଗୋରୀକନିଆର ଅପମିଶ୍ରିତ ସାୟରୀ
ନତୁବା ଚିହ୍ନା ସକାଳର ସ୍ୱରଭଙ୍ଗା
ଲୋରୀ।

ପ୍ରତିଟି ସକାଳ କାନ୍ଥରେ ଲୁହ ଲହୁର
ଚିତ୍ର ସ୍ୱପ୍ନ ମେହେନତିର ତାଜା ସୁଗନ୍ଧ
ବିକୃତ ବ୍ୟବସ୍ଥାର ରେଖାଚିତ୍ର କିଛି
ସମୟ ଆନମନା କରେ ପୁଣି ଅପେକ୍ଷା
ରହେ ଆଉ ଏକ ଚିହ୍ନା ସକାଳ।

+ କଦଳିଆ, ବୈଶିଙ୍ଗା, ମୟୂରଭଞ୍ଜ
ମୋ-୯୯୩୭୧୨୫୧୫୧

# ହାତ ମୁଠାରେ ସ୍ୱର୍ଗ



ଆଦ୍ୟାଶା ମହାପାତ୍ର

ପୁଅର ମେଡିକାଲ ପାଠପଢା ଶେଷ ହେଲା ପରେ ବାପା ମା ଆଶ୍ୱସ୍ତ ହେଲେ ସିନା ବାପା ମା'ଙ୍କୁ ଦେଖା କରିବାକୁ ଆଉ ସମୟ ମିଳିଲାନି ପୁଅ ବିଭୁଙ୍କୁ । ଡାକ୍ତର ବିଭୁ ପ୍ରସାଦ ମିଶ୍ର, ନ୍ୟୁରୋ ମେଡିସିନ ଡାକ୍ତର ହିସାବରେ ଏବେ ଖୁବ୍ ନା ଡାକ। ଦିଲ୍ଲୀ ଏମ୍ସରେ କାର୍ଯ୍ୟରତ। ପ୍ରଚୁର ପଇସା ରୋଜଗାର। ଘରକୁ ଆସିବାକୁ ଆଉ ଫୁରସତ କାହିଁ? ପ୍ରଥମେ ପ୍ରଥମେ ଫୋନରେ ଟିକେ କଥା ହେଉଥିଲେ ସେ। ହେଲେ ସେସବୁ ବି ଧିରେ ଧିରେ ବନ୍ଦ ହୋଇଗଲାଣି। ସେ ଆଉ ଆବଶ୍ୟକତା କରୁନାହାନ୍ତି ମା'ର ସ୍ନେହ ମମତାକୁ ଏବଂ ବୁଝିବାକୁ ଚାହୁଁ ନାହାନ୍ତି ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବାପା ସୁଧାକର ମିଶ୍ରଙ୍କ ଆବେଗକୁ । ଏମିତିକି 'ମୋ ପାଖକୁ ନହେଲେ ନାହିଁ, ତୋ ମା ପାଖକୁ କେତେବେଳେ କେମିତି ଟିକିଏ ଫୋନ୍ କରୁଥିବୁ'ର ଆକୁଳ ମିନତିକୁ ହେୟଜ୍ଞାନ କରି ସାରିଥିଲେ ସ୍ୱନାମଧନ୍ୟ ଡାକ୍ତର ବିଭୁ ପ୍ରସାଦ।

ଆହୁରି ପ୍ରତିଷ୍ଠିତ ଏବଂ ରୋଜଗାର ନିଶାରେ ନିଜ ଦେଶ ଛାଡି ହଠାତ୍ ଆମେରିକା ଚାଲିଗଲେ ବିଦ୍ୱାନ ଡାକ୍ତର ବିଭୁ ପ୍ରସାଦ। ପଛରେ ରହିଗଲେ ଏକମାତ୍ର ପୁଅକୁ ମଣିଷ କରି ଗଢିବାକୁ ଦିନେ ସ୍ୱପ୍ନ ଦେଖିଥିବା ସଂକଳ୍ପବଦ୍ଧ ବାପା ମା'। ଅଭାବ ଅନାଟନ ଭିତରେ ସେମାନଙ୍କର ସ୍ୱପ୍ନ ତ ସାକାର ହେଲା, ହେଲେ ଏକୋଇର ବଳା ବିଶିକେଶନ ହାତଛଡା ହୋଇଗଲା ସେମାନଙ୍କୁ ଅବଜ୍ଞା କରି। କିଛି ଦିନ ପରେ ସେଇଠି ହିଁ ଜଣେ ବିଦେଶିନୀଙ୍କୁ ବିବାହ କରିଛନ୍ତି ବୋଲି ଖବର ପଠାଇ ଦେଲେ ବାପା ମା'ଙ୍କୁ ।

ପୁଅ ବିଷୟରେ ଚିନ୍ତା କରି ଆପାତତଃ ଚୁପଚାପ୍ ରହୁଥିବା ସୁନୀତି ଯେ ଧିରେ ଧିରେ ଅନ୍ୟମନସ୍କ ହୋଇ ଯାଉଛନ୍ତି ଅନୁଭବ କଲେ ସୁଧାକର ବାବୁ। କେବଳ ପୁଅ କଥା ଛାଡି ଆଉ ସବୁ କଥା ଯେମିତି ଭୁଲି ଆସୁଥିଲେ ସୁନୀତି। ଅସହାୟ ହୋଇ ପଡୁଥିଲେ ସୁଧାକର ବାବୁ। ଡାକ୍ତରଙ୍କ ପରାମର୍ଶ ପରେ ମା' ବ୍ରେନ୍ ଟ୍ୟୁମରରେ ଆକ୍ରାନ୍ତ ହୋଇଛି ବୋଲି ପୁଅକୁ ଖବର ଜଣାଇଲେ ସୁଧାକର ବାବୁ। ହେଲେ ଆସନ୍ନ ପ୍ରସବା ପତ୍ନୀଙ୍କୁ ଛାଡି ଆସିବା ଆଦୌ ସମ୍ଭବ ନୁହେଁ ବୋଲି କୈଫତ ଦେଲେ ବିଭୁ। ଜଣେ ଡାକ୍ତର ବନ୍ଧୁଙ୍କ ଠିକଣା ଦେଇ ପରାମର୍ଶ ନେବାକୁ ବାପାଙ୍କୁ ବୁଝାଇ ଦେଲେ । ଅବଶ୍ୟ ନିହାତି କର୍ତ୍ତବ୍ୟ ମନେ କରି ଟଙ୍କା ପଠାଇବାକୁ ଭୁଲି ନଥିଲେ। ହେଲେ ଶ୍ରଦ୍ଧା ରହିତ କର୍ତ୍ତବ୍ୟ ଯାତନା ସଦୃଶ ଅନୁଭବ ହୋଇଥିଲା ବାପା ମା'ଙ୍କୁ। ସମର୍ପଣ ନଥିଲେ ଭକ୍ତି ତ ଛଳନା ମାତ୍ର। ତେଣୁ ସେଇ ଟଙ୍କାକୁ ସୁଧାକର ବାବୁ ଶେଷ ପର୍ଯ୍ୟନ୍ତ ସୁନୀତିଙ୍କ ଅନୁରୋଧରେ ଖର୍ଚ୍ଚ କରିବାକୁ ଇଛା କରି ନଥିଲେ ।

ଏକମାତ୍ର ପୁଅକୁ ଚାହିଁ ଚାହିଁ କ୍ୟାନ୍ସରରେ ପୀଡ଼ିତା ମା' ଶେଷ ନିଃଶ୍ୱାସ ତ୍ୟାଗ କଲେ ପଛେ ପୁଅକୁ ଶେଷଥର ପାଇଁ ଦେଖିବାର ଅଭୀପ୍ସା ପୂରଣ ହୋଇ ପାରିନଥିଲା। ସୁଧାକର ବାବୁ ଏ ଖବର ପୁଅକୁ ଜଣାଇଥିଲେ ବାଧ ହୋଇ। ସମୟର ସ୍ୱଳ୍ପତା ଦୃଷ୍ଟିରୁ ମାତ୍ର ଚାରି ଦିନ ପାଇଁ ଏକା ଗାଆଁକୁ ଆସି ମା'ର ଶେଷକୃତ୍ୟ ସଂପାଦନ କରି ଡାକ୍ତର ବିଭୁ ଫେରି ଯାଇଥିଲେ ନିଜସ୍ୱ ଦୁନିଆକୁ। ଯେମିତି ଯନ୍ତ୍ର ମଣିଷଟିଏ। ନା ଥିଲା କିଛି ଆବେଗ, ନା ଥିଲା ଆଉ ସେ ଆତ୍ମୀୟତାପୂର୍ଣ୍ଣ ଭାବ ବାପାଙ୍କ ସାଙ୍ଗରେ...! ଭିଟାମାଟି ସାଙ୍ଗରେ...!!

ଦିନେ କଡ଼ ଲେଉଟେଇଲା ସମୟ। ବିଭୁ ଘରକୁ ଫେରିବାକୁ ଇଛା ପ୍ରକାଶ କଲେ ବହୁତ ଦିନ ପରେ। ଛାଡପତ୍ର ଦେଇ ବିଦେଶିନୀ ପତ୍ନୀ ଏକମାତ୍ର ସନ୍ତାନକୁ ନେଇ ଅନ୍ୟତ୍ର ବିବାହ କରିଯିବା ପରେ ସେ ବୋଧହୁଏ ବୁଝି ପାରିଲେ ସମ୍ପର୍କର ସଂଜ୍ଞା। ଶାଶ୍ୱତ ପବିତ୍ର ସମ୍ପର୍କ ବ୍ୟତିରେକ ଜୀବନ କାଟିବା ଯେ ନିରର୍ଥକ ହୃଦୟଙ୍ଗମ କରି ପାରିଲେ ବହୁତ ଡେରିରେ। ଏବେ ପଶ୍ଚାତପରେ ବିଗଳିତ ମନକୁ ଶାନ୍ତ କରିବା ପାଇଁ ଆମେରିକାଠାରୁ ନିଜ ଜନ୍ମସ୍ଥାନକୁ ଶ୍ରେୟସ୍କର ମଣିଲେ ଡାକ୍ତର ବିଭୁ ପ୍ରସାଦ ମିଶ୍ର।

ଏତିକି ବେଳକୁ ମନେ ପଡିଲା ବାପାଙ୍କର କେଇ ପଦ କଥା। ଧନ ପଛରେ ଧାଇଁ ସାରିବୁନି ଅମୂଲ୍ୟ ସମୟ। ଲୋଭରେ ବିକିବୁନି ସଂସ୍କାର। ସ୍ୱାର୍ଥରେ ଜଳେଇବୁନି ସଂସାର। ମୋହରେ ହଜେଇ ଦେବୁ ମାନବିକତା। ଲାଳସାରେ ହରେଇବୁନି ସଂପର୍କ। ହେଲେ ବାପାଙ୍କର ଏସବୁ ଉପଦେଶ ଅଣଦେଖା କରି ସବୁ ମୁଲ୍ୟବୋଧକୁ ଯେମିତି ତଳି ତଳାନ୍ତ କରି ସାରିଥିଲେ ବିଭୁ। ଇତି ମଧ୍ୟରେ ମାଟି କାନ୍ଥ ଥିବା ଘର ମଧ୍ୟ ଭୁଷୁଡି ପଡ଼ିଥିଲା ତାଙ୍କର। ବାପା ନଥିଲେ ସେଠି। କେହି ଜଣେ ବିଭୁଙ୍କୁ ବତାଇ ଦେଲେ ପତ୍ନୀଙ୍କ ମୃତ୍ୟୁ ପରେ ପୁଅ କଥା ଭାବି ଭାବି ଦୁଶ୍ଚିନ୍ତାରେ ତାଙ୍କର ମୁଣ୍ଡ ଖରାପ ହୋଇ ଯାଇଥିଲା। କ'ଣ ସବୁ ନିଜେ ନିଜେ ଗପନ୍ତି ସବୁବେଳେ। କେତେ ଦିନ ଆଗରୁ ସେ ହଠାତ୍ କେଉଁ ଆଡେ ଚାଲି ଯାଇଛନ୍ତି ବୋଲି। ମୁଣ୍ଡରେ ଯେମିତି ଚଡ଼କ ପଡିଲା। ହେଲେ ସେସବୁକୁ ଅଣଦେଖା କରି ଆଗେଇ ଯାଇଥିବା ବିଭୁ ଏବେ ଫେରିଛନ୍ତି ପୁଣି ଇପ୍ସିତ ସ୍ୱର୍ଗ ପାଖକୁ। ତାଙ୍କ ପାଦପଦ୍ମ ତଳେ ମଥା ନଇଁବାକୁ...! ହେଲେ ସେ ଯେ ନିରୁଦ୍ଦିଷ୍ଟ...!!

ବହୁତ ଖୋଜାଖୋଜି ପରେ ତା ବାପାଙ୍କ ଠିକଣା ପାଇ ପାରିଲା ବିଭୁ । ବାପାଙ୍କୁ ଦେଖିବାକୁ ଯାଇ ସେ ଠିଆ ହୋଇଥିବା ଘରଟି, ସୁଦୃଶ୍ୟ ପ୍ରାସାଦଟିଏ କହିଲେ ଅତ୍ୟୁକ୍ତି ହେବ ନାହିଁ । କଲିଂବେଲରେ ହାତ ମାରିବାର କେଇ ମୁହୂର୍ତ୍ତ ପରେ କବାଟ ଖୋଲିଲା ତ ବିଭୁ ଦେଖିଲା ସାମ୍ନାରେ ଥିଲେ କେହି ଜଣେ ଅପରିଚିତ। ଭୁଲ୍ ଠିକଣାରେ ପହଞ୍ଚିଛି ଭାବି କ୍ଷମା ମାଗି ଫେରିବାକୁ ମୁହଁ ବୁଲେଇଲା ବେଳକୁ ପଛରୁ ଶୁଭିଲା- 'ବିଭୁ'।

କିଛି କ୍ଷଣ ମଧ୍ୟରେ ସାମ୍ନାରେ ଥିବା ବ୍ୟକ୍ତିଙ୍କୁ ଚିହ୍ନି ପାରିଲା ବିଭୁ। ସେ ଆଉ କେହି ନୁହେଁ। ଶ୍ରେଣୀରେ ସବୁଠାରୁ ଖରାପ ପାଠ ପଢୁଥିବା ତା'ର ପିଲାଦିନର ସାଙ୍ଗ କଲ୍ୟାଣ। ସେ ଆରମ୍ଭ କରିଥିବା ଛୋଟ ହୋଟେଲ କ୍ରମେ ଖୁବ୍ ବିଶାଳ ହୋଟେଲରେ ପରିଣତ ହୋଇଛି। ତା'ର ନିଷ୍ଠା, ସାଧୁତା ଏବଂ ସର୍ବୋପରି ଉତ୍ତମ ବ୍ୟବହାର ପାଇଁ ସେ ଆଜି ଦୁନିଆରେ ଅଧିଷ୍ଠିତ ବୋଲି ବିଭୁ ଶୁଣିଥିଲା। ତା ପଛକୁ ଠିଆ ହୋଇଥିଲେ ତା'ର ବାପା, ମାଆ, ସ୍ତ୍ରୀ, ପିଲା ଦୁହେଁ। ପୁରା ପରିବାର। ସମସ୍ତେ ହସହସ ମୁହଁରେ ଘର ଭିତରକୁ ସ୍ୱାଗତ କରୁଥିଲେ ତାକୁ। ଏତିକି ବେଳକୁ ବିଭୁର ନଜର ପଡିଲା ସବା ପଛରେ ଠିଆ ହୋଇଥିବା ତା ବାପାଙ୍କ ଉପରେ। ଯେମିତି ଝଡ଼ ଦୁର୍ବିପାକରେ କୌଣସି ମତେ ଜୀବନ ବଞ୍ଚାଇ ପାରିଥିବା ଥୁଣ୍ଟା ଗଛଟିଏ !

-' ସାର, ସାର, ଆସି ଦେଖନ୍ତୁ। କିଏ ଆସିଛି। ଚିହ୍ନି ପାରୁଛନ୍ତି ? ଆସି ଦେଖନ୍ତୁ!' ଦିନେ ଉତ୍ତମ ଚରିତ୍ରର ମନୁଷ୍ୟ ହେବାକୁ ଉପଦେଶ ଦେଉଥିବା ତା'ର ଗୁରୁଙ୍କୁ ନିଜ ପୁଅକୁ ଚିହ୍ନଟ କରିବାକୁ ଡାକୁଥିଲା କଲ୍ୟାଣ।

ହେଲେ କେବଳ ବଲବଲ ହୋଇ ଚାହିଁ ରହିଥିଲେ ସୁଧାକର ବାବୁ। ନା ପୁଅକୁ ଦେଖି ମୁହଁରେ ତାଙ୍କର ହସ ଫୁଟି ଉଠିଲା ନା କୋଳାଗ୍ରତ କରିବାକୁ ଆଗେଇ ଆସିଲେ ସେ। ପୁଅକୁ ଚିହ୍ନି ପାରୁ ନଥିଲେ।

- ତୁ ବ୍ୟସ୍ତ ହୁଅନା ବିଭୁ। ସାର୍ ଅଳ୍ପ ଦିନରେ ସବୁ ଜାଣି ପାରିବେ ବୋଲି ଡାକ୍ତର କହିଛନ୍ତି। ୟାଠାରୁ ଆହୁରି ଖରାପ ଅବସ୍ଥାରେ ସାର୍ ରାସ୍ତାରେ ବୁଲୁଥିବା ବେଳେ ଦେଖି ମୁଁ ଘରକୁ ନେଇ ଆସିଛି।

ବିଭୁ ମୁହଁ ଫେରାଇ ଚାହିଁଲା ବେଳକୁ ବାପା ଆଉ ତା ସାମ୍ନାରେ ନଥିଲେ। କାଲି ଆସି ବାପାଙ୍କୁ ନେଇଯିବି ବୋଲି କହି ଛଳଛଳ ଆଖିରେ ବିଭୁ ଫେରି ଆସିଲା ସେଦିନ ।

ପରଦିନ ସକାଳକୁ ବିଭୁ ପହଞ୍ଚିଲା ବେଳକୁ ବାପା ଆଉ ସେଠାରେ ନଥିଲେ। କଲ୍ୟାଣ ଯେ ବାପାଙ୍କୁ ଖୋଜିବାକୁ ରାତିରୁ କୁଆଡେ ଯାଇଛି ଶୁଣି ବିଭୁ ପାଦତଳୁ ଯେମିତି ମାଟି ଖସି ଯାଉଥିଲା । ନିର୍ବାକ ହୋଇ ଠିଆ ହୋଇଥିଲା ସେମିତି। ଏତିକି ବେଳକୁ କଲ୍ୟାଣ ବାପାଙ୍କୁ ତାଙ୍କ ଭଙ୍ଗାଘର ଢିଅରେ ଖୋଜି ପାଇଛି ବୋଲି ବିଭୁକୁ ଫୋନ୍ କରି ଜଣାଇଲା।

ବିଭୁ ଏକରକମ ଦୌଡି ଦୌଡି ଗଲା ଭଗ୍ନସ୍ତୁପରେ ପରିଣତ ହୋଇ ପଡିଥିବା ନିଜ ଭିଟାମାଟି ପାଖକୁ । ମୁହଁ ମାଡି ପଡିଥିଲେ ବାପା। ପାଦରୁ ଚପଲ ପଟେ ଛିଣ୍ଡି ପଡିଥିଲା ଟିକିଏ ଦୂରରେ। ଝୁଣ୍ଟି ପଡିଥିଲେ କି ବାପା ! ଆହା କହି ବାପାଙ୍କ ମଥାକୁ ତୋଳି ଧରିଲା ତ ଦିଶିଲା ବାପାଙ୍କ ନାକରୁ ପାଟିରୁ ରକ୍ତ ଧାର ବୋହି ଶୁଖି ଯାଇଛି। ବାପା ଆଉ ଜୀବିତ ନଥିଲେ । ବିଭୁର ମନେ ପଡିଲା ବାପାଙ୍କର ଗୋଟିଏ ଅମୂଲ୍ୟ କଥା 'ତୋ ହାତ ମୁଠାରେ ସ୍ୱର୍ଗ, ତୁ ଅନୁଭବ କରି ପାରିଲେ ହେଲା।' ହେଲେ ସେ ଅନୁଭବ କଲାବେଳକୁ ସେଇ ସ୍ୱର୍ଗ ଆଜି ତା' ଠାରୁ ଦୂରେଇ ଯାଇଥିଲେ ।

କ୍ରିୟାକର୍ମ ପରେ ବାପାଙ୍କ ବ୍ୟାଗକୁ ଆଣି ବିଭୁକୁ ହସ୍ତାନ୍ତର କଲା କଲ୍ୟାଣ । ଏତିକି ହିଁ ବାପାଙ୍କ ଶେଷ ସନ୍ତକ। ତରତର ହୋଇ ଅଣ୍ଡାଳି ପକାଇଲେ ବ୍ୟାଗକୁ। କାଳେ ବାପା ତା ପାଇଁ କିଛି ସନ୍ଦେଶ ଛାଡି ଯାଇଥିବେ। ତା' ଭିତରେ ସୁରକ୍ଷିତ ଥିଲା ବିଭୁର ପିଲାଦିନର କେତୋଟି ଫଟୋ। ସେଥିରେ ବି ଥିଲା ବାପାଙ୍କ କାନ୍ଧରେ ହସ ହସ ମୁହଁରେ ବସିଥିବା ବିଭୁର ଫଟୋ। ପିଲାଦିନ କଥା ମନେ ପଡିଲା । ସେ ପାଞ୍ଚ ଛଅ ବର୍ଷର ହୋଇଥିବ ସେତେବେଳକୁ। ବହୁ ବ୍ରତ ମାନସିକ କରି ଇଶ୍ୱରଙ୍କ କୃପାରୁ ବିଭୁକୁ ପାଇଥିଲେ ବୋଲି, ତାକୁ ନେଇ ଶିବ ଶଙ୍କରଙ୍କ ଦର୍ଶନ ପାଇଁ ବାପା ମା' କପିଳାସ ଯାଉଥିଲେ। ଜିଦି କରି ସେ ବି ପାହାଚ ଚଢୁଥିଲା। ହେଲେ ଅଳ୍ପ କେଇଟା ପାହାଚ ପରେ ବିଭୁ ଝୁଣ୍ଟି ପଡିଥିଲା ବୋଲି ବାକିତକ ପାହାଚ ତାକୁ ଆଉ ଚଢ଼ିବାକୁ ଛାଡି ନଥିଲେ ବାପା ମା' । ତା'ପରଠୁ ସେ କେତେବେଳେ ଥିଲା ମା' କାଖରେ ତ କେତେବେଳେ ବାପାଙ୍କ କାନ୍ଧରେ। ହେଲେ ସେଇ ବାପା ଜୀବନର ଚଲାପଥରେ ଚାଲୁଚାଲୁ ଏମିତି ଝୁଣ୍ଟି ପଡିଲେ ଯେ ଆଉ ଉଠିବାକୁ ତାକତ ପାଇଲେ ନାହିଁ। କେହି ପାଖରେ ନଥିଲେ ବି ଆହା କହି ତୋଳି ଧରିବାକୁ। ଡାକ୍ତର ବିଭୁପ୍ରସାଦ ମିଶ୍ର ନିଜକୁ ଶତ ଧିକ୍କାର କରୁଥିଲେ।

ବାପାଙ୍କ ବ୍ୟାଗରେ ପୁଣି ଥିଲା ବିଭୁ ନାଁରେ ବାପା ଖୋଲିଥିବା ବ୍ୟାଙ୍କ ଆକାଉଣ୍ଟ ଖାତା। ମା' ପାଇଁ ପଠାଇଥିବା ଟଙ୍କା ତା ଆକାଉଣ୍ଟରେ ଗଚ୍ଛିତ ରଖାଯାଇଥିଲା ବୋଲି ଜାଣି ପାରିଲା ବିଭୁ । ଭାଙ୍ଗି ପଡୁଥିଲା ସେ ନିଜ ଭିତରେ। ପାଇଲା ବି ସେଥିରେ ବାପାଙ୍କର ଗୋଟିଏ ପୁରୁଣା ଡାଏରୀ ଆଉ ତା ଭିତରେ ନିଜ ଭିଟାମାଟିର ପ୍ରମାଣ ପତ୍ର। ଡାଏରୀର ପ୍ରତି ପୃଷ୍ଠା ଥିଲା କେବଳ ବିଭୁ କେନ୍ଦ୍ରିକ। ବିଭୁକୁ ନେଇ ଯେମିତି ସେମାନଙ୍କ ସୁଖ ଦୁଃଖ ଜଡିତ। ବିଭୁ ସେମାନଙ୍କ ଦୁନିଆ। ଲାଗୁଥିଲା ସତେ ଯେମିତି ସେ ପାଗଳ ହୋଇଯିବ। କୋହର ଲାଭା ଯେମିତି ଛାତି ଫଟାଇ ବାହାରି ଆସି ଆଗ୍ନେୟଗିରିର ରୂପ ନେବ...!

କଲ୍ୟାଣ ପ୍ରମାଦ ଗଣିଲା । ସୁଧାକର ସାର୍‌ଙ୍କ ଭଳି ତାଙ୍କ ପୁଅ ମାନସିକ ଭାରସାମ୍ୟ ହରାଇ ବସିବନି ତ...? ବିଭୁ ଯେମିତି ବାଲ୍ମୀକ ଭଳି ସ୍ଥାଣୁ ପାଲଟି ଯାଇଥିଲା। ନିରୋଳାରେ ବସି କ'ଣ ଆଡୁ ସାଡୁ ଗପୁଥିଲା । ହେଲେ ଏଥର ବନ୍ଧୁର ଉପଯୁକ୍ତ ସେବା ଶୁଶ୍ରୁଷା କରିବାରେ ଆଦୌ ହେଳା କରିନଥିଲା କଲ୍ୟାଣ।

ଭିଟାମାଟିର ଭଗ୍ନସ୍ତୁପ ଉପରେ 'ସୁଧାକର ସୁନୀତି ସେବା ସଦନ' ଏବେ ଏକ ଆଦର୍ଶ ଚିକିତ୍ସାଳୟ। ସବୁଠୁ କମ୍ ଦାମରେ ଉତ୍ତମ ସେବା ଯୋଗାଇ ଦେବାକୁ ଯେମିତି ଏ ସ୍ମାରକ ଶତତ ପ୍ରତିଶ୍ରୁତିବଦ୍ଧ ! ବନ୍ଧୁ କଲ୍ୟାଣ ହିଁ ଏପରି ଏକ ଚିକିତ୍ସାଳୟର ମୁଖ୍ୟ ଉପଦେଷ୍ଟା। ଡାକ୍ତର ବିଭୁପ୍ରସାଦ ମିଶ୍ରଙ୍କର ବାପା ବୋଉଙ୍କ ପ୍ରତି ଏ ହସ୍ପିଟାଲ ଏକ ସଶ୍ରଦ୍ଧ ଶ୍ରଦ୍ଧାଞ୍ଜଳି ବୋଲି ଏବେ କୋଣେ ଅନୁକୋଣେ ମୁଖରିତ...!!!

ଛାଡପତ୍ର ପରେ ନ୍ୟାୟାଳୟର ବିଚାର ଅନୁସାରେ ପୁଅ ସୁଧୀରର ପ୍ରତୀକ୍ଷାରେ ଥିବା ଡାକ୍ତର ବିଭୁପ୍ରସାଦ ମିଶ୍ର ମର୍ମେ ମର୍ମେ ଅନୁଭବ କରୁଥିଲେ ସନ୍ତାନର ଅବର୍ତ୍ତମାନରେ ପିତୃ ହୃଦୟର ଆବେଗତାକୁ...!! ବାପା ମା'ଙ୍କ କଥା ମନେ ପକେଇ ଆଖିରୁ ଝରି ପଡିଲା ଅନୁତାପସିକ୍ତ ଦୁଇ ଟୋପା ଲୁହ..!!!

+ନୂଆପଡା, କଟକ

# ପ୍ରତିଶୋଧ ଜରୁରୀ ନୁହେଁ

ଶ୍ୱେତା ରାଉତ୍

ସମ୍ପର୍କର ଗନ୍ଧ



ଥରେ ଜଣେ ମହିଳା ଖରାରେ ବସି ପଖାଳ ଖାଉଥିବା ବେଳେ ଲୁଣ ଆଣିବାକୁ ଭିତରକୁ ଗଲେ, ସେତିକିବେଳେ ପଡିଶା ଘରର କୁକୁର ଆସି ତାଙ୍କ ଭାତ ଖାଇଦେଲା। ମହିଳା ଜଣଙ୍କ ଖୁବ୍ ରାଗିଲେ ଓ କୁକୁରକୁ ଖୁବ୍ ପିଟିଲେ। ସେତିକିରେ ତାଙ୍କ ରାଗ ଶାନ୍ତ ହେଲାନି, ସେ କୁକୁରର ମାଲିକକୁ ଡାକି ବହେ ଗାଳି ଶୁଣେଇଲେ। ମାଲିକ ତାଙ୍କ କୁକୁରକୁ ବାନ୍ଧି ନେଇ ପଳେଇଲେ, ଆଉ କଣ କରିଥାନ୍ତେ। ମହିଳାଙ୍କ ରାଗ ତଥାପି ଶାନ୍ତ ହୋଇନଥାଏ, ପରଦିନ ପଡିଶା ଘରର ବୁଢ଼ୀ ମା' ଖରାରେ ବସି ପିଠା ଖାଉଥାନ୍ତି, ମହିଳା ଜଣକ ଜାଣିଶୁଣି ତାଙ୍କ କୁକୁରକୁ ଛାଡ଼ିଦେଲେ, କୁକୁର ଦୌଡ଼ିଯାଇ ଥାଳିରୁ ପିଠା ନେଇ ପଳେଇ ଆସିଲା। ବୁଢ଼ୀ ମାଆଟି ଚାହିଁ ବସିଥାଏ, କିଛି ନକହି ବୋହୂକୁ ଆଉ ଗୋଟେ ପିଠା ଦେବାକୁ କହିଲା। ମହିଳା ଜଣକ ପୁଣି କୁକୁରକୁ ଛାଡିଦେଲେ ଓ କୁକୁର ପୁଣି ପିଠା କାମୁଡି ଧରି ଦୌଡିଲା। ମହିଳାଙ୍କ ମନ ପୁରା ଖୁସି 'ମୋ ପଖାଳ କଂସାରେ ତା କୁକୁର ମୁହଁ ମାରିଥିଲା, ଏଥର ତା ମାଲିକାଣୀ ଜାଣୁ ମୋ କୁକୁର ପିଠା ଖାଇବା ପରେ ତାକୁ କେମିତି ଲାଗିବ!' ମହିଳାଙ୍କ ଏଭଳି ବ୍ୟବହାରରେ ପଡିଶା ଘର ଲୋକେ କିଛି ବି କଳି ଝଗଡ଼ା ନକରି ନୀରବ ରହିଲେ।

କିଛି ଦିନ ପରେ ମହିଳାଙ୍କର ଛୋଟ ପୁଅ କେତେଜଣ ପିଲାଙ୍କ ସହିତ ଘର ପାଖରେ ଖେଳୁଥିଲା। ବଲ୍ ଗଡିଯିବାରୁ ଟିକି ପିଲାଟି ଆଣିବାକୁ ଦୌଡିଲା ବେଳେ ତା ଗୋଡ଼ ଖସିଗଲା ଓ ସେ ପାଖରେ ଥିବା ଗୋଟେ ଲଣ୍ଡା କୂଅରେ ପଡ଼ିଗଲା। ପିଲାମାନେ ଚିତ୍କାର କରିବାକୁ ଲାଗିଲେ, ଛୋଟ ଛୋଟ ପିଲାମାନେ, ସେମାନେ ବି କେମିତି ବାହାର କରିବେ! ପିଲାଙ୍କ ହୋ ହାଲ୍ଲା ଶୁଣି ପଡିଶା ଘର କୁକୁରଟି ଧାଇଁ ଆସିଲା ଓ ପିଲାଟିକୁ ପୁରନ୍ତା କୂଅରୁ ତା ଡ୍ରେସକୁ କାମୁଡି ଭିଡ଼ି ଆଣିଲା। ସେତେବେଳକୁ ଆଖପାଖରେ ଦୁଇ ଚାରିଜଣ ବଡ ଲୋକ ପହଞ୍ଚି ସାରିଥାନ୍ତି। କୁକୁରର ଏ ଉପସ୍ଥିତି ବୁଦ୍ଧି ପାଇଁ ସମସ୍ତେ କୁକୁରକୁ ତାରିଫ କଲେ, କିନ୍ତୁ କୁକୁରକୁ ନିର୍ଦ୍ଧୁମ ପିଟିଥିବା ମହିଳା ଜଣଙ୍କ ଲାଜରେ ମୁହଁ ଲୁଚାଇ କାନ୍ଦିବାକୁ ଲାଗିଲେ।

ମଣିଷ ଭିତରେ ଏତେ ଶତ୍ରୁତା, ଏତେ ହିଂସା ଥାଏ ଯାହା ପଶୁ ଭିତରେ ନଥାଏ। ମହିଳାଙ୍କର ପଖାଳ ଭାତରେ ଟିକେ ମୁହଁ ମାରିଥିଲା ବୋଲି ତାକୁ କେତେ ପିଟିଥିଲେ,ତା ମାଲିକକୁ ଅସମ୍ମାନ କରି କହିଲେ, ନିଜ କୁକୁର ଲଗେଇ ତାଙ୍କ ବୁଢ଼ୀ ମାଠୁ ପିଠା ଛଡେଇ ନେଲେ, ଅଥଚ ନିଜ ପୁଅର ଜୀବନ ବଞ୍ଚେଇଲା ସେଇ କୁକୁର। କାରଣ କୁକୁର ମନରେ ମଣିଷ ଭଳି ଈର୍ଷା ନଥିଲା, ପ୍ରତିଶୋଧର ଭାବନା ନଥିଲା। ଲଜ୍ଜିତ ମହିଳା ଜଣକ କୁକୁରଟିକୁ ଜାବୁଡ଼ି ନେଇ କ୍ଷମା ମାଗିଲେ ଓ ପଡ଼ୋଶୀ ମଧ ତାଙ୍କୁ କ୍ଷମା କରି ଦେଇଥିଲେ।

ଜୀବନ ବଡ ବିଚିତ୍ରମୟ। ଏଠି ଆମେ ସମସ୍ତେ ମୋହରେ ବନ୍ଧା ହୁଅନ୍ତି, ପୁଣି ଛୋଟ ଛୋଟ କଥାରେ ସମ୍ପର୍କକୁ ଏମିତି ଭାଙ୍ଗି ଦିଅନ୍ତି ଯେ, କେହି ମରି ହଜି ଗଲେ ବି ଆମକୁ ଫରକ ପଡେନାହିଁ। ସତରେ କଣ ଆମେ ଏତେ ନିଷ୍ଠୁର ନା ଆମ ଭିତରର ଅହଙ୍କାର, ଜିଦ୍ଦି ଆମକୁ ଏଭଳି ଆଚରଣ କରିବାକୁ ବାଧ କରାଏ ? ଅନେକ ପରିବାରରେ ଏମିତି ଦେଖିବାକୁ ମିଳେ, 'ସେ ମୋତେ ଏମିତି କହିଲା ମୁଁ ତାକୁ କଣ ଛାଡ଼ିଦେବି ! ସେ ମୋ ପାଇଁ କିଛି କଲାନି, ମୁଁ କାହିଁକି ତା ପାଇଁ କରିବି ! ମୋ ଝିଅ ଜନ୍ମଦିନରେ ସେ ଆସିନଥିଲା, ମୁଁ କାହିଁକି ତା ପୁଅ ଜନ୍ମଦିନରେ ଯିବି ! ସେ ମୋତେ ଏତିକି ବେଭାର ଦେଇଛି, ମୁଁ କାହିଁକି ତାକୁ ଏତେ ଟଙ୍କା ବେଭାର ଦେବି ! 'ଜୀବନରେ ପ୍ରତି ଜିନିଷରେ ଆମେ ଯେମିତି ସଉଦା କରୁ, ଆମ ପାଇଁ ଯିଏ ଯେତିକି କରିଥିବ ଆମେ ସେତିକି କରିବା, ଯିଏ ଯେମିତି ବ୍ୟବହାର କରିଥିବ ଆମେ ସେମିତି ବ୍ୟବହାର କରିବା, ଏସବୁ ଆଦୌ ଉଚିତ୍ ନୁହେଁ। ଏମିତି ପରସ୍ପରର ସଂସ୍କାର ଭିତରେ କଣ ଫରକ ରହିବ ?

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

## ଫେରି ଆସନ୍ତା କି ?

ଝରଣା ବାରିକ



ଫେରି ଆସନ୍ତା କି ଏମିତି ଏକ ସନ୍ଧ୍ୟା
ଯେଉଁ ସନ୍ଧ୍ୟାରେ
ଜଳୁଥାନ୍ତା ଦୀପଟିଏ
ଜୁକୁ ଜୁକୁ ଆଲୁଅ କରି
ଚଉରା ମୂଳରେ

ଫେରି ଆସନ୍ତା କି ଏମିତି ଏକ ସନ୍ଧ୍ୟା
ଯୋଉଠି ବୁଢ଼ୀ ମାଆର
ଚାରିପଟେ
ନାତି ନାତୁଣୀଙ୍କ ଭିଡ଼ ଜମି ଯାଆନ୍ତା
ଗପ ଶୁଣିବା ପାଇଁ

ଫେରି ଆସନ୍ତା କି ଏମିତି ଏକ ସନ୍ଧ୍ୟା
ସବୁ କାମ ଧନ୍ଦା ସାରି
ଭାଗବତ ଟୁଙ୍ଗୀରେ
ବସି ଯାଆନ୍ତେ
ଗାଆଁର ପୁରୁଖା ଲୋକ ମାନେ

ଫେରି ଆସନ୍ତା କି ଏମିତି ଏକ ସନ୍ଧ୍ୟା
ଗାଈ ଗୋଠ ନେଇ ଧୂଳି ଉଡେଇ ଉଡେଇ
ଗୀତ ଗାଇ ଗାଇ ଫେରୁ ଥାନ୍ତା
ଗାଈଆଳ ପିଲାଟା
ହାତରେ ପାଞ୍ଚଣଟିଏ ଧରି।

ଫେରି ଆସନ୍ତା କି ଏମିତି ଏକ ସନ୍ଧ୍ୟା
ବୋଉର ହାତ ତିଆରି
ଚକୁଳି ପିଠା ବାସ୍ନା ଶୁଣି
ଚୁଲି ଚାରିପଟେ
ଘେରି ଯାଆନ୍ତେ
ଭାଇ ଭଉଣୀମାନେ।

ଏମିତି ଏକ ସନ୍ଧ୍ୟା ଏବେ ବିଲୁପ୍ତ
ରାତ୍ରୀର ଅନ୍ଧାର ଭିତରେ ଲୁଚି ଯାଇଛି,
ଖାଲି ରହି ଯାଇଛି
ଆମ ମାନଙ୍କ
ଅଙ୍ଗେଲିଭା
କାହାଣୀଟିଏ ହୋଇ।

+ସମଲ, ତାଳଚେର,
ଅନୁଗୋଳ

# ଆଜିର କବିତା

## ପିତୁଳା

ଉତ୍କଳିକା ଦାଶ



କାଠ ପିତୁଳାର କି ଆତ୍ମାଥାଏ !
ସର୍ଭିଙ୍କ ଖୁସିରେ
ସୁଖ ସାଉଁଟି ସେ
ନିଜ ମନ ପ୍ରାଣ ତୋଷୁଥାଏ,

କାଠ ପିତୁଳାର କି ଆତ୍ମାଥାଏ !
ଆତ୍ମୀୟଙ୍କ ଲୁହ ପୋଛି ପୋଛିସିଏ
ନିଜ ଲୁହ ହାତେ ପୋଛୁଥାଏ,

କାଠ ପିତୁଳାର କି ଆତ୍ମାଥାଏ !
ଏ ଘରୁ ସେ ଘର
ପରସୁଖ ପାଇଁ
ନିତି ନିତି ସେ ଭାଙ୍ଗୁଥାଏ,

କାଠ ପିତୁଳାର କି ଆତ୍ମାଥାଏ !
ସ୍ୱାର୍ଥନ୍ୱେଷୀ ପାଖେ
ନିଜ ଜୀବନକୁ
ତିଳ ତିଳ କରି ଜାଳୁଥାଏ

କାଠ ପିତୁଳାର କି ଆତ୍ମାଥାଏ !
ଖଣ୍ଡ ବିଖଣ୍ଡିତ
ଶରୀର ଘେନି ସେ
ଅନ୍ୟର ମଙ୍ଗଳ ମନାସୁଥାଏ

କାଠ ପିତୁଳାର କି ଆତ୍ମାଥାଏ !
ପିଲା ଠାରୁ ବୁଢା
ରୋଗୀ ଠାରୁ ଭୋଗୀ
ସର୍ଭିଙ୍କ ଗଞ୍ଜଣା ସହୁଥାଏ

କାଠ ପିତୁଳାର କି ଆତ୍ମାଥାଏ !
ତା ଦୁଃଖ କାହାକୁ
ଦିଶେ ନାହିଁ ବୋଲି
ଗୁମୁରି ଗୁମୁରି କାନ୍ଦୁଥାଏ

କାଠ ପିତୁଳାର କି ଆତ୍ମାଥାଏ !
କଣ୍ଢେଇଟେ ଭାବି
ଦିଅନ୍ତି ପୋଫାଡ଼ି
ବାଟେ ଘାଟେ କେବେ ପଡ଼ିଥାଏ

କାଠ ପିତୁଳାର କି ଆତ୍ମାଥାଏ !
ପିତୁଳା ବି କେବେ
ମନ ମୋହିଥାଏ
ଏକଥା କିଏ ବା ହେଜୁଥାଏ ?

କାଠ ପିତୁଳାର କି ଆତ୍ମାଥାଏ !

+ ଠାକୁରପାଟଣା,
ଆଳି, କେନ୍ଦ୍ରାପଡ଼ା
ମୋ : ୭୦୦୮୫୫୯୬୯୩

# ସଂସ୍କୃତ ଭାଷାର ପ୍ରଚାର ହେଲେ ଯୁବକ ଓ ଛାତ୍ରମାନେ ଶୃଙ୍ଖଳିତ ହେବେ

ଭୁବନେଶ୍ୱର, ୧୮/୦୧ (ନି.ପ୍ର): ଅଖିଳ ଭାରତ ଅମୃତବାଣୀ ସେବା ପ୍ରତିଷ୍ଠାନ ପକ୍ଷରୁ ତ୍ରିଦିବସୀୟ ସଂସ୍କୃତ ଯୁବ ସମାରୋହ ମଙ୍ଗଳବାର ପୂର୍ବାହ୍ନରେ ଶ୍ରୀ ଅରବିନ୍ଦନଗରସ୍ଥିତ ସ୍ୱାମୀ ବ୍ରହ୍ମାନନ୍ଦ ଭବନଠାରେ ଉଦ୍‌ଘାଟିତ ହୋଇଯାଇଛି । ଭାରତବର୍ଷର ବିଶିଷ୍ଟ ସଂସ୍କୃତ ବିଦ୍ୱାନ ତଥା ଅମୃତଭାଷା ସଂସ୍କୃତ ସମ୍ବାଦପତ୍ରର ମୁଖ୍ୟ ସମ୍ପାଦକ ପ୍ରଫେସର ଡଃ ହରେକୃଷ୍ଣ ଶତପଥୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ବୈଦିକ ବିଦ୍ୱାନ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର କହିଲେ ଯେ, ଯୁବକ ଛାତ୍ରମାନଙ୍କ ମଧ୍ୟରେ ସଂସ୍କୃତ ଭାଷା ଓ ସାହିତ୍ୟର ଯେତେ ପ୍ରଚାର, ପ୍ରସାର ହେବ, ସମାଜରେ ନୈତିକତାର ଉତ୍‌ଥାନ ହେବା ସହ ଚରିତ୍ରବତାରେ ଶୃଙ୍ଖଳା ଆସିବ । ମୁଖ୍ୟବକ୍ତା ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଫେସର ଡଃ ସତ୍ୟନାରାୟଣ ଆଚାର୍ଯ୍ୟ କହିଲେ ଯେ, ଆମ ସଂସ୍କୃତି ହଜାର ହଜାର ବର୍ଷର ସଂସ୍କୃତି । ଆମ ଭାଷା, ସାହିତ୍ୟ ଓ ସଂସ୍କୃତିର ସମୃଦ୍ଧି କେବଳ ସଂସ୍କୃତ ଭାଷା ଦ୍ୱାରା ସମୃଦ୍ଧ ହୋଇପାରିବ । ଅନ୍ୟତମ ବକ୍ତା ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଫେସର ତଥା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ଡଃ ଶ୍ୱେତପଦ୍ମା ଶତପଥୀ କହିଲେ ଯେ, ସଂସ୍କୃତ ଭାଷା ହିଁ ଭାରତବର୍ଷର ଏକତା, ଅଖଣ୍ଡତା ରକ୍ଷା କରିପାରିବ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଡଃ ସୂର୍ଯ୍ୟପ୍ରକାଶ ବେଦପାଠ କରିବା ପରେ ଅମୃତବାଣୀ ସେବା ପ୍ରତିଷ୍ଠାନର ସାଧାରଣ ସମ୍ପାଦକ ଡଃ କୁମାର ଚନ୍ଦ୍ର ମିଶ୍ର ସ୍ୱାଗତ ଭାଷଣ ଦେବା ପରେ ଅମୃତବାଣୀର ସ୍ୱତନ୍ତ୍ର ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଅନ୍ୟତମ ଅତିଥି ଡଃ ସୌରେନ୍ଦ୍ର କୁମାର ମହାପାତ୍ର ସଂସ୍କୃତ ଭାଷାକୁ ବୋଧଗମ୍ୟ ସ୍ତରକୁ ଆଣିବାକୁ ଅନୁରୋଧ କରିବା ପରେ ଡଃ ନାରାୟଣ ସ୍ୱାମୀ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଉତ୍କଳ ଓ କିସ୍ ବିଶ୍ୱବିଦ୍ୟାଳୟର ସଂସ୍କୃତ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ ।

# ଚୋରି ମାମଲାରେ ଅଭିଯୁକ୍ତ ଗିରଫ

ଜୟପୁର, ୧୮/୦୧ (ନି.ପ୍ର): ଜୟପୁର ସଦର ପୋଲିସ ଚୋରି ମାମଲାରେ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ଅନ୍ତା ଗ୍ରାମର ଅଜୟ ବାଘ (୨୩) ପୋଲିସ ସୁଚନା ଅନୁଯାୟୀ ଟାଟା ପାଓାର ଜୟପୁର ଡିଭିଜନର ସହକାରି ନିବାହୀଯନ୍ତ୍ରୀ ଦିବ୍ୟ ଜ୍ୟୋତି ମହାପାତ୍ର ଅଭିଯୋଗ କରିଥିଲେ ଯେ ୧୩ ତାରିଖ ବିଳମ୍ବିତ ରାତ୍ର ରେ ଦୃବୃତ ମାନେ ୧୬ କେଭି ବିଶିଷ୍ଟ ଟ୍ରାନସଫରମର ଯନ୍ତ୍ରାଂଶ ଚୋରି ହୋଇଥିବା ସେ ଅଭିଯୋଗ କରିଥିଲେ । ଚୋରି ସାମଗ୍ରୀ ମୁଲ୍ୟ ୯୦ ହଜାର ଟଙ୍କା ହେବ । ପୋଲିସ ଅଭିଯୋଗ ପାଇ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ରେ ଜାଣି ବାକୁ ମିଳିଛି ଯେ ଜୟପୁର ସଦର ଥାନା ଅନ୍ତର୍ଗତ ଅନ୍ତା ଗ୍ରାମର ଅଜୟ ବାଘ ଟ୍ରାନସଫରମର ଯନ୍ତ୍ରାଂଶ ସାମଗ୍ରୀ ଚୋରି କରିଥିଲା । ପୋଲିସ ଅଭିଯୁକ୍ତ ଠାରୁ ଟ୍ରାନସଫରମର ସାମଗ୍ରୀ ଜବତ କରିଥିଲା । ବାଇକ ରେ ଚୋରି ସାମଗ୍ରୀ ଚାଲାଣ କରିଥିବା ରୁ ବାଇକ କୁ ମଧ ଜବତ କରି ଥିବା ବେଳେ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏହି ମାମଲାରେ ଅନ୍ୟ ଏକ ଅଭିଯୁକ୍ତ ଫେରାର ଥିବା ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୁଚନା ଦେଇଛନ୍ତି ।

# ଭାରତ ବିକାଶ ପରିଷଦ ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ପୁରୀ, ୧୮/୦୧ (ନି.ପ୍ର): ଭାରତ ବିକାଶ ପରିଷଦ ଶ୍ରୀଜଗନ୍ନାଥ ଧାମ ଶାଖା ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସରକାରୀ ଶିକ୍ଷ ତାଲିମପ୍ରତିଷ୍ଠାନ, ପୁରୀ ପରିସରରେ ଅନୁଷ୍ଠିତ ହୋଇଯାଇଛି ।ଭାରତ ବିକାଶ ପରିଷଦ ର କ୍ଷେତ୍ରୀୟ ସାଧାରଣ ସମ୍ପାଦକ ପୂର୍ଣଚନ୍ଦ୍ର ଖୁଣ୍ଟିଆ, ସରକାରୀ ଶିକ୍ଷ ତାଲିମ ପ୍ରତିଷ୍ଠାନ ର ଅଧିକାରୀ ଭାସ୍କର ଚନ୍ଦ୍ର ମିଶ୍ର ଯୋଗ ଦେଇ କହିଥିଲେ ମାନବ ଜୀବନ ଏକ ଐଶ୍ୱରୀୟ ଅବଦାନ ।ପ୍ରଭୁ ଙ୍କ ଉଦ୍ଦେଶ୍ୟ ରେ ପ୍ରତିଦାନ ର ଆଶା ନରଖି ଆମେ ଯାହାକୁ ନିର୍ମଳ ହୃଦୟରେ ଅନ୍ୟକୁ ଅର୍ପଣ କରିଥାଉ ତାହାକୁ ଦାନ କୁହାଯାଏ ।ସଂସାରରେ କରା ଯାଉଥିବା ପ୍ରତେକ ଦାନ ଅପେକ୍ଷା ରକ୍ତଦାନ ମହତ ଦାନ ।ସାମାନ୍ୟ ରକ୍ତ ( ଯାହା ସରି ଯାଏନି) ବିନିମୟରେ ଯଦି ଆଉଜଣେ ମରଣ ମୁଖୀ ନୂଆ ଜୀବନ ଲାଭ କରେ,ତେବେ ଏହାଠାରୁ ପୁଣ୍ୟ ଆଉକଣ ଥାଇ ପାରେ ।ସରକାରୀ ଶିକ୍ଷ ତାଲିମ ପ୍ରତିଷ୍ଠାନ, ପୁରୀ ର ୩୫ ଜଣ ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ସ୍ୱେଚ୍ଛାକୃତ ରକ୍ତ ଦାନ କରିଥିଲେ । ଦେଖିବାକୁ ମିଳିଲା ୧୮ ବର୍ଷରୁ କମ୍ ଛାତ୍ର ଓ ଛାତ୍ରୀ ମାନଙ୍କୁ ରକ୍ତ ଦାନ ବାରାନ କରାଗଲା କ୍ଷଭାରତ ବିକାଶ ପରିଷଦ ର ମହିଳା ବାଲ ବିକାଶ କ୍ଷେତ୍ରୀୟ ସମ୍ପାଦିକା ସୁପ୍ରିତି ରଥ,ପ୍ରାନ୍ତ ସଂଗଠନ ସମ୍ପାଦକ ରାମଚନ୍ଦ୍ର ଦଳାଇ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।ସଭାପତି ପ୍ରଫୁଲ୍ଲ କୁମାର ମିଶ୍ର ଙ୍କ ସଭାପତିତ୍ୱ ରେ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମରେ ସନ୍ତୋଷ କୁମାର ମହାନ୍ତି,ଗୌରାଙ୍ଗ ଚରଣ ମିଶ୍ର,ପିତାମ୍ବର ମହାପାତ୍ର,ଜୟନ୍ତୀ ମହାପାତ୍ର, କୋଷାଧକ୍ଷ ନିମାଇଁ ଚରଣ ସାହୁ , ମନୋଜ ସାମନ୍ତରାୟ,ଶରତ ଜୟସିଂ,ଲାଲା ଅନନ୍ତ କୁମାର ସିଂହ,ଦ୍ୱିବେନ୍ଦୁ ଘୋଷ,ଅନିତା ଜଗଦ୍ଦେ,ଶରତ ଚନ୍ଦ୍ର ମିଶ୍ର କାର୍ଯ୍ୟକ୍ରମ ରେ ସହଯୋଗ କରିଥିବା ବେଳେ ଭାରତ ବିକାଶ ପରିଷଦ ଶ୍ରୀ ଜଗନ୍ନାଥ ଧାମ ଶାଖା ସମ୍ପାଦକ ସୌମେନ୍ଦ୍ର ଦାସକାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।ବ୍ଲଡ୍ ବ୍ୟାଙ୍କ ଅଧିକାରୀ ଦୀପକ କୁମାର ସାହୁ,ମନୋରଂଜନ ଭୋଇ,ଅଭିପ୍ସା ପ୍ରିୟଦର୍ଶୀ ସ୍ୱାଇଁ,ଅମିତ ପାଢ଼ୀ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ । କାର୍ଯ୍ୟ କର୍ମ ଆରମ୍ଭରେ ସମୂହ ବନ୍ଦେ ମାତରଂ ଗାନ କରା ଯାଇଥିବା ବେଳେ ଶେଷରେ ରାଷ୍ଟ୍ରଗାନ ଗାନ କରାଯାଇଥିଲା ।

# ପିଏମ ଆବାସ ଯୋଜନା ପ୍ରସଙ୍ଗରେ ରାଜ୍ୟପାଳଙ୍କୁ ଭେଟିଲା ବିଜେପି ପ୍ରତିନିଧି ଦଳ

ଭୁବନେଶ୍ୱର, ୧୮/୦୧ (ନି.ପ୍ର): ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଓଡ଼ିଶାକୁ ସଦ୍ୟତମ ମିଳିଥିବା ଅତିରିକ୍ତ ୯.୫୯ ଲକ୍ଷ ଘର ସ୍ୱଚ୍ଛ ଓ ନିରପେକ୍ଷତା ଭାବେ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଦାନ କରିବା ଦିଗରେ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ପାଇଁ ମଙ୍ଗଳବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀଙ୍କ ନେତୃତ୍ୱରେ ବିଜେପି ବିଧାୟକ ଏବଂ ଦଳୀୟ ନେତା ରାଜ୍ୟପାଳଙ୍କୁ ଭେଟି ଅନୁରୋଧ କରିଛନ୍ତି । ସେହିପରି ଆବାସ ଯୋଜନାର ବଂଟନ କାର୍ଯ୍ୟକ୍ରମ ଆରମ୍ଭ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏହାର ଶୁଭାରମ୍ଭ କରିବା ପାଇଁ ଓଡ଼ିଶା ସରକାର ନିମନ୍ତ୍ରଣ କରନ୍ତୁ ବୋଲି ଶ୍ରୀ ମାଝୀ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଛନ୍ତି ।

ସେ କହିଛନ୍ତି ଯେ ପୂର୍ବରୁ ୨୦୧୮ରେ ଆବାସ ପ୍ଲସ ୱେବସାଇଟରେ ୪ ଥର ସମୟ ସୀମା ବୃଦ୍ଧି ପରେ ବି ହିତାଧିକାରୀଙ୍କ ତାଲିକା ଦେବାରେ ରାଜ୍ୟ ସରକକାର ସମ୍ପୂର୍ଣ୍ଣ ବିଫଳ ହୋଇଥିଲେ । ବାତ୍ୟା ଫନୀ କାରଣରୁ ଆବାସ ପ୍ଲସ ପ୍ଲାଟଫର୍ମରେ ଓଡ଼ିଶାକୁ ଦୁଇଟି ସ୍ପେଶାଲ ୱିଣ୍ଡୋରେ ଅଧିକ ଯୋଗ୍ୟ ପରିବାର ବର୍ଗଙ୍କୁ ସାମିଲ କରିବା ପାଇଁ ଅନୁମତି ଦିଆଯିବା ପରେ ମଧ ରାଜ୍ୟ ସରକାର ହିତାଧିକାରୀଙ୍କୁ ସାମିଲ କରିପାରି ନଥିଲେ । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବର୍ତ୍ତମାନ ଥିବା ୧୮ ଲକ୍ଷ ହିତାଧିକାରୀରୁ ୧୨ ଲକ୍ଷ ହିତାଧିକାରୀଙ୍କ ଘର ଆବଂଟନ, କାର୍ଯ୍ୟାଦେଶ ଓ ବ୍ୟାଙ୍କ ପେମେଂଟ ଆଦିରେ ଅନିୟମିତତା ପରିଲକ୍ଷିତ ହୋଇଛି । ରାଜ୍ୟରେ ଏହି ଅନିୟମିତତା ଯୋଗୁ ପାଖାପାଖି ୧ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଦୁର୍ନୀତି ହୋଇଥିବା କେନ୍ଦ୍ରୀୟ ତଦନ୍ତ ରିପୋର୍ଟରୁ ଜଣାପଡ଼ିଥିଲା ବୋଲି ଶ୍ରୀ ମାଝୀ କହିଛନ୍ତି ।

ବର୍ତ୍ତମାନ ଆବାସ ପ୍ଲସ ପୋର୍ଟାଲରେ ଓଡ଼ିଶାକୁ ୯.୫୯ ଲକ୍ଷ ଅର୍ଥାତ୍ ପ୍ରାୟ ୧୦ ଲକ୍ଷ ଘର ଆବଂଟନ ପାଇଁ ଲକ୍ଷ୍ୟ ଦିଆଯାଇଛି । ଏହି ୧୦ ଲକ୍ଷ ଘର ସଠିକ୍ ଯୋଗ୍ୟ ହିତାଧିକାରୀଙ୍କୁ ବଂଟନ କରାଯାଉ । ଯୋଗ୍ୟ ହିତାଧିକାରୀଙ୍କୁ ଅଗ୍ରାଧିକାର ଦେବା ଭିତିରେ ଘର ବଂଟନ କରାଯାଉ ।୨୦୧୯ରେ ଆବାସର ପରମାନେଟ୍ ୱେଟିଂ ଲିଷ୍ଟରେ ଥିବା ବହୁ ଯୋଗ୍ୟ ହିତାଧିକାରୀ ମାନଙ୍କୁ ସଦ୍ୟ ପ୍ରକାଶିତ ସମ୍ଭାବ୍ୟ ତାଲିକାରେ ସ୍ଥାନ ମିଳିନାହିଁ । ରାଜ୍ୟପାଳଙ୍କୁ ବିଜେପି ପ୍ରତିନିଧି ମଣ୍ଡଳୀ ଦେଇଥିବା ଦାବି ପତ୍ରରେ ଉଲ୍ଲେଖ ରହିଛି ଯେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ଅନ୍ତର୍ଗତ ଫନୀ ଦ୍ୱାରା କ୍ଷତିଗ୍ରସ୍ତ ଲୋକଙ୍କୁ ୧ ଲକ୍ଷ ୪୨ ହଜାର ଘର ସହ ଅତିରିକ୍ତ ୯.୫୯ ଲକ୍ଷ ଘର ଆବଂଟନ ହୋଇଛି । ଆବାସ ଯୋଜନା ସମ୍ପ୍ରସାରଣ ଫଳରେ ଓଡ଼ିଶାକୁ ଘର ପ୍ରଦାନର ସଂଖ୍ୟା ସର୍ବମୋଟ ୨୮ ଲକ୍ଷରେ ପହଁଚିଛି । ଭାରତ ସରକାରଙ୍କ ଗ୍ରାମୀଣ ଉନ୍ନୟନ ମନ୍ତ୍ରଣାଳୟ ଦ୍ୱାରା ଯୋଗ୍ୟ ହିତାଧିକାରୀଙ୍କୁ ସ୍ୱଚ୍ଛତା ଓ ପାରଦର୍ଶିତାରେ ହିତାଧିକାରୀଙ୍କୁ ଚିହ୍ନଟ କରିବା, ପ୍ରକାଶିତ ସମ୍ଭାବ୍ୟ ତାଲିକା ଜନସାଧାରଣଙ୍କ ସର୍ବସମ୍ମୁଖରେ ତଦାରଖ କରିବା ନେଇ ଏକ ଏକ ବିସ୍ତୃତ ପ୍ରକ୍ରିୟା ପ୍ରସ୍ତୁତ କରାଯାଇଛି । ଚୟନ ହୋଇଥିବା ହିତାଧିକାରୀଙ୍କୁ ଗ୍ରାମସଭାରେ ସଠିକ୍ ବୋଲି ବିବେଚିତ କରିବା, ଜିଓ ଟ୍ୟାଗିଂ, ହିତାଧିକାରୀଙ୍କୁ ଆଧାର ଏବଂ ବ୍ୟାଙ୍କ୍ ଆକାଉଂଟ ସହ ଯୋଡିବା ଭଳି ପଦକ୍ଷେପ ନିଆଯାଇଛି । କିନ୍ତୁ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ହିତାଧିକାରୀଙ୍କୁ ଘର ବଂଟନରେ ବ୍ୟାପକ ଅନିୟମିତତା ଓ ପ୍ରିୟାପ୍ରୀତିତୋଷଣ ଯୋଗୁଁ ଏହି ଯୋଜନା ବାଟମାରଣା ହେଉଛି । ଏହି କାରଣରୁ ଯୋଗ୍ୟ ହିତାଧିକାରୀ ଘର ପାଇବାରୁ ବଞ୍ଚିତ ହେଉଛନ୍ତି । ତେଣୁ ସେ ଦିଗରେ ହିତାଧିକାରୀ ଚୟନରେ ଜିଲ୍ଲା ଏବଂ ବ୍ଲକ ପ୍ରଶାସନ ଆବଶ୍ୟକୀୟ ତଦାରଖ କରିବେ ଏବଂ ନିରପେକ୍ଷତା ଏବଂ ସ୍ୱଚ୍ଛତା ବଜାୟ ରଖିବେ ସେ ଦିଗରେ ରାଜ୍ୟ ସରକାର ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦିଆଯାଉ ବୋଲି ଶ୍ରୀ ମାଝୀ କହିଛନ୍ତି । ଏହି ପ୍ରତିନିଧି ଦଳରେ ବିଧାୟକ ଲଲିତେନ୍ଦୁ ବିଦ୍ୟାଧର ମହାପାତ୍ର, ସୁକାନ୍ତ ନାୟକ, ଡ.ମୁକେଶ ମହାଲିଙ୍ଗ, ଆଦିତ୍ୟ ମାଢୀ, ଭବାନୀ ଭୋଇ, ଡା.ବୁଦ୍ଧାନ ମୁର୍ମୁ, ସନାତନ ବିଜୁଳି, ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ, ଡ.ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ ସଂପାଦକ ଅମର ନାୟକ, ରାଜ୍ୟ ମୁଖପାତ୍ର ଠାକୁର ରଣଜିତ୍ ଦାସ, ରାଜେନ୍ଦ୍ର ପଣ୍ଡା, ଅନିଲ ବିଶ୍ୱାଳ, ରାଜ୍ୟ ଗଣମାଧ୍ୟମ ସହମୁଖ୍ୟ ସୁଜିତ୍ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ଭାରତ ଯୋଡ଼ ଯାତ୍ରା-ଓଡ଼ିଶା ପରିବର୍ତ୍ତନର ଆଶା ସଂଚାର କରିଛି: ଶରତ ପଟ୍ଟନାୟକ

ଭୁବନେଶ୍ୱର, ୧୮/୦୧ (ନି.ପ୍ର): ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଭାରତ ଯୋଡ଼ ଯାତ୍ରା-ଓଡ଼ିଶାର ଯାତ୍ରୀମାନେ ସୁନ୍ଦରଗଡ଼ ଜିଲ୍ଲାର କରମଡିହୀ ଠାରୁ ପୂର୍ବାହ୍ନରେ ବାହାରି ମଧ୍ୟାହ୍ନରେ ସୁନ୍ଦରଗଡ଼ ସହର ବସଷ୍ଟାଣ୍ଡରେ ପଂହଚିଥିଲେ । ଏଠାରେ ଅଭୁତପୂର୍ବ ଜନସମାଗମ ହୋଇଥିଲା । ରାସ୍ତାସାରା ଆଦିବାସୀ ସଂସ୍କୃତି ଓ ପରମ୍ପରାର ନୃତ୍ୟ କରି ସୁନ୍ଦରଗଡ଼ ବାସୀ ପିସିସି ସଭାପତି ତଥା ଭାରତ ଯୋଡ଼ ଯାତ୍ରୀଙ୍କୁ ସ୍ୱାଗତ କରିଥିଲେ ।

ବସଷ୍ଟାଣ୍ଡରେ ଏକ ସଭାରେ ଉଦ୍‌ବୋଧନ ଦେଇ ପିସିସି ସଭାପତି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ନବୀନ ଓ ମୋଦି ଶାସନରେ ଆଦିବାସୀ ଓ ଦଳିତ ସର୍ବାଧିକ ଉପେକ୍ଷିତ । ଏହି ଦୁଇ ସରକାର ଜମି, ଜଳ, ଜଙ୍ଗଲ ଲୁଟୁଛନ୍ତି ଏବଂ ଆଦିବାସୀ ମାନଙ୍କୁ ବଂଚିବା ପାଇଁ ନ୍ୟୁନତମ ସୁବିଧା ମଧ ଯୋଗାଇବାରେ ସକ୍ଷମ ହୋଇ ନାହାନ୍ତି । ଭାରତ ଯୋଡ଼ ଯାତ୍ରା-ଓଡ଼ିଶା କାର୍ଯ୍ୟକ୍ରମ ଉପେକ୍ଷିତ, ଅତ୍ୟାଚାରିତ, ଲୁଣ୍ଠିତ ଓ ଶୋଷିତ ଜନର ଶାଣିତ ସ୍ୱର । ମୋଦି ସରକାର ଓ ନବୀନ ସରାକର ଭିତରେ ଯେଉଁ ଭିତରି ବୁଝାମଣା ହୋଇଛି ତାହାକୁ ଓଡ଼ିଶାବାସୀ ବୁଝିବା ଦରକାର । ଓଡ଼ିଶାର ଏହି ଯାତ୍ରା ବୈପ୍ଳବିକ ପରିବର୍ତନ ଆଣିବ । ସୁତରାଂ ଭାରତ ଯୋଡ଼ ଯାତ୍ରା-ଓଡ଼ିଶା ପରିବର୍ତ୍ତନର ଆଶା ସଂଚାର କରିଛି । ବସଷ୍ଟାଣ୍ଡରେ ଏହି ସଭାପରେ ଭାରତ ଯୋଡ଼ ଯାତ୍ରା ସେଠାରୁ ବାହାରିଥିଲା ଏବଂ ଅପରାହ୍ନରେ ସୁନ୍ଦରଗଡ଼ ସୀମା ଭସ୍ମା ଠାରେ ପଂହଚିଥିଲା । ଆସନ୍ତା କାଲି ଝାରସୁଗୁଡ଼ା ଜିଲ୍ଲାରେ ଭାରତ ଯୋଡ଼ ଯାତ୍ରା କାର୍ଯ୍ୟକ୍ରମ ଆରମ୍ଭ ହେବ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ବାଚସ୍ପତି କିଶୋର ପଟେଲ, ରାଜନ ଏକ୍କା, ମାନସ ଚୌଧୁରୀ, ଜନାର୍ଦ୍ଦନ ଦେହୁରୀ, ଅମିତା ବିଶ୍ୱାଳ, ରାଜକିଶୋର ଷଡ଼ଙ୍ଗୀ, ବେଣୁମାଧବ ତ୍ରିପାଠୀ, ସଂଜୟ ତ୍ରିପାଠୀ, ନିର୍ମଳ ନାୟକ, ଜ୍ଞାନ ରଞ୍ଜନ ପଟ୍ଟନାୟକ, ଅଜିତ ପ୍ରସାଦ, ଶୁଭେନ୍ଦୁ ନାୟକ, ସୁଧାଂଶୁ ପଷାୟତ, ଚିନ୍ତାମଣି ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ପୁରୀ କୋଚ୍ ମେଂଟେନାନ୍ସ ଡିପୋଟ୍ ନିରୀକ୍ଷଣ କଲେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ

ଭୁବନେଶ୍ୱର, ୧୮/୦୧ (ନି.ପ୍ର): ପୂର୍ବତଟ ରେଳପଥ ମହାପ୍ରବନ୍ଧକ ରୂପ ନାରାୟଣ ସୁନକର ମଙ୍ଗଳବାର ପୁରୀ ଗସ୍ତ କରି ପୁରୀ ଷ୍ଟେସନ ନିକଟସ୍ଥ ଟ୍ରେନ୍ କୋଚ୍ ରକ୍ଷଣାବେକ୍ଷଣ ଡିପୋ ଯାଂଚ କରିବା ସହିତ ଯାତ୍ରୀମାନଙ୍କ ସୁବିଧା ପାଇଁ ଟ୍ରେନ୍ କୋଚରେ ପ୍ରଦାନ କରାଯାଉଥିବା ସୁବିଧାଗୁଡ଼ିକର ଯାଂଚ କରିଛନ୍ତି । ଉଚ୍ଚମାନର ଯାତ୍ରୀ ସୁବିଧା ଯୋଗାଇବା ଉପରେ ଗୁରୁତ୍ୱାରୋପ କରି ଶ୍ରୀ ସୁନକର ଉପଯୁକ୍ତ ପରିଷ୍କାର ପରିଚ୍ଛନ୍ନତା ଏବଂ କୋଚର ସ୍ୱଚ୍ଛତା ବଜାୟ ରଖିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ପିଟ୍ ଲାଇନ୍ ଯାଂଚ କରିବା ସମୟରେ କୋଚ୍ ଗୁଡିକର ସଫେଇ କାର୍ଯ୍ୟ, ଚାର୍ଜିଂ, ପାଣି ଭରିବା ସହିତ କୋଚ୍ ରକ୍ଷଣାବେକ୍ଷଣ ଉପରେ ସେ ଗୁରୁତ୍ୱାରୋପ କରିବା ସହ ଟ୍ରେନ ରେକ୍ ର ପ୍ରତ୍ୟେକ କୋଚ୍ ଗୁଡିକର ସହଜ ସୁବିଧା ଯୋଗାଇବା ପାଇଁ ଆବଶ୍ୟକୀୟ ସୁବିଧା ପ୍ରଦାନ କରିବାକୁ କହିଛନ୍ତି । ଯାତ୍ରୀ କୋଚଗୁଡିକର ପ୍ରାଥମିକ ରକ୍ଷଣାବେକ୍ଷଣ ପାଇଁ ପିଟ୍ ଲାଇନ୍ ହେଉଛି ପ୍ରମୁଖ ଭିତିଭୂମି ସୁବିଧା । ପ୍ରତ୍ୟେକ ନିର୍ଦ୍ଧାରିତ ଯାତ୍ରା ପରେ, ଅଣ୍ଡର-ଗିଅର ପରୀକ୍ଷା, ବ୍ରେକିଂ ସିଷ୍ଟମ ଯାଂଚ, ବୈଦ୍ୟୁତିକ ରକ୍ଷଣାବେକ୍ଷଣ, ସଫେଇ କରିବା, କୋଚର ଉଭୟ ବାହ୍ୟ ଏବଂ ଆଭ୍ୟନ୍ତରୀଣ ଅଂଶ ଧୋଇବା, କୋଚ୍ ଗୁଡିକ ମଧ୍ୟରେ ଯାତ୍ରୀ ପରିସେବା ଗୁଡିକର ଫିଟିଙ୍ଗ ଏବଂ ଜଳ ଭରିବା ଯାଂଚ କରାଯାଇଥାଏ । ଏହା ବ୍ୟତୀତ, ଶ୍ରୀ ସୁନକର ପୁରୀ ରେଳ ଷ୍ଟେସନର ବିଶ୍ୱ ସ୍ତରୀୟ ଭିତ୍ତିଭୂମି ଏବଂ ଆଧୁନିକ ଯାତ୍ରୀ ସୁବିଧା ସହିତ ପୁନଃ ବିକାଶ ପାଇଁ ଚାଲିଥିବା କାର୍ଯ୍ୟଗୁଡ଼ିକର ସମୀକ୍ଷା କରିବା ସହିତ ଏହି ପ୍ରକଳ୍ପ କାର୍ଯ୍ୟକୁ ଏକ ଆଦର୍ଶ ନିର୍ମାଣ କାର୍ଯ୍ୟ କରାଇବାକୁ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ପୁରୀ ରେଳ ଷ୍ଟେସନରେ ଯୋଗାଇ ଦିଆଯାଇଥିବା ଯାତ୍ରୀ ପରିସେବା ମୁଖ୍ୟତ ଯାତ୍ରୀମାନଙ୍କ ପାଇଁ ବିଶେଷକରି ପର୍ଯ୍ୟଟକ ଏବଂ ତୀର୍ଥଯାତ୍ରୀ ମାନଙ୍କ ସୁବିଧା ପାଇଁ ଲକ୍ଷ୍ୟ ରଖାଯାଇଛି । ଗତ ବର୍ଷ ରଥ ଯାତ୍ରା ସମୟରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପୁରୀ ରେଳ ଷ୍ଟେସନରେ ପ୍ରଦାନ କରାଯାଇଥିବା ଭିତିଭୂମି ସୁବିଧା ସହିତ ଯାତ୍ରୀ ପରିସେବା ତଥା ସୁବିଧା ନିରୀକ୍ଷଣ କରିଥିଲେ ।

ଏହି ନିରୀକ୍ଷଣ ସମୟରେ ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ରିଙ୍କେଶ ରାୟଙ୍କ ସହ ପୂର୍ବତଟ ରେଳପଥ ମୁଖ୍ୟାଳୟ ଏବଂ ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳର ବରିଷ୍ଠ ଅଧିକାରୀମାନେ ସୁନକରଙ୍କୁ ସହାୟତା କରିଥିଲେ ।

## କୁକୁଡା ଗାଲି ଖେଳ ଉପରେ ଚଢାଉ: ୬ ଗିରଫ

ଜୟପୁର, ୧୮/୦୧ (ନି.ପ୍ର): ଜୟପୁର ସଦର ପୋଲିସ କୁକୁଡା ଗାଲି ଖେଳ ଉପରେ ଚଡାଉ କରିଛି । ରାତ୍ର ସମୟରେ ଖେଳ ଚାଲୁଥିବା ସୁଚନା ପାଇ ପୋଲିସ ସଦର ଥାନା ଅନ୍ତର୍ଗତ ପାଣ୍ଟୁରୁଗୁଡା ରେ ଚଢାଉ କରିଥିଲା । ଖେଳରେ ୪୦ ରୁ ୫୦ ଜଣ ସାମିଲ ହୋଇଥିବ ବେଳେ ପୋଲିସ କୁ ଦେଖି ଚମ୍ପଟ ମାରୁଥିବା ବେଳେ ୬ ଜଣ ଧରିବା ରେ ସଫଳ ହୋଇଥିଲା ପୋଲିସ । ଗିରଫ ଅଭିଯୁକ୍ତ ଠାରୁ ୯ ହଜାର ୨ ଶହ ୧୦ ଟଙ୍କା ଖେଳ ସାମଗ୍ରୀ ୨୨ଟି ବାଇକ କୁ ଜବତ କରିଛି । ଗିରଫ ଅଭିଯୁକ୍ତ କୁ ନୋଟିସ ରେ ଛଡାଯାଇଥିବା ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୁଚନା ଦେଇଛନ୍ତି ।

# ବ୍ରହ୍ମଗିରିରେ ପଂଚୁପାଣ୍ଡବ ଐତିହ୍ୟ କରିଡ଼ର ପାଇଁ ଦାବି ହେଲା ଜୋରଦାର

ପୁରୀ, ୧୮/୦୧ (ନି.ପ୍ର): ବ୍ରହ୍ମଗିରିରେ ପଂଚୁପାଣ୍ଡବ ଐତିହ୍ୟ କରିଡ଼ର ପାଇଁ ଦାବି ହେଲା ଜୋରଦାର । ଏନେଇ ଭୀମେଶ୍ୱର ମନ୍ଦିର ପରିସରରେ ସ୍ଥାନୀୟ ଅଧିବାସୀ ଏକତ୍ରିତ ହୋଇଛନ୍ତି । ପଂଚୁପାଣ୍ଡବ ଐତିହ୍ୟ କରିଡ଼ର ଘୋଷଣା ଏବଂ ତୁରନ୍ତ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ ପାଇଁ ଲୋକେ ପ୍ରସ୍ତାବ ଦେଇଛନ୍ତି । ବ୍ରହ୍ମଗିରିର ଗର୍ବ ଓ ଗୌରବର ପ୍ରତୀକ ପଂଚୁପାଣ୍ଡବ ମନ୍ଦିର ଓଡ଼ିଶାର ଅନନ୍ୟ ଐତିହ୍ୟ କୀର୍ତିରାଜି । ମାତ୍ର ଏହି କୀର୍ତିରାଜି ଓ ପ୍ରମୁଖ ପବିତ୍ର ପୀଠ ଗୁଡିକର ରକ୍ଷଣାବେକ୍ଷଣ, ସୁରକ୍ଷା ଓ ସଂରକ୍ଷଣ ପାଇଁ ଆବଶ୍ୟକୀୟ ସରକାରୀ ଉଦ୍ୟମ ହେଉ ନଥିବାରୁ ଏହି ସାଂସ୍କୃତିକ ଓ ଧାର୍ମିକ ସ୍ଥଳୀ ଗୁଡ଼ିକ ଧିରେ ଧିରେ ଧ୍ୱଂସାଭିମୁଖୀ ହେବାକୁ ବସିଲାଣି । ତେଣୁ ପ୍ରତିଟି ପଂଚୁପାଣ୍ଡବ ମୂଳ ମନ୍ଦିରର ନିର୍ମାଣ, ପୁନଃ ମରାମତି, ରୋଷଶାଳା, ପାଚେରୀ, ପୁଷ୍ପ ଉଦ୍ୟାନ, ପ୍ରାର୍ଥନା ଗୃହ, ଭକ୍ତ ନିବାସ, ଆବଶ୍ୟକ ଜଳ ଓ ପରିମଳ ବ୍ୟବସ୍ଥା କରିବାକୁ ସ୍ଥାନୀୟ ଅଧିବାସୀ ଦାବି କରିଛନ୍ତି । କରିଡ଼ର ଅଂଚଳକୁ ଯୋଡ଼ିବା ପାଇଁ ଚଉଡ଼ା ରାସ୍ତା ନିର୍ମାଣ, ସବୁ ପୀଠର ସୌନ୍ଦର୍ଯ୍ୟକରଣ ଆଦି ସମନ୍ୱିତ ବିକାଶ ପାଇଁ ଏକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରି ଏହାକୁ ପଂଚୁପାଣ୍ଡବ ଐତିହ୍ୟ କରିଡ଼ର ରୂପେ ଘୋଷଣା କରିବାକୁ ସ୍ଥାନୀୟ ଜନସାଧାରଣଙ୍କ ତରଫରୁ ଦୃଢ଼ ଦାବି କରାଯାଇଛି । ଏହା ଫଳରେ କେବଳ ବ୍ରହ୍ମଗିରି ଅଂଚଳର ନୁହେଁ ସମଗ୍ର ଓଡ଼ିଶାବାସୀଙ୍କ ଆସ୍ଥା ଓ ବିଶ୍ୱାସ ପ୍ରତି ସମ୍ମାନ ପ୍ରଦର୍ଶନ ହେଲା ବୋଲି ବୁଝିବାକୁ ହେବ । ନଚେତ୍ ଆଗାମୀ ଦିନରେ ସମଗ୍ର ବ୍ରହ୍ମଗିରି ଅଂଚଳରେ ବ୍ୟାପକ ଜନ ଅସନ୍ତୋଷ ବଢ଼ିବ ଓ ପ୍ରବଳ ପ୍ରତିବାଦ କରାଯିବ ବୋଲି ଆଜି ଚାପମାଣିକ ଗ୍ରାମ ପଂଚାୟତର ପ୍ରସିଦ୍ଧ ପାଣ୍ଡବ ପୀଠ ଭୀମେଶ୍ୱର ମନ୍ଦିର ପରିସରରେ ଆୟୋଜିତ ସାଧାରଣ ସଭାରେ ମତ ପ୍ରକାଶ ପାଇଛି । ଏହି ସଭାରେ ବିଶିଷ୍ଟ ସମାଜସେବୀ ରମେଶ ଚନ୍ଦ୍ର ପ୍ରଧାନ ଯୋଗଦେଇ କହିଥିଲେ ଯେ, ପାଣ୍ଡବ ଐତିହ୍ୟ କରିଡ଼ର ହେଲେ ସମସ୍ତ ପଂଚୁପାଣ୍ଡବ ମନ୍ଦିର ସୁରକ୍ଷିତ ରହିବା ସହିତ ଆମ ସଂସ୍କୃତି, ପରମ୍ପରା ଓ ଐତିହ୍ୟ ସମ୍ପର୍କରେ ଜାଣିବାକୁ ରାଜ୍ୟ ଓ ରାଜ୍ୟ ବାହାରୁ ଏପରିକି ବିଦେଶୀ ପର୍ଯ୍ୟଟକ ଏଠାକୁ ଆସି ପାରନ୍ତେ । ଏହାଦ୍ୱାରା ସ୍ଥାନୀୟ ବେକାର ଯୁବକଯୁବତୀଙ୍କୁ ବ୍ୟାପକ କର୍ମ ନିଯୁକ୍ତି ମିଳିପାରିବ । ଏ ସମ୍ପର୍କରେ ରାଜ୍ୟ ସରକାରଙ୍କ ନିକଟରେ ବିଧିବଦ୍ଧ ପ୍ରସ୍ତାବ ରଖିବାକୁ ସେ ମତାମତ ରଖିଥିଲେ । ଏହି ସଭାରେ ବ୍ରହ୍ମଗିରି ଅଂଚଳର ଅନ୍ୟାନ୍ୟ ମୁଖ୍ୟ ସମସ୍ୟା ଯଥା ପାନୀୟ ଜଳ, ସ୍ୱାସ୍ଥ୍ୟ, କୃଷି, ଶିକ୍ଷା, ଭିତିଭୂମି ବିକାଶ ଓ ପର୍ଯ୍ୟଟନ ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା । ସଭାରେ ପ୍ରାୟ ୨୦୦ରୁ ଅଧିକ ଲୋକ ଯୋଗ ଦେଇଥିଲେ । ପଂଚୁପାଣ୍ଡବ ମନ୍ଦିର ଐତିହ୍ୟ କରିଡ଼ର ପାଇଁ ସ୍ଥାନୀୟ ଜନତାଙ୍କ ସାମୁହିକ ଉଦ୍ୟମକୁ ବିଭିନ୍ନ ମହଲରେ ଉଚ୍ଚ ପ୍ରଶଂସା କରାଯାଉଛି ।

# ଚାକିରୀ କରାଇଦେବା ନାଁରେ ଲକ୍ଷାଧିକ ଟଙ୍କା ଠକେଇ, ଅଭିଯୁକ୍ତକୁ ଗିରଫ କଲା ମନମୁଣ୍ଡା ପୁଲିସ

ବୌଦ୍ଧ, ୧୮/୦୧ (ନି.ପ୍ର): ଚାକିରୀ କରାଇଦେବାର ପ୍ରଲୋଭନ ଦେଖାଇ ୨ ଲକ୍ଷ ୪୬ ହଜାର ଟଙ୍କା ନେଇ ଫେରାର ଥିବା ଅଭିଯୁକ୍ତକୁ ଦୀର୍ଘ ୨ ବର୍ଷ ପରେ ମନମୁଣ୍ଡା ପୁଲିସ ଗିରଫ କରିବାରେ ସଫଳତା ହାସଲ କରିଛି । ପ୍ରାପ୍ତ ସୂଚନାମତେ, ମନମୁଣ୍ଡା ଥାନା ଦହ୍ୟା ଗ୍ରାମର ରାହୁଲ କୁମାର ଦାସ ବି.ଟେକ ପାସ କରି ଚାକିରୀ ଅନ୍ୱେଷଣରେ ଥିଲେ । ୨୦୨୦ ମସିହାରେ ପୁରୀ ଜିଲ୍ଲା ନିମାପଡା ଥାନା ଗଡଗଣ୍ଡିଆ ଗ୍ରାମର ସୁମିତ କୁମାର ରାଉତରାୟ (୩୬) କୌଣସି ସୂତ୍ରର ସୁଯୋଗ ନେଇ ରାହୁଲ ସହ ଯୋଗାଯୋଗ କରିଥିଲା ଏବଂ ଏନଟିପିସି ସମ୍ବଲପୁର କିମ୍ବା ଅନୁଗୁଳରେ କନିଷ୍ଠ ଯନ୍ତ୍ରୀ ଚାକିରୀ କରାଇଦେବାର ରାହୁଲକୁ ପ୍ରଲୋଭନ ଦେଖାଇଥିଲା । ଚାକିରୀ କରାଇଦେବା ବାବଦକୁ ସୁମିତ ମୋଟା ଅଙ୍କ(ଲକ୍ଷାଧିକ) ଟଙ୍କା ରାହୁଲ ଠାରେ ଦାବି କରିଥିଲା । ବେକାରିଥିବା ରାହୁଲ ଚାକିରୀ ପାଇବା ଆଶାରେ ସୁମିତର ଦାବି ପ୍ରକାରେ ନଗଦ ୪୬ ହଜାର ଟଙ୍କା ଏବଂ ପରବର୍ତୀ ସମୟରେ ୨ ଲକ୍ଷ ଟଙ୍କାର ଏକ ଚେକ ଦେଇଥିଲେ । ସୁମିତ ଉକ୍ତ ଚେକ ମାଧମରେ ରାହୁଲର ଆକାଉଂଟରୁ ୨ ଲକ୍ଷ ଟଙ୍କା ଉଠାଣ କରି ସାରିବାପରେ ରାହୁଲ ସହ ସମସ୍ତ ଯୋଗାଯୋଗ ଛିନ୍ନ କରିଦେଇଥିଲା । ଫଳରେ ରାହୁଲ ଠକାମିର ଶିକାର ହୋଇଥିବା ଜାଣିପାରିଥିଲେ ଏବଂ ସେନେଇ ମନମୁଣ୍ଡା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତିକରି ଥାନାରେ ଏକ ମାମଲା ନଂ ୯୨/୨୦ ରୁଜୁ ହୋଇଥିଲା ଏବଂ ପୁଲିସ ତଦନ୍ତ ଆରମ୍ଭ କରିଥିଲା । ହେଲେ ଅଭିଯୁକ୍ତ ପୁଲିସ ନଜରରୁ ସର୍ବଦା ଦୁରେଇ ରହୁଥିଲା ଓ ପୁଲିସ ମଧ ତାର କୌଣସି ଟେର ପାଇ ପାରୁ ନ ଥିଲା । ପୁଲିସ ଭୁବନେଶ୍ୱର ଅଂଚଳରେ ଅଭିଯୁକ୍ତର ମୋବାଇଲ ଟ୍ରାକିଂ ସହ ବିଭିନ୍ନ ପ୍ରକାରେ ଯୋଗସୂତ୍ର ସ୍ଥାପନ କରି ଭୁବନେଶ୍ୱରରୁ ଅଭିଯୁକ୍ତ ସୁମିତକୁ ଗିରଫ କରି ମନମୁଣ୍ଡା ଥାନାକୁ ଆଣିଥିଲେ । ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି ଏବଂ ଉକ୍ତ ଘଟଣାରେ ଆଉ ଦୁଇ ଜଣ ଅଭିଯୁକ୍ତ ସମ୍ପୃକ ଥିବା ଜଣାପଡ଼ିଛି ଓ ପୁଲିସ ଏହାର ତଦନ୍ତ ଚଲାଇଛି ।

# ରାଜ୍ୟସ୍ତରୀୟ ଟାଇକଣ୍ଡୋ ପ୍ରତିଯୋଗିତାରେ ବଲାଙ୍ଗିରର ସଫଳତା

ବଲାଙ୍ଗିର, ୧୮/୦୧ (ନି.ପ୍ର): ଗତ ୧୪ ଓ ୧୫ ଦୁଇ ଦିନ ଧରି ପୁରୀର ସତି ରାନୀଘାଟ ସ୍ଥିତ ଟାଇକଣ୍ଡୋ ଟ୍ରେନିଂ ହଲ ଠାରେ ୩୫ ତମ ରାଜ୍ୟସ୍ତରୀୟ ଖିରୋଗି ଓ ୮ତମ ପୁମସାଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବଲାଙ୍ଗିର ଜିଲ୍ଲା ଟାଇକଣ୍ଡୋ ସଂଘ ତରଫରୁ ଏକ ୬ ଜଣିଆ ଟିମ୍ ଭାଗ ନେଇଥିଲେ । ଏଥିରେ ଜୁନିୟର ବାଳିକା ଖିରୋଗି ( ଫାଇଟ) ବିଭାଗରେ କୋଶଲ୍ୟା ଷାଣ୍ଡ (୪୬ କେଜି) ବ୍ରୋଂଚ ପଦକ, ପ୍ରିୟଙ୍କା ପଶାୟତ ଓ ପରିମିତା ବିଶ୍ୱାଳ (୪୯ କେଜି) ବ୍ରୋଂଚ ପଦକ ହାସଲ କରିଛନ୍ତି । ଏହି ସଫଳତା ପାଇଁ ବଲାଙ୍ଗିର ଜିଲ୍ଲା ଟାଇକଣ୍ଡୋ ସଂଘର ସାଧାରଣ ସଂପାଦକ ତଥା କୋଚ ଅସୀମ କୁମାର ଭୋଇ ଏବଂ ରାଜ୍ୟ ଟାଇକଣ୍ଡୋ ସାଧାରଣ ସଂପାଦକ ମନମୋହନ ଭଞ୍ଜ ଶୁଭେଚ୍ଛା ଜ୍ଞାପନ କରିଛନ୍ତି । ପ୍ରକାଶ ଥାଉ କି ପରିମିତା ବିଶ୍ୱାଳ ଓ କୌଶଲ୍ୟ ଷାଣ୍ଡ ଚିକଲବାହାଲ ୟୁଜିଏଚଏସ୍ ସ୍କୁଲର ଛାତ୍ରୀ ଥିବା ବେଳେ ପ୍ରିୟଙ୍କା ପଶାୟତ ସରକାରୀ ବାଳିକା ବିଦ୍ୟାଳୟର ଛାତ୍ରୀ । ଏହି ଟାଇକଣ୍ଡୋ ଟ୍ରେନିଂ ପାଇଁ ନିଜସ୍ୱ ଏକ ଇନ୍ ?ଡୋର ହଲ୍ ର ବ୍ୟବସ୍ଥା ଜିଲ୍ଲା ପ୍ରଶାସନ କଲେ ନିଶ୍ଚିତ ଭାବରେ ଆଗାମୀ ଦିନରେ ଏହି ଜିଲ୍ଲାରୁ ଛାତ୍ର ଛାତ୍ରୀମାନେ ଉପକୃତ ହୋଇପାରିବେ ବୋଲି କୋଚ ଶ୍ରୀ ଭୋଇ ମତପ୍ରକାଶ କରିଛନ୍ତି ।

# ବଲାଙ୍ଗିର ଜିଲ୍ଲା ପରିବହନ ବିଭାଗ ପକ୍ଷରୁ ୩୪ ତମ ସଡ଼କ ସୁରକ୍ଷା ସପ୍ତାହ : ସଚେତନତା ରାଲି ସହିତ ଉଦ୍‌ଯାପିତ

ବଲାଙ୍ଗୀର, ୧୮/୦୧ (ନି.ପ୍ର): ଦିନକୁ ଦିନ ସଡକ ଦୁର୍ଘଟଣାର ସଂଖ୍ୟା ବଢି ବଢି ଚାଲିଛି । ସେହିପରି ଆହୁରି ମଧ ନିଶାସକ୍ତ ଅବସ୍ଥାରେ ଦୁର୍ଘଟଣାଜନିତ ମୃତ୍ୟୁ ହାର ବି ବଢ଼ି ଚାଲିଛି । ଦେଖିଲେ ମନେ ହୁଏ ଜନ ସଚେତନତା ତଥା ଟ୍ରାଫିକ ନିୟମର କଡାକଡି ପାଳନ ମାଧମରେ ହିଁ କେବଳ ଧନ ଜୀବନ ହାନିକୁ ରୋକାଯାଇ ପାରିବ । ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ସବୁବର୍ଷ ପରି ଚଳିତବର୍ଷ ମଧ ବଲାଙ୍ଗିର ଜିଲ୍ଲା ପରିବହନ ବିଭାଗ ପକ୍ଷରୁ ଆଂଚଳିକ ପରିବହନ ଅଧିକାରୀ ରାଜେଶ କୁମାର ମାରାଣ୍ଡିଙ୍କ ନେତୃତ୍ୱରେ ସଡ଼କ ସୁରକ୍ଷା ସଚେତନତା ରାଲି ଆୟୋଜନ କରାଯାଇଥିଲା । ଡ୍ରାଇଭିଂ ଟ୍ରେନିଂ ସେଂଟର୍ ଠାରେ ମୁଖ୍ୟ ଅତିଥି ଭାବରେ ବଲାଙ୍ଗିର ଏସପି ନୀତିନ କୁଶଲକର ସବୁଜ ପତାକା ଦେଖେଇ ରାଲିକୁ ଉଦଘାଟନ କରିଥିଲେ । ବଲାଙ୍ଗିରର ବିଭିନ୍ନ କଲେଜର ଛାତ୍ର ଛାତ୍ରୀ ତଥା ଗାଡ଼ି ଶୋ ରୁମର ଷ୍ଟାଫ ସହିତ ପରିବହନ ବିଭାଗର ସମସ୍ତ କର୍ମଚାରୀ ଅଂଶଗ୍ରହଣ କରି ବଲାଙ୍ଗିର ସହର ବୁଲି ଲୋକଙ୍କୁ ଟ୍ରାଫିକ ନିୟମ ସହିତ ଦୁର୍ଘଟଣା କିପରି ରୋକାଯାଇପାରିବ ସେ ଉପରେ ସଚେତନତା କରିଥିଲେ । ସଡକ ସୁରକ୍ଷା ସଚେତନତା ସପ୍ତାହର ଏକ ସଚେତନତା ରଥ ମଧ ସହର ବୁଲିଥିଲା ।

# ନେହେରୁ ଯୁବ କେନ୍ଦ୍ର ଦ୍ୱାରା ନେସନ ୟୁଥ୍ ସପ୍ତାହ ପାଳିତ

ବାଲେଶ୍ୱର,୧୮/୦୧ (ନି.ପ୍ର): ନେହେରୁ ଯୁବ କେନ୍ଦ୍ର ଦ୍ୱାରା ଯୁବା କୌଶଳ ବିକାଶ କାର୍ଯ୍ୟକ୍ରମ ପଦ୍ମପୁର ରେମୁଣା ବ୍ଲକରେ ଅନୁଷ୍ଠିତ ହୋଇ ଯାଇଛି ଏଥିରେ ମୁଖ୍ୟ ଅତିଥି ଭାବେ ନିର୍ମଳା ଗିରି ୱାର୍ଡ ମେମ୍ବର, ୟୁଥ୍ ଆସୋସିଏସନ୍ ର ବିକ୍ରମ ବାରିକ ଓ ନେହେରୁ ଯୁବ କେନ୍ଦ୍ର ଯୁବ ଅଧିକାରୀ ରମେଶ ଆର୍ କପୂର୍ ଯୋଗ ଦେଇ ଯୁବକ ଯୁବତୀ ମାନଙ୍କୁ ଉଦବୋଧନ ଦେଇଥିଲେ,ପରି ଶେଷ ରେ ଯୁବକ ଯୁବତୀ ମାନଙ୍କ ମଧ୍ୟରେ ଜଣା ଅଜଣା କାର୍ଯ୍ୟକ୍ରମ କରି କୃତିତ୍ୱ ଅର୍ଜନ କରିଥିବା ପିଲାଙ୍କୁ ପୁରସ କୃତୋ କରା ଯାଇଥିଲା, ପରିସେଶୋରେ ନେହେରୁ ଯୁବ କେନ୍ଦ୍ର ର ରେମୁଣା ବ୍ଲକ ଯୁବା ସ୍ୱେଚ୍ଛାସେବୀ ସମିତା ଦାସ ସମଷ୍ଟଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ଶେଷ କରି ଥିଲେ ।

# ଜାତୀୟ ଯୁବ ଦିବସ ପାଳିତ

ଉଦଳା,୧୮/୦୧ (ନି.ପ୍ର): ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଦିବସଟିକୁ ସମଗ୍ର ଭାରତ ବର୍ଷରେ ଜାତୀୟ ଯୁବ ଦିବସ ରୂପେ ପାଳନ କରାଯାଉଛି । ଏହି ଅବସରରେ ନୂଆସାହିସ୍ଥିତ କପ୍ତିପଦା ମହାବିଦ୍ୟାଳୟର ଅଧକ୍ଷା ଡ଼କ୍ଟର ଲିପିକା ବେହେରାଙ୍କ ନେତୃତ୍ୱରେ ଜାତୀୟ ସେବା ଯୋଜନା ଓ ଯୁବ ରେଡ଼କ୍ରସର ଛାତ୍ର ଛାତ୍ରୀ ମାନେ ମିଳିମିଶି ପ୍ରଭାତରେ ସଫେଇ କରିବା ସହିତ ଏକ ଆଲୋଚନା ଚକ୍ରରେ ଅଂଶ ଗ୍ରହଣ କରିଥିଲେ । ସେହିପରି ନୁଦଡ଼ିହାସ୍ଥିତ ମେଘାସନ ମହାବିଦ୍ୟାଳୟର ପରିସରରେ ପ୍ରଶାସନିକ ଅଧିକାରୀ ତଥା ଭାରପ୍ରାପ୍ତ ଅଧକ୍ଷ ଡ଼କ୍ଟର ନିରଞ୍ଜନ ପାଠୀଙ୍କ ଅଧକ୍ଷତାରେ ଜାତୀୟ ସେବା ଯୋଜନା ଓ ଯୁବ ରେଡ଼କ୍ରସର ଛାତ୍ର ଛାତ୍ରୀ ମାନେ ସ୍ୱାମୀ ବିବେକାନନ୍ଦଙ୍କ ଜୀବନାଦର୍ଶ, ଯୁବକ ମାନଙ୍କ ପାଇଁ କିପରି ପ୍ରେରଣାର ଉତ୍ସ ଥିଲା ବିସ୍ତୃତ ଆଲୋଚନା କରିଥିଲେ । ଉଦଳାସ୍ଥିତ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ଅଧକ୍ଷ ଶଶିଭୂଷଣ ପାଣିଗ୍ରାହୀଙ୍କ ନେତୃତ୍ୱରେ ମହାବିଦ୍ୟାଳୟ ପରିସରରେ ଜାତୀୟ ଯୁବ ଦିବସ ସମ୍ପର୍କରେ ଅଧାପିକା ସୁସମା ସାହୁ, କୁମକୁମ ଦାସ, ପ୍ରଣତି ରାଜ ଓ ସାଗରିକା ଷଣ୍ଢ ପ୍ରମୁଖ ଅଂଶ ଗ୍ରହଣ କରି ବକ୍ତବ୍ୟ ପ୍ରଦାନ କରିଥିଲେ । ସେହିପରି ଉଦଳା ମହାବିଦ୍ୟାଳୟ, କୁଣ୍ଡାବାଇସ୍ଥିତ ରୋହିଦାସ ସୋରେନ ମହାବିଦ୍ୟାଳୟ, ରାଡ଼ୋସ୍ଥିତ ଲୁଇପା ମହାବିଦ୍ୟାଳୟ, ନୁଦଡ଼ିହାସ୍ଥିତ ଭୋଳାନାଥ ସଂସ୍କୃତ ମହାବିଦ୍ୟାଳୟରେ ମଧ ଜାତୀୟ ଯୁବ ଦିବସ ପାଳନ ହୋଇଥିବାର ଖବର ଆମର ହସ୍ତଗତ ହୋଇଛି । କେତେକ ସ୍ଥାନରେ ଏହା ଏକ ସପ୍ତାହ ବ୍ୟାପି ପାଳନ ହୋଇଥିବାର ଜଣାଯାଇଛି ।

# ଜିଭକାଟି ହତ୍ୟାଘଟଣାରେ ତିନି ଅଭିଯୁକ୍ତ ଗିରଫ



ନୀଳଗିରି,୧୮/୦୧ (ନି.ପ୍ର): ନୀଳଗିରି ବ୍ଲକ ସିଆଡ଼ିମାଳ ପଂଚାୟତ ବାଙ୍କିଶୋଳ ଗ୍ରାମର ଜଣେ ୪୫ ବର୍ଷିୟ ଯୁବକକୁ ଜିଭକାଟି ହତ୍ୟା ଘଟଣାର ୩ ଅଭିଯୁକ୍ତଙ୍କୁ ନୀଳଗିରି ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନା ଅନୁଯାଇ ଗତ ୧୬ତାରିଖ ଦିନ ପ୍ରାୟ ୧୨ଟା ସମୟରେ ବାଙ୍କିଶୋଳ ଗ୍ରାମର ରୁହିଆ ସିଂ ର ପୁଅ ଶ୍ୟାମସୁନ୍ଦର ସିଂ ନିଜର ଘର ପାଖରେ ନିଜର ସଂପର୍କୀୟ ଭାଉଜ ତୁଳସୀଚଉରା ରେ ପାଣି ଦେଉଥିବା ବେଳେ ଶ୍ୟାମସୁନ୍ଦର ଭାଉଜକୁ ଲକ୍ଷ୍ୟ କରି କିଛି ଅରୁଚିକର ମନ୍ତବ୍ୟ ଦେଇଥିଲେ । ତୁଳସୀ ଚଉରାରେ ଯେତେ ପାଣି ଢ଼ାଳିଲେ କ'ଣ ହେବ ଯାହାର ମରିବାର ଥିବା ମରିବ ତାକୁ କେହି ବଂଚାଇ ପାରିବେ ନାହିଁ । ଏକଥା ଶୁଣି ଭାଉଜ ଉତ୍କ୍ଷିପ୍ତ ହୋଇ ନିଜର ସ୍ୱାମୀ ମିନା ସିଂକୁ ଘଟଣା ବାବଦରେ କହିଥିଲେ । ପୂର୍ବରୁ ଉଭୟ ପରିବାର ମଧ୍ୟରେ ବହୁବାର ତିକ୍ତତା ଥିବାବେଳେ ଏବଂ ଏ ଘଟଣା ଶୁଣି ସ୍ୱାମୀ ମିନା ସିଂ ତୁରନ୍ତ ଘରୁ ବାହାରି ଆସି ମୋ ସ୍ତ୍ରୀ କୁ କାହିଁକି ଏପରି କହିଲୁ ବୋଲି ପ୍ରଶ୍ନ କରିଥିଲେ । ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ଘଟଣା ଏତେ ଉଗ୍ର ରୂପ ନେଇଥିଲା ଯେ ମିନାର ସ୍ତ୍ରୀ ମଧ ଘରୁ ବାହାରି ଆସି ଶ୍ୟାମସୁନ୍ଦରଙ୍କୁ ଟଣା ଓଟରା କରିଥିଲେ । ପରେ ମିନା ସିଂର ସାନଭାଇ ଜିନ୍ଦା ସିଂ ଘଟଣାସ୍ଥଳରେ ପହଂଚି ଯାଇଥିଲେ । ଉଭୟ ସ୍ୱାମୀ-ସ୍ତ୍ରୀ ଓ ଦିଅର ଜିନ୍ଦା ଶ୍ୟାମସୁନ୍ଦରଙ୍କୁ ଗାମୁଛା ସାହାଯ୍ୟରେ ପାଖରେ ଥିବା ଖୁଂଟରେ ବାନ୍ଧି ପକାଇଥିଲେ । ଭାଉଜ ଘରୁ ଏକ ପନିଖି ଆଣି ଶ୍ୟାମସୁନ୍ଦରଙ୍କ ଜିଭକୁ କାଟି ପକାଇଥିଲେ । ଜୋରରେ ରକ୍ତସ୍ରାବ ହେବା ଫଳରେ ଘଟଣାସ୍ଥଳରେ ଶ୍ୟାମସୁନ୍ଦରଙ୍କର ମୃତ୍ୟୁ ହୋଇଥିଲା । ଘଟଣା ସ୍ଥଳରେ ମୃତ ଶ୍ୟାମସୁନ୍ଦରଙ୍କ ସ୍ତ୍ରୀ ଓ ଝିଅ ପହଂଚିଥିଲେ ମଧ ଉଭୟଙ୍କୁ ମାରିଦେବାର ଧମକ ଦେଇଥିଲେ । ଡରରେ ଉଭୟ ମା-ଝିଅ ପଳାଇ ଯାଇଥିଲେ । ପରେ ଶ୍ୟାମସୁନ୍ଦରଙ୍କ ସ୍ତ୍ରୀ ମିନତି ସିଂ ଙ୍କ ଏତଲା ପରେ ନୀଳଗିରି ପୋଲିସ ଫରେନସିକ ଟିମ୍ ସହିତ ପହଂଚି ତଦନ୍ତ ଆରମ୍ଭ କରିଥିଲେ । ଘଟଣାର ଶ୍ୟାମସୁନ୍ଦରଙ୍କ ମୃତ୍ୟୁ ହୋଇଥିବା ଜାଣି ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ । ୧୭ତାରିଖ ୩ ଅଭିଯୁକ୍ତ କୁ ନୀଳଗିରି ପୋଲିସ ଆରେଷ୍ଟ କରିଥିବା ବେଳେ ଅଭିଯୁକ୍ତମାନେ ଘଟଣାରେ ସଂପୃକ୍ତି ଥିବା ସ୍ୱୀକାର କରିଥିଲେ । ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏସ.ଡି.ପି.ଓ. ରିତେଶ ମହାପାତ୍ର ପ୍ରକାଶ କରିଛନ୍ତି । ଆଇ.ଆଇ.ସି. ଗୋପାଳ ଚନ୍ଦ୍ର କର୍ଣ୍ଣ, ଏସ.ଆଇ. ବିଂରଚି ସାହୁ ଓ ସୁବର୍ଣ୍ଣା ବେହେରା, ଏ.ଏସ.ଆଇ. ଅନନ୍ତ ମୁର୍ମୁ, ଉତମ ସିଂ, ଚିତରଂଜନ ନାୟକ, ଦିଲ୍ଲୀପ ମୁଖୀ ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ । ଏନେଇ କେଶ ନଂ. ୧୮/୨୩ ଦଫା, ୩୦୨, ୫୦୬/୩୪ ଧାରା ଅନୁଯାଇ ୩ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

# ନୀଳଗିରି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଦ୍ୱାରା ନାବାଳିକା ଉଦ୍ଧାର



ନୀଳଗିରି,୧୮/୦୧ (ନି.ପ୍ର): ନୀଳଗିରି ସମନ୍ୱିତ ଶିଶଉ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଏକ ବିଶେଷ ସୂତ୍ରରୁ ଖବର ପାଇ ଜଣେ ନାବାଳିକାକୁ ଉଦ୍ଧାର କରି ପରିବାରକୁ ହସ୍ତାନ୍ତର କରିଛି । ସୂଚନାଥାଉକି ନୀଳଗିରି ବ୍ଲକ ନରସିଂହପୁର ପଂଚାୟତ ନରସିଂହପୁର ଗ୍ରାମର ରବିନ୍ଦ୍ର ସିଂ ର ପୁଅ ଶ୍ୟାମସୁନ୍ଦର ସିଂ ମୟୂରଭଂଜ ଜିଲ୍ଲା ର ପ୍ରତାପପୁର ଅଂଚଳର ବୈଦପୁର ଗ୍ରାମର ଜଣେ ୧୬ବର୍ଷୀୟ ନାବାଳିକାକୁ ନିଜ ଘରେ ରଖି ବାହା ହେବାର ଯୋଜନାକୁ ନୀଳଗିରି ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ସଂଯୁକ୍ତା ମହାରଣା ଖବର ପାଇ ତୁରନ୍ତ ସୁପରଭାଇଜର ଜୟନ୍ତୀବାଳା କର କୁ ପଠାଇଥିଲେ । ଘଟଣାସ୍ଥଳରେ ପଂହଚି ନାବଳିକାକୁ ଉଦ୍ଧାର କରି ନାବାଳିକାର ଭଉଣୀ ଭିଣୋଇକୁ ଏକ ଲିଖିତ ରାଜିନାମାରେ ଜିମାରେ ଛାଡ଼ିଦେଇଥିବା ଜଣାପଡ଼ିଛି । ଉଦ୍ଧାରକାର୍ଯ୍ୟରେ ସୁପରଭାଇଜର ଜୟନ୍ତୀ କର ଙ୍କ ସହ ୨ଜଣ ଅଙ୍ଗନୱାଡ଼ି କର୍ମୀ, ଆଶା, ସ୍ଥାନୀୟ ସରପଂଚ ଏବଂ ମହିଳା ଏସ.ଏଚ.ଜି. ଗ୍ରୁପର ସଦସ୍ୟାମାନେ ଉପସ୍ଥିତ ଥିଲେ । ଖବରପାଇ ଅଯୋଧା ଫାଣ୍ଡି ର ପୋଲିସ ଘଟଣାସ୍ଥଳରେ ପହଂଚି ଥିଲେ ।

# ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ



ବାରିପଦା,୧୮/୦୧ (ନି.ପ୍ର): ଚଳିତ ଜାନୁଆରୀ ମାସ ୧୧ରୁ ୧୭ତାରିଖ ପର୍ଯ୍ୟନ୍ତ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ମୟୁରଭଂଜ ଜିଲ୍ଲା ପ୍ରଶାସନ ତରଫରୁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମୟୁରଭଂଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରିଷିକେଶ ଦ୍ୟାନଦେଓ ଖିଲାରୀ ସବୁଜ ପତାକା ଦେଖାଇ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ଏକ ସଚେତନତା ରଥ ଓ ସାଇକେଲ ରାଲିକୁ ଉଦଘାଟନ କରିଥିଲେ । ଉକ୍ତ ରଥ ସହରର ବିଭିନ୍ନ ଅଂଚଳରେ ପରିକ୍ରମା କରି ଟ୍ରାଫିକ ସିଗନାଲ ଏବଂ ନିୟମ ବିଷୟରେ ସଚେତନ କରିବ ବୋଲି ଜଣାଯାଇଛି । ବିଶେଷ କରି ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡି ଚାଳନା ନକରିବା, ଦୁଇ ଚକିଆ ଯାନ ଚାଳନା ସମୟ ରେ ହେଲମେଟ ପିନ୍ଧିବା, ଚାରିଚକିଆ ଯାନ ଚଳାଇବା ସମୟରେ ସିଟବେଲ୍ଟ ବ୍ୟବହାର କରିବା, ନିଶାଶକ୍ତ ହୋଇ ଗାଡି ନଚଳେଇବା, ଡ୍ରାଇଭିଂ ଲାଇସେନ୍ସ ତଥା ଗାଡିର କାଗଜ ପତ୍ର ଉଚିତ ସମୟରେ ନବୀକରଣ କରିବା ବିଷୟରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହିତ ଉକ୍ତ ସଚେତନତା ରଥ ଜିଲ୍ଲାର ସମସ୍ତ ବ୍ଲକରେ ପରିଭ୍ରମଣ କରି ୨୪ ଗୋଟି ସ୍ୱଳ୍ପଅବଧି ଭିଡ଼ିଓ ଫିଲ୍ମ ଜରିଆରେ ଲୋକମାନଙ୍କୁ ସଡ଼କ ସୁରକ୍ଷା ଜୀବନ ରକ୍ଷା ସମ୍ପର୍କ ରେ ବାର୍ତା ପହଂଚାଇବ । ଏହି ଶୋଭାଯାତ୍ରାରେ ବିଭିନ୍ନ ଶିକ୍ଷକ୍ଷନୁଷ୍ଠାନ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିବା ବେଳେ ଉକ୍ତ କାର୍ଯ୍ୟକ୍ରମ ରେ ଆଂଚଳିକ ପରିବହନ ଅଧିକାରୀ ବିଶ୍ୱରାଜ ବେହେରା, ବାରିପଦା ଟାଉନ ପୋଲିସ ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେ ପ୍ରମୁଖ ଙ୍କ ସମେତ ପରିବହନ ବିଭାଗର କର୍ମଚାରୀ, ପୋଲିସ କର୍ମଚାରୀ, ଓଡିଶା ମୋଟର କର୍ମଚାରୀ ସଙ୍ଘ ର କର୍ମକର୍ତା ମାନେ ଉପସ୍ଥିତ ରହି ବାଇ-ସାଇକେଲ ରାଲି ଓ ଶୋଭାଯାତ୍ରାରେ ଅଂଶ ଗ୍ରହଣ କରିଥିବା ଛାତ୍ର ଛାତ୍ରୀଙ୍କୁ ଙ୍କୁ ଉତ୍ସାହିତ କରିଥିଲେ ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓଡିଶା କୃଷକ ସଭାର ଗଣଧାରଣା

ଖୋର୍ଦ୍ଧା,୧୮/୦୧ (ନି.ପ୍ର): ଓଡିଶା କୃଷକ ସଭା ଖୋର୍ଦ୍ଧା ଜିଲ୍ଲା କମିଟି ସଭାପତି ରବି ବେହେରାଙ୍କ ସଭାପତିତ୍ୱରେ ଚାଷୀମାନଙ୍କ ଠାରୁ ମଣ୍ଡିରେ ଧାନକ୍ରୟ ସମୟରେ କଟନି, ଛଟନି, ଟୋକନ ରେ ଆସିଥିବା ଧାନ ଠାରୁ କମ ନେବା, ଭାଗଚାଷୀଙ୍କ ସମସ୍ୟା ଏବଂ ଚାଷୀଙ୍କ ବହୁବିଧ ସମସ୍ୟାକୁ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓଡିଶା କୃଷକ ସଭା ଖୋର୍ଦ୍ଧା ଜିଲ୍ଲା କମିଟି ପକ୍ଷରୁ ଗଣଧାରଣା ଦିଆଯାଇଛି । ଏହି ଗଣଧାରଣାରେ ସାରଙ୍ଗଧର ବେହେରା, ଓଡିଶା କୃଷକ ସଭା ଖୋର୍ଦ୍ଧା ଜିଲ୍ଲା ସମ୍ପାଦକ ଅନନ୍ତ ମଙ୍ଗରାଜ, ଶୈଳେଶ ବଳିୟାରସିଂହ, ଗିରିଶଚନ୍ଦ୍ର ବେହେରା, ନିରଞ୍ଜନ ବେହେରା ପ୍ରମୁଖ ସରକାରଙ୍କ କୃଷକମାରଣ ନିତୀ, ସମବାୟ ସମିତି ସମ୍ପାଦକ, ମିଲ ମାଲିକ ଏବଂ ଯୋଗାଣ ବିଭାଗର ମଧୁଚନ୍ଦ୍ରିକାରେ କିପରି ଚାଷୀଙ୍କ ଠାରୁ କୁଇଁଟାଲ ପ୍ରତି ୪ରୁ ୫କେଜି ଧାନ କଟନି କରାଯାଉଛି, ତାଉପରେ ବକ୍ତବ୍ୟ ରଖିଥିଲେ । ଚାଷୀମାନଙ୍କର ୮ଦଫା ଦାବୀ ସମ୍ବଳିତ ଦାବିପତ୍ର ସହ ୮ଜଣିଆ ପ୍ରତିନିଧିମଣ୍ଡଳୀ ଜିଲ୍ଲାପାଳଙ୍କ ସହ ଆଲୋଚନା ପାଇଁ ଯାଇଥିଲେ । ଜିଲ୍ଲାପାଳ କହିଥିଲେ ଚାଷୀଙ୍କ ଠାରୁ ଧାନ କ୍ରୟ ବେଳେ କଟନି ଛଟନି କରାଯିବନି । ଯେଉଁଚାଷୀଙ୍କ ଠାରୁ ଧାନ କଟାଯାଇଛି ସେହି ଚାଷୀମାନେ ସମିତିର ନାମ, ମିଲର ର ନାମ ଓ କେତେ ପରିମାଣର ଧାନ କଟାଯାଇଛି ଲେଖିକି ଦିଅନ୍ତୁ । କଟା ଯାଇଥିବା ଧାନର ମୂଲ୍ୟ ଚାଷୀ ପାଇବେ । ମଣ୍ଡି ପରିଦର୍ଶନ ସମୟରେ ଚାଷୀମାନେ ଧାନ କଟନି ସମ୍ପର୍କରେ କିଛି କହୁନାହାନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଆବାସ ତାଲିକା ଲାଗିବା ପରେ....

ବର୍ଷ ବର୍ଷ ଧରି ଭଙ୍ଗା ଦଦରା ଘରେ ରହୁଛନ୍ତି, ପଲିଥିନ ତଳେ ଦିନ କାଟୁଛନ୍ତି, ସେମାନଙ୍କ ନାଁ ସମ୍ଭାବ୍ୟ ତାଲିକାରେ ନଥିବାରୁ ରାସ୍ତାକୁ ଓହ୍ଲାଇଛ ପ୍ରତିବାଦ ଜଣାଇଛନ୍ତି । ଜାତୀୟ ରାଜପଥ ଉପରେ ବସି ତାଲିକାରେ ନାଁକୁ ସାମିଲ କରିବାକୁ ଦାବି କରିଛନ୍ତି । ସେହିପରି କେନ୍ଦୁଝର ହାଟଡିହି ବ୍ଲକ ଆଇତିପୁର ପଞ୍ଚାୟତରେ ପ୍ରକାଶ ପାଇଥିବା ତାଲିକାରେ ଅନିୟମିତତା ହୋଇଥିବା ଅଭିଯୋଗ କରି ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରିଛନ୍ତି ପଞ୍ଚାୟତର ବିଭିନ୍ନ ଗାଁର ଲୋକେ । ପ୍ରକାଶ ପାଇଥିବା ତାଲିକାରେ ବହୁ ଅଯୋଗ୍ୟ ହିତାଧିକାରୀଙ୍କ ନାଁ ରହିଥିବାବେଳେ ଯୋଗ୍ୟ ହିତାଧିକାରୀଙ୍କ ନାଁ ନଥିବା ଅଭିଯୋଗ କରିଛନ୍ତି । ଏପରିକି ତାଲିକାରେ ନାବାଳକ ନାଁ ରହିଥିବା ଅଭିଯୋଗ କରିଛନ୍ତି ପ୍ରତିବାଦକାରୀ । ତେବେ ଅଭିଯୋଗକୁ ଖଣ୍ଡନ କରିଛନ୍ତି ପଞ୍ଚାୟତ ଅଧିକାରୀ । ତାଲିକା ନାଁ ନଥିବା ଦେଖି ନିଆରା ଢ଼ଙ୍ଗରେ ପ୍ରତିବାଦ କରିଛନ୍ତି ପିପିଲି ଚନ୍ଦ୍ରାଦେଇପୁର ପଞ୍ଚାୟତର ଲୋକେ । ଭଙ୍ଗା ଘର କାନ୍ଥରେ ପୋଷ୍ଟର ମାରି ଅସନ୍ତୋଷ ପ୍ରକାଶ କରିବା ସହ ପ୍ରଶାସନକୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି । ପୋଷ୍ଟରରେ ଲେଖିଛନ୍ତି ସେମାନେ ଯଦି ପ୍ରକୃତ ଅଯୋଗ୍ୟ ହିତାଧିକାରୀ ତାହେଲେ ତାଙ୍କୁ ଜେଲ ନିଅନ୍ତୁ । ଥରୁଟିଏ ଉଚିତ୍ ତଦନ୍ତ କରନ୍ତୁ । ଭଙ୍ଗା ଘରକୁ ଟିକିଏ ଅନାନ୍ତୁ । ତଦନ୍ତ ନକଲେ ଭୋଟ୍ ପୂର୍ବରୁ ନେତା, ମନ୍ତ୍ରୀ ଓ ଅଧିକାରୀଙ୍କୁ ତାଙ୍କ ଦୁଆର ମନା । କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ ବଡକୂଳ ପଞ୍ଚାୟତରେ ଲୋକଙ୍କ ଭିତରେ ଅସନ୍ତୋଷ ରହିଛି । ପଞ୍ଚାୟତ ଅଧିକାରୀଙ୍କୁ ଘେରି ଜବାବ ମାଗିଛନ୍ତି ତାଲିକାରେ ନାଁ ନଥିବା ଘର ଆଶାୟୀ । ତେବେ ଗାଁ ଗାଁରୁ ଯେଉଁଭଳି ଘର କଳିର ଚିତ୍ର ଆସୁଛି ଆଗାମୀ ଦିନରେ ଏହା ଆହୁରି ଉଗ୍ରରୂପ ଧାରଣ କରିବାର ଯଥେଷ୍ଟ ଆଶଙ୍କା ରହିଛି ।

## ୧୪ ପୁଲିସ ଡିଏସପିଙ୍କ....

ଡିଏସପି ପାହ୍ୟାକୁ ପଦୋନ୍ନତି ମିଳିଥିଲା । ସେହିପରି ଭୁବନେଶ୍ୱର ଇଓଡବ୍ଲ୍ୟୁ ଡିଏସପି ସିପ୍ରା ଭଞ୍ଜଙ୍କୁ ଭୁବନେଶ୍ୱରସ୍ଥିତ ବିଜୁପଟ୍ଟନାୟକ ପୁଲିସ ଏକାଡେମୀକୁ ଡିଏସପି ଭାବେ ବଦଳି ହୋଇଛି । କେନ୍ଦୁଝର ମୁଖ୍ୟାଳୟ ଡିଏସପି ଜୟଶ୍ରୀ ପ୍ରଧାନଙ୍କୁ ଭିଜିଲାନ୍ସ ଡିଏସପି, ସ୍ମୃତିରଞ୍ଜନ କରଙ୍କୁ କଟକସ୍ଥିତ ଆଇୟୁସିଏଡବ୍ଲ୍ୟୁ ଡିଏସପି, ନିରଞ୍ଜନ ଶବରଙ୍କୁ ପୁରୀ ମୁଖ୍ୟାଳୟ ଡିଏସପି, ତାରଜସ୍ମିନ ଗୁରିଆଙ୍କୁ ପୁରୀ ଆଇୟୁସିଏଡ୍ବ୍ଲ୍ୟୁ ଡିଏସପି, ସଚିନ ପଟେଲଙ୍କୁ ମାଲକାନଗିରି ଏସଡିପିଓ, ମାନବ୍ରତ ଶତପଥୀଙ୍କୁ କୋରାପୁଟ ପିସିଆର ସେଲ୍ ଡିଏସପି, ରେଣୁକା ସୁନାଙ୍କୁ ସୋନପୁର ଆଇୟୁସିଏଡବ୍ଲ୍ୟୁ ଡିଏସପି, କୁମାରୀ ଜିସାଙ୍କୁ ଢେଙ୍କାନାଳ ଆଇୟୁସିଏଡବ୍ଲ୍ୟୁ ଡିଏସପି ଏବଂ ଅଜୟ କୁମାର ଦାସଙ୍କୁ କଳାହାଣ୍ଡି ଆଇୟୁସିଏଡବ୍ଲ୍ୟୁ ଡିଏସପି ଭାବେ ବଦଳି କରାଯାଇଛି ।

## ପଟିଆ ନାବାଳିକା ଅପହରଣ....

ଜିଲ୍ଲା ବିଜେପି ମାଷ୍ଟର କ୍ୟାଂଟିନ ଛକରେ ଆନ୍ଦୋଳନ କରିବା ସହ ଯଥାଶୀଘ୍ର ଅଭିଯୁକ୍ତକୁ ଧରି ଦଣ୍ଡଦେବାକୁ ଦାବି କରିଛି । ଯଦି ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ନଦେବେ ତାହାଲେ ଆନ୍ଦୋଳନ ତୀବ୍ରତମ ହେବ ବୋଲି ରାଜ୍ୟ ମୁଖପାତ୍ର ଦିଲ୍ଲୀପ ମହାନ୍ତି ଚେତାବନୀ ଦେଇଛନ୍ତି । ଏହି ବିକ୍ଷୋଭରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ରାଜ୍ୟ ମହିଳା ମୋର୍ଚ୍ଚା ସଭାପତି ସ୍ମୃତି ପଟ୍ଟନାୟକ ଓ ଉପସଭାନେତ୍ରୀ କସ୍ତୁରୀ ମିଶ୍ର, ଜିଲ୍ଲା ସାଧାରଣ ସମ୍ପାଦକ ଦିଲ୍ଲୀପ ବେହେରା,ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ଉପେନ୍ଦ୍ର ଭଞ୍ଜ, ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ସୋମ୍ୟଂ ସେବକ ରାୟ, ଜିଲ୍ଲା କୋଷାଧକ୍ଷ ମିନତୀ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ



ଖୋର୍ଦ୍ଧା,୧୮/୦୧ (ନି.ପ୍ର): ଜିଲ୍ଲାସ୍ତରୀୟ ସାଧାରଣ ତନ୍ତ୍ର ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ସଦଭାବନା ଭବନ ପରିସରରେ ଜିଲ୍ଲାପାଳ କେ.ସୁଦର୍ଶନ ଚକ୍ରବର୍ତୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୨୬ ତାରିଖ ପ୍ରାତଃ ସମୟ ରେ ରାମଧୁନ, ପ୍ରଭାତ ଫେରି, ପରେ ସହରରେ ଥିବା ମହାପୁରୁଷ ମାନଙ୍କର ପ୍ରତିମୂର୍ତି ରେ ମାଲ୍ୟାର୍ପଣ କରାଯିବ । ସକାଳ ୯.୧୫ ମିନିଟ ସମୟରେ ରେ ବିଜେବି ହାଇସ୍କୁଲ ପଡିଆରେ ଅରୟୋଜିତ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ରେ ଯୋଗଦେଇ ମୁଖ୍ୟ ଅତିଥି ପତାକା ଉତୋଳନ କରିବା ସହ ସମ୍ମିଳିତ ପ୍ୟାରେଡରେ ଅଭିବଦେନ ଗ୍ରହଣ କରିବେ । ଚଳିତ ବର୍ଷ ସମ୍ମିଳିତ ପ୍ୟାରେଡ ରେ ଏ.ପି.ଆର, ଏନ.ସି.ସି, ସ୍କାଉଟ ଗାଇଡ଼, ରେଡ଼କ୍ରସ ଓ ସିଭିଲିଆନ ଦଳ ଅଂଶ ଗ୍ରହଣ କରିବେ । ସାଧାରଣ ତନ୍ତ୍ର ଦିବସ ପାଳନ ଉପଲକ୍ଷେ ଆଗାମୀ ୨୦ ରୁ ୨୨ ମଧ୍ୟରେ ବିଦ୍ୟାଳୟ ମହାବିଦ୍ୟାଳୟ ଛାତ୍ରୀ / ଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ ।ତେବେ ପ୍ୟାରେଡ ପରେ ଜିଲ୍ଲା କାରାଗାର, ହସ୍ପିଟାଲରେ ମୁଖ୍ୟ ଅତିଥି ଫଳ ଓ ମିଷ୍ଟାନ୍ନ ବଂଟନ କରାଯିବ । ଏହି ବୈଠକରେ ଜିଲ୍ଲାସ୍ତରୀୟ ଅଧିକାରୀ ସମେତ ସହରର ବୁଦ୍ଧିଜୀବୀ, ବିଭିନ୍ନ ବିଭାଗର ଅଧିକାରୀ, ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ କର୍ମକର୍ତା ପ୍ରମୁଖ ଉପସ୍ଥିତଥିଲେ ।

# ଗୋଟିଏ ଦିନରେ ୬,୬୦,୦୯୪ ଏମଟି ପଣ୍ୟ ପରିଚାଳନା କରି ପୂର୍ବ ରେକର୍ଡକୁ ଭଙ୍ଗ କଲା ପାରାଦୀପ ବନ୍ଦର

ପାରାଦୀପ,୧୮/୦୧ (ନି.ପ୍ର): ଚଳିତ ଜାନୁଆରୀ ମାସ ୧୭ ତାରିଖ ଦିନ ଗୋଟିଏ ଦିନରେ ୬,୬୦,୦୯୪ ମେଟ୍ରିକ ଟନ(ଏମଟି) ପଣ୍ୟ ପରିଚାଳନା କରି ଗତ ମାସର ୬,୪୯,୭୩୦ ଏମଟି ରେକର୍ଡକୁ ଙଙଗ୍ କରି ପାରାଦୀପ ବନ୍ଦର କିର୍ତ୍ତୀମାନ ସ୍ଥାପନ କରିଛି । ତେବେ ଏହି ସଫଳତା ପାଇଁ ବନ୍ଦର ଅଧକ୍ଷ ପି.ଏଲ. ହରନାଦ ବନ୍ଦରର ସମସ୍ତ ଅଧିକାରୀ, କର୍ମଚାରୀ, ବନ୍ଦର ବ୍ୟବହାରକାରୀ ସଂସ୍ଥା ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସୂଚନା ଥାଉକି, ଚଳିତ ଆର୍ଥିକ ବର୍ଷରେ ୧୩୦ମିଲିୟନ ମେଟ୍ରିକ ଟନ (ଏମଏମଟି) ପଣ୍ୟ କାରବାର ପାଇଁ ପାରାଦୀପ ବନ୍ଦର ଲକ୍ଷ୍ୟ ରଖିଛି । ତେବେ ଏହି ମାସର ୧୭ ତାରିଖ ପର୍ଯ୍ୟନ୍ତ ଏହା ୧୦୩.୯୨ ଏମଏମଟି କାର୍ଗୋ ବା ପଣ୍ୟ କାରବାର କରି ସାରିଛି, ଯାହା ପୂର୍ବ ଆର୍ଥିକ ବର୍ଷର ୧୬.୬ ପ୍ରତିଶତ ଅଭିବୃଦ୍ଧି ଦର୍ଶାଇଛି ।

# ଜେ.ଏସ.ଡବ୍ଲ୍ୟୁ. ଫାଉଣ୍ଡେସନ ତରଫରୁ ସ୍ଥାନୀୟ ଯୁବକ ମାନଙ୍କୁ ବନ୍ଦର ଭିତ୍ତିକ କାର୍ଗୋ ପରିଚାଳନା ତାଲିମ ପ୍ରଦାନ




ପାରାଦ୍ୱୀପ,୧୮/୦୧ (ନି.ପ୍ର): ଜେ.ଏସ.ଡବ୍ଲୁ. କମ୍ପାନୀ ସମୂହ ଏହାର ଔଦ୍ୟୋଗିକ ସାମାଜିକ ଦାୟିତ୍ୱବୋଧ ସହ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ଜେ.ଏସ.ଡବ୍ଲୁ. ଫାଉଣ୍ଡେସନ ଦ୍ୱାରା କରାଯାଉଅଛି । ଏହି କ୍ରମରେ ପାରାଦ୍ୱୀପ ସମେତ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳର ବେରୋଜଗାର ଯୁବକମାନଙ୍କ ପାଇଁ ବନ୍ଦର ଭିତ୍ତିକ କାର୍ଗୋ ପରିଚାଳନା ଓ ଲଜିଷ୍ଟିକ ସମ୍ବନ୍ଧୀୟ କୈଶଳ ବୃଦ୍ଧି ତାଲିମ ଓ କର୍ମନିଯୁକ୍ତି ସହାୟତା ପ୍ରଦାନ କରିବା ପାଇଁ କାର୍ଯ୍ୟକ୍ରମ ଆରମ୍ଭ ହେଇଛି । ଏହି ଯୋଗ୍ୟ ଯୁବକ ମାନଙ୍କ ତାଲିମ ଓ ଦକ୍ଷତା ବିକାଶ ସେମାନଙ୍କୁ ବିଭିନ୍ନ ବନ୍ଦର ଭିତ୍ତିକ କାର୍ଗୋ ପରିଚାଳନା ଏବଂ ଲଜିଷ୍ଟିକ୍ ଶିକ୍ଷରେ କୁଶଳୀ,ଅର୍ଦ୍ଧକୁଶଳୀ ବର୍ଗରେ ନିଯୁକ୍ତି ପାଇଁ ଅଧିକ ସୁଯୋଗ ଆଣି ପାରିବ । ଏଥି ସହିତ ଏହି ସମସ୍ତ କ୍ଷେତ୍ରରେ କାର୍ଯ୍ୟ କରୁଥିବା କମ୍ପାନୀ ମାନଙ୍କୁ ସହଜରେ ଦକ୍ଷକୁଶଳୀ ଏବଂ ଅର୍ଦ୍ଧକୁଶଳୀ ବର୍ଗରେ ମାନବସମ୍ବଳ ପାଇବାରେ ସହାୟତା ପ୍ରଦାନ କରିବ । ଜାତୀୟ ସ୍ତରୀୟ ଅଗ୍ରଣୀ ଅନୁଷ୍ଠାନ ଟେକ ମହିନ୍ଦ୍ରା ଫାଉଣ୍ଡେସନ ଦ୍ୱାରା ପରିଚାଳିତ ଟେକ ମହିନ୍ଦ୍ରା ସ୍ମାର୍ଟ ଏକାଡେମୀ, ବିଶାଖାପାଟଣା ସହିତ ଜେ.ଏସ.ଡବ୍ଲୁ. ଫାଉଣ୍ଡେସନ ଚୁକ୍ତି ପତ୍ର ସ୍ୱାକ୍ଷର ହେଇଛି । ସଫଳତାର ସହିତ ତାଲିମ ସମ୍ପୂର୍ଣ କରିଥିବା ଯୋଗ୍ୟ ପ୍ରାର୍ଥୀ ମାନଙ୍କୁ ଟେକ୍ ମହିନ୍ଦ୍ରା ସ୍ମାର୍ଟ ଏକାଡେମୀ, ବିଶାଖାପାଟଣା ଦ୍ୱାରା ରାଜ୍ୟ ଓ ରାଜ୍ୟ ବାହାରରେ ବିଭିନ୍ନ ବନ୍ଦର ଭିତ୍ତିକ କାର୍ଗୋ ପରିଚାଳନା ଓ ଲଜିଷ୍ଟିକ କ୍ଷେତ୍ରରେ କାର୍ଯ୍ୟ କରୁଥିବା କମ୍ପାନୀ ମାନଙ୍କରେ ଇଣ୍ଟରନସିପ ସହ ଚାକିରି ପାଇବାରେ ସହାୟତା ପ୍ରଦାନ କରାଯିବ । ପ୍ରଥମ ପର୍ଯ୍ୟାୟରେ ୩୦ ଜଣ ପ୍ରାର୍ଥୀଙ୍କର ଟେକ୍ ମହିନ୍ଦ୍ରା ସ୍ମାର୍ଟ ଏକାଡେମୀ ବିଶାଖାପାଟଣାରେ ବନ୍ଦର ଭିତ୍ତିକ କାର୍ଗୋ ପରିଚାଳନା ଓ ଲଜିଷ୍ଟିକ ସମ୍ବନ୍ଧୀୟ କୈଶଳ ବୃଦ୍ଧି ଓ ତାଲିମ ପ୍ରଦାନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏହାର ଦିତୀୟ ବ୍ୟାଚରେ ୩୧ ଜଣଙ୍କୁ ମାର୍ଚ୍ଚ ୨୦୨୩ ସୁଦ୍ଧା ନାମଲେଖା ପାଇଁ ତାରିଖ ଧାର୍ଯ୍ୟ କରାଯାଇଛି । ଏହି ବର୍ଷ ଶେଷ ସୁଦ୍ଧା ଜଗତସିଂହପୁର ଓ ଏହାର ନିକଟବର୍ତ୍ତୀ ଜିଲ୍ଲା ମାନଙ୍କରୁ ୨୫୦ ଜଣ ଯୁବକଙ୍କୁ ଜେ.ଏସ.ଡବ୍ଲୁ. ଫାଉଣ୍ଡେସନ ପକ୍ଷରୁ କୈଶଳ ବୃଦ୍ଧି ଓ ତାଲିମ ପ୍ରଦାନ ସହିତ ନିଯୁକ୍ତି ସହାୟତା ଯୋଗାଇ ଦେବାକୁ ଲକ୍ଷ ରଖାଯାଇଛି ।


**OFFICE OF THE EXECUTIVE ENGINEER**
**RWSS DIVISION, RAIRANGPUR**
**INVITATION FOR BIDS**
E-mail-eerwss_rai@nic.in, eerwss.rai@gmail.com
**E-PROCUREMENT NOTICE**

**IDENTIFICATION No. 43 RWSS / RRPUR- 2022-23 / Dated 17.01.2023**

The Executive Engineer, RWSS Division, Rairangpur on behalf of Governor of Odisha, invites **percentage rate** bids to be received in online mode for the following works from the eligible experienced contractors in similar nature of work, registered with State Govt. & contractor of equivalent Grade/class registered with Central Govt. / Railways.

1. Nature of work : - Repair of RWS&S Division Office under RWS&S Section, Rairangpur in the District of Mayurbhanj (NRB)
2. No. of work : - 01(One) no
3. Period of Completion : 01(one) month
4. Cost of tender : - **₹4000.00**
5. Estimated cost : - **₹8.48** Lac
6. Class of Contractor : - (As mentioned in Tender Call Notice)
7. Date and time of availability of bid documents in Portal: -from **9 hours of 23.01.2023** to **17.30 to hours of 01.02.2023**
8. Receipt of bid cost, bid security, documents: - Online only
9. Date & time of opening of technical bid: - Dt. **02.02.2023** at **11.00** hours onwards.
10. Other Documents: - (As mentioned in DTCN)
11. The bidders have to participate in on-line bidding only. Further details can be seen from the website **https://www.tendersodisha.gov.in.**
12. **Any addendum / Corrigendum / Cancellation of tender can also be seen in the said website.**
13. **Concession of 10 % will be considered to ST/SC contractors up to B class only on submission of an affidavit over the general category contractors failing which such concession will not be extended to him / her**

OIPR : 25010/11/0041/2223

Superintending Engineer
RWSS Division, Rairangpur

## ପୁଲିସ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବାଲେଶ୍ୱର,୧୮/୦୧ (ନି.ପ୍ର): ପୁଲିସ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଦର ବିଧାୟକ ସ୍ୱରୂପ କୁମାର ଦାସ ଏହି ଉତ୍ସବକୁ ଉଦଘାଟନ କରିବା ସହ ଶିକ୍ଷାର୍ଥୀଙ୍କ ପାଇଁ ଶିକ୍ଷାନୁଷ୍ଠାନ ଉତ୍ସବର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟ ସରକାରଙ୍କ ସମୟୋପଯୋଗୀ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମ ସମ୍ପ୍ରତି ଗୁଣାତ୍ମକ ଶିକ୍ଷାଦାନ ବ୍ୟବସ୍ଥାର ଅନୁପନ୍ଥୀ ହୋଇପାରିଛି ବୋଲି ସେ କହିଥିଲେ। ତେବେ ବିଦ୍ୟାଳୟର ଛାତ୍ରୀମାନଙ୍କ ଶୌଚାଳୟ ନିର୍ମାଣ ନିମନ୍ତେ ସେ ତାଙ୍କ ବିଧାୟକ ହାତପାଣ୍ଠିରୁ ୫ଲକ୍ଷ ଟଙ୍କା ପ୍ରଦାନ ପାଇଁ ଶ୍ରୀ ଦାସ ଘୋଷଣା କରିଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା ସହ ବ୍ୟକ୍ତିତ୍ୱ ବିକାଶରେ ଶିକ୍ଷାର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ତେବେ ଜିଲା ପୁଲିସର ନାମ ବହନ କରୁଥିବା ଏହି ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ସବୁପ୍ରକାର ସହଯୋଗ କରିବେ ବୋଲି ଏସପି ଶ୍ରୀମତୀ ନାଥ ପ୍ରତିଶ୍ରୁତି ଦେଇଥିଲେ। ସମାଜ ଉତ୍ତର ଓଡ଼ିଶା ସଂସ୍କରଣ ମୁଖ୍ୟ ମଧୁସୂଦନ ଦାସ, ପୂର୍ବତନ ପୌର ଉପାଧ୍ୟକ୍ଷ ମନୋଜ ରାଉତ, ଶିକ୍ଷକ ସଂଘ 'ଓଷ୍ଟା'ର ଜିଲା ସଭାପତି ବାଦଲ ଚନ୍ଦ୍ର ପାତ୍ର, ପୁଲିସ ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ନିରଂଜନ ସାହୁ, ବିଦ୍ୟାଳୟ ଏସଏମସି ସଭାପତି ଶଙ୍କର୍ଷଣ ମହାନ୍ତି ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଜୀବନର ସଫଳତାର ଦିଗ ସମ୍ପର୍କରେ ପରାମର୍ଶ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଏହି ଅବସରରେ ଅତିଥିମାନେ ପୁରସ୍କୃତ କରିଥିଲେ। ପ୍ରଧାନ ଶିକ୍ଷକ ପଙ୍କଜ କୁମାର ଦାସ ଏହି ଉତ୍ସବରେ ସଭାପତିତ୍ୱ କରିବା ସହିତ ବିଦ୍ୟାଳୟ ପରିଚାଳନା ଓ ଶିକ୍ଷାଦାନ ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ। ପ୍ରାରମ୍ଭରେ ସଂସ୍କୃତ ଶିକ୍ଷକ ନଗେନ କୁମାର ସିଂ ବେଦପାଠ କରିଥିବା ବେଳେ ଶିକ୍ଷୟିତ୍ରୀ ସୁଷମା ଦେ ଓ ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ।

## ଆତ୍ମନିଯୁକ୍ତି ପାଇଁ ଶିଳ୍ପୋଦ୍ୟୋଗୀ ତାଲିମ କାର୍ଯ୍ୟକ୍ରମ




ଉଦଳା,୧୮/୦୧ (ନି.ପ୍ର): ଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶାର ଆୟୋଜନରେ, ଜିଲ୍ଲା ଶିଳ୍ପ କେନ୍ଦ୍ର, ମୟୂରଭଞ୍ଜର ଉଦ୍ୟମରେ ଉଦଳା ସହର ମଧ୍ୟରେ ଥିବା 'ସନ୍ଧାନ' ଗୃହ ପରିସରରେ ଆତ୍ମ ନିଯୁକ୍ତି ପାଇଁ ଶିଳ୍ପୋଦ୍ୟୋଗୀ ତାଲିମ କାର୍ଯ୍ୟକ୍ରମ ଆଜି ଜାନୁଆରୀ ୧୮ ତାରିଖ ବୁଧବାର ଠାରୁ ଆରମ୍ଭ ହୋଇଛି। ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ଓ ଉଦଳା ପଂଚାୟତ ସମିତିର ଅଧକ୍ଷା ମଞ୍ଜୁଲତା ବିଶ୍ୱାଳ କାର୍ଯ୍ୟକ୍ରମରେ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରି ଆତ୍ମ ନିଯୁକ୍ତି ଯୁବକ ମାନଙ୍କର ବେକାର ସମସ୍ୟାକୁ ସହଜରେ ସମାଧାନ କରିଥାଏ। ବେକାରୀ ଭାରତର ଗ୍ରାମାଂଚଳ ତଥା ସହରାଂଚଳରେ ଶିକ୍ଷିତ ଓ ସ୍ୱଳ୍ପ ଶିକ୍ଷିତ ବ୍ୟକ୍ତିଙ୍କ ମଧ୍ୟରେ ବହୁଳ ଭାବରେ ଦେଖାଯାଏ। ଏଣୁ ଆତ୍ମ ନିଯୁକ୍ତିର ବହୁଳ ପ୍ରସାର ସମାଜ ପାଇଁ ଅତ୍ୟନ୍ତ ଜରୁରୀ ଅଟେ ବୋଲି ବ୍ୟକ୍ତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଶିଳ୍ପ କେନ୍ଦ୍ର ପରିଚାଳକ ଗୌର ମୋହନ ସିଂ ଓ ସହପରିଚାଳକ ଅଜୟ କୁମାର ମହାନ୍ତ ଏକ ଆତ୍ମ ନିଯୁକ୍ତି ବ୍ୟକ୍ତିଙ୍କ ବ୍ୟବସାୟ ସଫଳତା ଦେଖି ଅନ୍ୟ ବ୍ୟକ୍ତି ମାନେ ସ୍ୱକୀୟ ରୋଜଗାର ପନ୍ଥା ପାଇଁ ଆଗ୍ରହୀ ହୋଇଥାଆନ୍ତି ବୋଲି କହିଥିଲେ। ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନିର୍ବାହୀ ଅଧିକାରୀ ବିଦ୍ୟାଧର ଦଣ୍ଡପାଟ ଯେଉଁ ବ୍ୟକ୍ତି ମାନେ ଆତ୍ମନିଯୁକ୍ତି ପାଇଁ ଇଚ୍ଛାର ରଖିଛନ୍ତି ଏବଂ ତା ମଧ୍ୟରେ ଆର୍ଥିକ ସଂସ୍ଥାନ ବା ଜୀବିକା ନିର୍ବାହ କରିବା ପାଇଁ ଚାହିଁଥାଆନ୍ତି, ସେମାନଙ୍କ ପାଇଁ ଉଦ୍ୟୋଗ ସ୍ଥାପନ ନିମନ୍ତେ ପାଠ୍ୟକ୍ରମ ଅତ୍ୟନ୍ତ ଜରୁରୀ ଅଟେ ବୋଲି ବ୍ୟକ୍ତ କରିଥିଲେ। ଶେଷରେ ଉଦଳା ବ୍ଲକର ଆଇ.ପି.ଓ. ମନୋରଂଜନ ପାତ୍ର ଆସନ୍ତା କାଲି ଅର୍ଥାତ ଜାନୁଆରୀ ୧୯ ତାରିଖ ଗୁରୁବାର ଠାରୁ ଫେବୃଆରୀ ୨ ତାରିଖ ପର୍ଯ୍ୟନ୍ତ ତାଲିମ କାର୍ଯ୍ୟକ୍ରମ ଏହି 'ସନ୍ଧାନ' ଗୃହ ପରିସରରେ ଅନୁଷ୍ଠିତ ହେବ। ଯେଉଁମାନେ ତାଲିମ ନେବାକୁ ଆଗ୍ରହୀ ସେମାନେ ୨ ଗୋଟି ପାସପୋର୍ଟ ସାଇଜ ଫୋଟ, ଆଧାର କାର୍ଡ଼ ଓ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ସାଙ୍ଗରେ ନେଇ ଦିନ ୧୦ ଘଟିକା ସୁଦ୍ଧା ପହଂଚିବାକୁ ଜଣାଇଛନ୍ତି।

## ଏବିଭିପି ପକ୍ଷରୁ ଧାମନଗର ଅନ୍ତର୍ଗତ କୋଠାର ସ୍ଥିତ କଲେଜ କ୍ୟାମ୍ପସ ୟୁନିଟ୍ ଘୋଷଣା

ଭଦ୍ରକ,୧୮/୦୧ (ନି.ପ୍ର): ଦେଶର ସର୍ବ ବୃହତ ଛାତ୍ର ସଂଗଠନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି), ଭଦ୍ରକ ଜିଲ୍ଲା ଧାମନଗର ନଗର ପକ୍ଷରୁ କୋଠାର ସ୍ଥିତ ମା' ସାରଦା ଦେବୀ ମହାବିଦ୍ୟାଳୟରେ ଏବିଭିପିର କଲେଜ କ୍ୟାମ୍ପସ ୟୁନିଟ୍ ଗଠନ ହୋଇଯାଇଛି। ଏହି କ୍ୟାମ୍ପସ ୟୁନିଟ୍ ରେ ସଭାପତି ରୂପେ ରାକେଶ ରାଉତ ଓ ଉପ ସଭାପତି ରୂପେ ରତିକାନ୍ତ ପାଣିଗ୍ରାହୀ, ସମ୍ପାଦିକା ଭାବେ ସୁଭଦ୍ରା ଶର୍ମା, ସହ ସମ୍ପାଦିକା ଜ୍ୟୋତ୍ସ୍ନା ରାଣୀ ଗୁରୁ, ଓମ୍ ପ୍ରକାଶ ସାହୁ ଦାୟିତ୍ୱ ଗ୍ରହଣ କରିଥିଲେ। କ୍ୟାମ୍ପସ ୟୁନିଟ୍ ଗଠନ ସମୟରେ ଧାମନଗର ନଗରର ପୂର୍ବତନ ସଭାପତି ତଥା ମା ସାରଦା ଦେବୀ ମହାବିଦ୍ୟାଳୟର ଅଧ୍ୟାପକ ରବୀନ୍ଦ୍ର କୁମାର ପାଣିଗ୍ରାହୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଭୁକିଶୋର୍ ରାଉତ, ଧାମନଗର ନଗରର ସମ୍ପାଦକ ଅରବିନ୍ଦ ଷଡ଼ଙ୍ଗୀ, ନଗର କ୍ରୀଡ଼ା ପ୍ରମୁଖ ସୁମିତ୍ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ କୋଠାର କଲେଜରେ ରହିଥିବା ବିଭିନ୍ନ ସମସ୍ୟାକୁ ନେଇ ଆନ୍ଦୋଳନ କରାଯିବ ବୋଲି ଜିଲ୍ଲା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସ ପ୍ରକାଶ କରିଛନ୍ତି।

## ଓଡ଼ଶୀ ନୃତ୍ୟ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ ପାଳିତ



ଉଦଳା,୧୮/୦୧ (ନି.ପ୍ର): ଉଦଳା ସହର ମଧ୍ୟରେ ଗଢ଼ି ଉଠିଥିବା ଓଡ଼ଶୀ ନୃତ୍ୟ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ ଚଳିତ ଜାନୁଆରୀ ୧୫ ତାରିଖ ରବିବାର ଦିନ ପାଳିତ ହୋଇ ଯାଇଛି। ଏହା ଏପରି ଏକ ନୃତ୍ୟ ଶିକ୍ଷା କେନ୍ଦ୍ର ଏଠାକୁ ସମଗ୍ର କପ୍ତିପଦା ଉପଖଣ୍ଡର ବିଭିନ୍ନ ସ୍ଥାନରୁ ଛାତ୍ର ଛାତ୍ରୀ ମାନେ ନୃତ୍ୟ ଶିଖିବା ପାଇଁ ଆସିଥାନ୍ତି। ଏଠାରୁ ଓଡ଼ଶୀ ନୃତ୍ୟ ଶିକ୍ଷା କରି ବହୁ ଛାତ୍ର ଛାତ୍ରୀ ଜିଲ୍ଲା ସ୍ତରରେ ଏବଂ ରାଜ୍ୟ ସ୍ତରରେ ବେଶ ସୁନାମ ଅର୍ଜନ କରିଛନ୍ତି। ତେବେ ଚଳିତ ବର୍ଷ ବାର୍ଷିକ ଉତ୍ସବରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ପୂର୍ବତନ ନଗରପାଳ ମନୋଜ କୁମାର ମହାନ୍ତି ଅଧକ୍ଷତା କରି ଉକ୍ତ ନୃତ୍ୟ ଶିକ୍ଷା କେନ୍ଦ୍ରର ପ୍ରତିଷ୍ଠାତା ଓ ଶିକ୍ଷୟିତ୍ରୀ ଦିଗ୍‌ବାଳା ପରିଡ଼ାଙ୍କ ଅବଦାନକୁ ଭୂୟସୀ ପ୍ରଶଂସା କରିଥିଲେ। ଶିକ୍ଷା କେନ୍ଦ୍ରର ଉପଦେଷ୍ଟା ଅବସରପ୍ରାପ୍ତ ମହାବିଦ୍ୟାଳୟର ଅଧକ୍ଷ ଡ଼କ୍ଟର ଦିଲ୍ଲୀପ କୁମାର ଦୀକ୍ଷିତ ମଂଚାସୀନ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ବାର୍ଷିକ ଉତ୍ସବକୁ ଉଦ୍‌ଘାଟନ କରି, ଉଦଳା ଟାଉନ କ୍ଲବ, ଯେଉଁଠାରେ ଓଡ଼ଶୀ ନୃତ୍ୟ ଶିକ୍ଷା କେନ୍ଦ୍ର ଗଢ଼ି ଉଠିଛି ଏହି ରଙ୍ଗମଂଚଟି ଅତିତରେ ଅର୍ଦ୍ଧପୂର୍ଣ୍ଣ ଥ୍ୟାଟର ଦ୍ୱାରା କିପରି ନିର୍ମିତ ହୋଇଥିଲା ଓ ଉଦଳାର ବହୁ କଳାକାରଙ୍କୁ ଏହି ମଂଚଟି ଜନ୍ମ ଦେଇଛି ବୋଲି ବ୍ୟକ୍ତ କରିଥିଲେ। ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ବର୍ତ୍ତମାନର ନଗରପାଳ ପ୍ରମିଳା ପଣ୍ଡା ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ଓଡ଼ଶୀ ନୃତ୍ୟ ପାଇଁ ଆମ ରାଜ୍ୟ ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇଛି ଏବଂ ବିଦେଶରେ ମଧ୍ୟ ଏହିଁ ନୃତ୍ୟର ଆଦର କିପରି ଦିନକୁ ଦିନ ବୃଦ୍ଧି ପାଉଛି ବ୍ୟକ୍ତ କରିଥିଲେ। ସ୍ଥାନୀୟ ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଉଦଳାରେ ଓଡ଼ଶୀ ନୃତ୍ୟ ଶିକ୍ଷା କେନ୍ଦ୍ର ଗଢ଼ି ଉଠିବାର ଦିର୍ଘ ୨୬ ବର୍ଷ ସମୟ ଅତିକ୍ରାନ୍ତ ହୋଇ ଗଲାଣି। ଅଥଚ ଶିକ୍ଷା କେନ୍ଦ୍ର ନାମରେ ଜମି ନାହିଁକି ଘର ନାହିଁ। ଏଥିପାଇଁ ଦୁଃଖ ପ୍ରକାଶ କରିଥିଲେ।

## ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ମଳୟ ମହାନ୍ତଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ



ବାରିପଦା,୧୮/୦୧ (ନି.ପ୍ର): ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ମଳୟ ମହାନ୍ତଙ୍କ ଷଷ୍ଠ ଶ୍ରାଦ୍ଧ ବାର୍ଷିକୀ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ମୟୂରଭଂଜ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଅରୁଣ ଓତା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ, ବରିଷ୍ଠ ସାମ୍ବାଦିକ ହରିଶ୍ଚନ୍ଦ୍ର ନନ୍ଦ ଗୋସ୍ୱାମୀଙ୍କ ପୌରହିତ୍ୟରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଉପସ୍ଥିତ ବ୍ୟକ୍ତିବଶେଷ ଓ ସାମ୍ବାଦିକ ସ୍ୱର୍ଗତ ମହାନ୍ତଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଂଜଳି ଅର୍ପଣ କରିବା ସହ ତାଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକ ପାତ କରିଥିଲେ। ସାମ୍ବାଦିକତା କ୍ଷେତ୍ରରେ ସ୍ୱର୍ଗତଃ ମହାନ୍ତ ଜଣେ ଅନୁଷ୍ଠାନ ଥିଲେ। ତାଙ୍କର ନିର୍ଭୀକ ସାମ୍ବାଦିକତା ଯୁବ ସାମ୍ବାଦିକଙ୍କ ପାଇଁ ସବୁଦିନେ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ସମସ୍ତେ ମତପ୍ରକାଶ କରିଥିଲେ। ସାମ୍ବାଦିକ ସୁକାନ୍ତ କୁମାର ସାହୁ, ଅସୀମ ମହାପାତ୍ର, ନିଳାଦ୍ରୀ ବିହାରୀ ଦଣ୍ଡପାଟ, ତପନ କୁମାର ମହାନ୍ତି, ସୁଜିତ କୁମାର ପଟ୍ଟନାୟକ, ସୁକାନ୍ତ ଜୀଉ, ଦୀପକ କୁମାର ନାୟକ, ଆଲୋକ ସ୍ୱାଇଁ, ପ୍ରିତୀଶ କୁମାର ମହାନ୍ତ, ରୂପମ ସ୍ୱାଇଁ, ବିଶ୍ୱଜିତ ଭୂୟାଁ, ଭକ୍ତି ରଂଜନ ପଣ୍ଡା, ଲଳିତ କୁମାର ବାରିକ, ହରେକୃଷ୍ଣ ପାତ୍ର, ଅଭିଷେକ ଝୁଂଟିଆ ପ୍ରମୁଖ ନିଜର ମତ ରଖିଥିଲେ। ଏହି ଅବସରରେ ଦିବଂଗତ ଆତ୍ମାର ସଦଗତି ନିମନ୍ତେ ୧ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ସାମ୍ବାଦିକ ମନୋଜ କୁମାର ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ।

## ମଦ୍ରସାରେ ପୋଷାକ ବିତରଣ ଉତ୍ସବ

କେନ୍ଦ୍ରାପଡ଼ା,୧୮/୦୧ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ବଡହାଟରେ ଥିବା ମଦ୍ରସା ଆରାବିୟା ତାଲିମୁଲ ଇସଲାମ ରେ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏବିଓ ପ୍ରଫୁଲ୍ଲ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସିଆରସିସି ବିଭୁ ପ୍ରସାଦ ନାୟକ, କାଉନସିଲର ସେକ ଆସଲମ ଏବଂ ପରିଚାଳନା କମିଟିର ସଭାପତି ମିର ହସିମୁଲ୍ଲା ପ୍ରମୁଖ ଯୋଗ ଦେଇ ମଦ୍ରସାରେ ଅଧୟନ କରୁଥିବା ଶତାଧିକ ଛାତ୍ରଛାତ୍ରୀଙ୍କୁ ପୋଷାକ ବିତରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଧାନ ମୌଲବୀ ମହମ୍ମଦ ଜାହାଙ୍ଗୀର, ଅତିରିକ୍ତ ମୌଲବୀ ଏମଡି ସାକିର, ସହକାରୀ ମୌଲବୀ ମିର ଅଖତର ହୋସେନ ପ୍ରମୁଖ ଉପସ୍ଥିତ ଥିଲେ।

## ବଗଳାଦେବୀଙ୍କ ଜନ୍ମୋତ୍ସବ ଓ ସିଦ୍ଧ ମହାଶକ୍ତି ପୀଠ ବାର୍ଷିକୋତ୍ସବ ଉଦ୍‌ଘାଟିତ

ବାଲେଶ୍ୱର,୧୮/୦୧ (ନି.ପ୍ର): ବାଲେଶ୍ୱର ସହର ଉପକଣ୍ଠ କୁରୁଡ଼ା ସ୍ଥିତ ପିତାମ୍ବରା ସିଦ୍ଧ ମହାଶକ୍ତି ପୀଠର ନବମ ବାର୍ଷିକୋତ୍ସବ ଓ ପୀଠର ଅଧିଷ୍ଠାତ୍ରୀ ଦେବୀ ମା' ବଗଳାମୁଖୀଙ୍କ ଜନ୍ମୋତ୍ସବ ମଙ୍ଗଳବାର ଉଦଘାଟିତ ହୋଇଯାଇଛି। କୋଭିଡ କଟକଣା ଯୋଗୁଁ ଦୀର୍ଘ ଦୁଇବର୍ଷ ଧରି ନିରାଡ଼ମ୍ବର ଭାବେ ପାଳିତ ହୋଇଥିବା ଏହି ଉତ୍ସବ କଟକଣା ଉଠି ଯାଇଥିବାରୁ ଚଳିତବର୍ଷ ବେଶ ଆଡ଼ମ୍ବର ସହକାରେ ଆୟୋଜିତ ହେଉଥିବା ଲକ୍ଷ୍ୟ କରାଯାଇଛି। ଦେବୀ ବଗଳାମୁଖୀ ସମେତ ଅନ୍ୟ ଦେବାବେଦୀଙ୍କ ଅଭିଷେକ ଓ ଅର୍ଚ୍ଚନ ସହ ତିନି ଦିନିଆ ଯଜ୍ଞ କର୍ମକାଣ୍ଡ ଶୁଭାରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ସରସ୍ୱତୀପୁର ଶିବ ମନ୍ଦିର ପୋଖରୀରୁ ଉତ୍ତୋଳିତ ଘଟ ଏକ ଶୋଭାଯାତ୍ରାରେ ବଗଳାମୁଖୀ ମନ୍ଦିରରେ ପହଞ୍ଚିଥିଲା। ଘଟସ୍ଥାପନ ସହ ପ୍ରଥମ ଦିନରେ ସୂର୍ଯ୍ୟପୂଜା, ଗୁରୁପୂଜା, ମଣ୍ଡଳାଦର୍ଶନ, ଅଗ୍ନିସ୍ଥାପନ, ଯଜ୍ଞମଣ୍ଡପକୁ ମାଆଙ୍କ ଆଗମନ ଓ ଯଜ୍ଞାହୁତି ପ୍ରଭୃତି କର୍ମକାଣ୍ଡ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମା' ବଗଳାମୁଖୀ ବଡ଼ସିଂହାର ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଗୁରୁବାର ଓ ଶୁକ୍ରବାର ଦୁଇଦିନ ବ୍ୟାପୀ ମାଙ୍କୁ ବିଶେଷ ରୀତିନୀତିରେ ପୂଜାର୍ଚ୍ଚନା ସହ ଶେଷଦିନ ମହା ମୃତ୍ୟୁଞ୍ଜୟଙ୍କର ଜଳାଭିଷେକ, ଦୁଗ୍ଧାଭିଷେକ, ଦଧ୍ୟାଭିଷେକ, ଘୃତ୍ୟାଭିଷେକ, ଶର୍କରାଭିଷେକ ପରେ ରାଜବେଶ କରାଯିବ ବୋଲି ପୀଠାଧୀଶ ଆଚାର୍ଯ୍ୟ ରବିନାରାୟଣ ମିଶ୍ର ମହାରାଜ ସୂଚନା ଦେଇଛନ୍ତି।

## କମଳା କିଶୋରୀ ରାଉତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମ ସୁରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଯାପିତ




ଭଦ୍ରକ,୧୮/୦୧ (ନି.ପ୍ର): ବରପଦା ନିକଟସ୍ଥ କମଳା କିଶୋରୀ ରାଉତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ୦୯.୦୧.୨୦୨୩ରୁ ଆରମ୍ଭ ହୋଇ ଆଜି ଉଦ୍‌ଯାପିତ ହୋଇଯାଇଛି। ପ୍ରଶିକ୍ଷିକା ମନୋରମା ରାଉତ ଓ କବିତା ନାୟକ ୮ଦିନ ବ୍ୟାପି ବାଳିକା ମାନଙ୍କୁ ବିଭିନ୍ନ କୌଶଳ ତାଲିମ ଦେବା ସଙ୍ଗେ ନିଜକୁ କିପରି ରକ୍ଷା କରିପାରିବେ ସେ ସଂକ୍ରାନ୍ତରେ ଶିଖାଇଥିଲେ। ଅଧକ୍ଷ ରାଜେନ୍ଦ୍ର କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଏକ ଉଦ୍‌ଯାପନ ସଭା ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ରୂପେ ଜିଲ୍ଲା ଶିଶୁ କଲ୍ୟାଣ ସମିତିର ଅଧକ୍ଷ ଡାକ୍ତର ଦେବରାଜ ପାଣିଗ୍ରାହୀ ଯୋଗ ଦେଇ ରାଜ୍ୟ ସରକାରଙ୍କର ଏହି କାର୍ଯ୍ୟକ୍ରମଟି ପ୍ରଶଂସା କରିବା ସଂଗେ ସଂଗେ ଏହି କୌଶଳକୁ ଆବଶ୍ୟକ ବେଳେ ବ୍ୟବହାର କରିବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମର ଅଧିକାରୀଣି ପ୍ରତିଜ୍ଞା ପଣ୍ଡା ଏହି ୮ଦିନ ବ୍ୟାପି କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତ ସହକର୍ମୀ ମାନଙ୍କୁ ଧନ୍ୟବାଦ ଦେବା ସଂଗେ ସଂଗେ ପିଲାମାନଙ୍କୁ ଏହି କୌଶଳ ସଠିକ୍ ରୂପେ ପ୍ରୟୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟରେ ଉପସ୍ଥିତ ଅନ୍ୟାନ୍ୟ ଅଧାପକ ଏବଂ କର୍ମଚାରୀମାନେ ସେମାନଙ୍କର ବକ୍ତବ୍ୟ ମାଧ୍ୟମରେ ଏହି କୌଶଳରେ ଆବଶ୍ୟକ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଶେଷରେ ପିଲାମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଛାତ୍ରୀ ରଚନା ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ।

## ଗୁରୁଦାସପୁରରେ ପାକିସ୍ଥାନ ଡ୍ରୋନକୁ ବିଏସ ଯବାନ ମାନେ ଖସାଇଲେ

ଗୁରଦାସପୁର,୧୮/୦୧ (ନି.ପ୍ର): ସୀମା ସୁରକ୍ଷା ବଳ (ବିଏସଏଫ) ୧୭/୧୮ ଜାନୁଆରୀ ମଧ୍ୟ ରାତିରେ ଗୁରଦାସପୁର ଜିଲ୍ଲାର ଉଂଚା ଟକଲା ଗ୍ରାମରେ ପାକିସ୍ଥାନ ଡ୍ରୋନକୁ ଗୁଳି କରି ଖସାଇଦେଇଛନ୍ତି। ଖସାଇ ଦିଆଯାଇଥିବା ଡ୍ରୋନରେ ଚାଇନା ନିର୍ମିତ ୪ଟି ପିସ୍ତଲ, ୮ଟି ମାଗାଜିନ ଏବଂ ୪୭ଟି କାର୍ଟ୍ରିଜ ଜବତ କରାଯାଇଛି। ଏହି ଖବର ବିଏସଏଫ (ସେକ୍ଟର ଗୁରଦାସପୁର) ର ଡିଆଇଜି ପ୍ରଭାକାର ଯୋଶୀ ବୁଧବାର ସକାଳେ ଜଣାଇଥିଲେ।

## ଚୋରମରା ଗ୍ରାମରେ ଠାକୁରାଣୀ ସ୍ଥାନାନ୍ତରକୁ ନେଇ ବିବାଦ : ସରପଞ୍ଚ ସମିତି ସଦସ୍ୟ ମୁହାଁମୁହିଁ



ବସ୍ତା,୧୮/୦୧ (ନି.ପ୍ର): ବସ୍ତା ବ୍ଲକ ସିଙ୍ଗଲା ଥାନା ଚୋରମରା ଗ୍ରାମ ରେ ଠାକୁରାଣୀ ଜାଗାକୁ ନେଇ କୁହୁଳୁଛି ଅସନ୍ତୋଷ। ସୂଚନା ଅନୁସାରେ ଶତାଧିକ ବର୍ଷର ଠାକୁରାଣୀ ଜୟଚଣ୍ଡି ଓ ଚୁରଚଣ୍ଡି ମନ୍ଦିର ର ଜାଗା ଠାକୁରାଣୀ ଙ୍କ ନାମରେ ନାମିତ ହୋଇଥିବା ବେଳେ, ବିଗତ ବନ୍ଦୋବସ୍ତ ରେ ଠାକୁରାଣୀ ଙ୍କ ଯାଗା ଠାକୁରାଣୀ ଙ୍କ ନାମରୁ କଟିଯାଇ ସରପଞ୍ଚ ପରିବାର ର ଜଣେ ବ୍ୟକ୍ତିଙ୍କ ନାମରେ ହୋଇଥିବା ରୁ ବ୍ୟକ୍ତି ଜଣକ ତାଙ୍କ ର ଜାଗାକୁ ଦଖଲ କରିବା ନେଇ ଅସନ୍ତୋଷ ଦେଖାଦେଇଛି। ତେବେ ସରପଞ୍ଚ ଙ୍କ ସମର୍ଥକ ମାନେ ଠାକୁରାଣୀ ଙ୍କ ନାମରେ ନାମିତ ଜାଗା ବାଡିକୁ ମାର୍ଫତଦାର ଥିବା ପୂଜକ କିଛି ଜାଗା ବିକ୍ରି କରି ଦେଇଥିବାରୁ ଗତ ଛଅ ମାସ ତଳେ ମନ୍ଦିର ର ପୂଜକ କୁ ଦୁଇଟି ମନ୍ଦିର ରେ ପୂଜାର୍ଚ୍ଚନା କରିବାକୁ ସରପଞ୍ଚ ଙ୍କ ପରିବାର ମନା କରି ଗ୍ରାମ ବାହାରୁ ପୂଜକ କୁ ଆଣି ପୂଜାର୍ଚ୍ଚନା କରାଇଥିବା ବେଳେ ଅନ୍ୟ ଏକ ମନ୍ଦିର କୁ ଗ୍ରାମ ପୂଜକ ପୂଜା କରିଆସୁଥିଲେ। ଫଳସ୍ୱରୁପ ବଂଶାନୁକ୍ରମେ ପୂଜା କରିଆସୁଥିବା ପୂଜକ ମାନେ କୋର୍ଟ ରେ ନ୍ୟାୟ ପାଇଁ ଆଶ୍ରୟ ନେଇଛନ୍ତି। ତେବେ ମଙ୍ଗଳବାର ୧୦ଟା ସମୟରେ ସରପଞ୍ଚ ଙ୍କ ପ୍ରତିନିଧି କିଛି ସମର୍ଥକ ମାନଙ୍କୁ ନେଇ ପୂଜକଙ୍କୁ ପୂଜା କରିବାକୁ ମନା କରିବା ପରେ ପୂଜକ ଗ୍ରାମବାସୀ ଙ୍କୁ ଜଣାଇଥିଲେ। ପରେ ସମିତି ସଦସ୍ୟ ଙ୍କ ଗୋଷ୍ଠୀ ର ଲୋକେ ସର୍ବସାଧାରଣ ଙ୍କ ଜାଗାରେ ଠାକୁର ରହିବାକୁ ଦାବି କରି, ମନ୍ଦିର ରୁ ମୂର୍ତ୍ତି ଙ୍କୁ ତାଡି ନେଇ ଯାଇଥିଲେ। ଏହାକୁ ନେଇ ଗ୍ରାମରେ ଅସନ୍ତୋଷ ର ବାତାବରଣ ସୃଷ୍ଟି ହୋଇଥିବା ବେଳେ, ଉଭୟ ପକ୍ଷ ସିଙ୍ଗଲା ଥାନା ରେ ନ୍ୟାୟ ପାଇଁ ଦ୍ୱାରସ୍ଥ ହୋଇଥିଲେ। ଉଭୟ ପକ୍ଷ ନିଜର ଜିଦ ରେ ଅଟଳ ଥିବା ବେଳେ ପୁଲିସ ପକ୍ଷରୁ ବସ୍ତା ଏସଡିପିଓ ଜଳନ୍ଧର ଜାଲି, ଭାରପ୍ରାପ୍ତ ସିଙ୍ଗଲା ଥାନା ଅଧିକାରୀ ସୁବ୍ରତ ବେହେରା ଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷ ଙ୍କ ସହ ପୃଥକ ପୃଥକ ଆଲୋଚନା କରି ଶାନ୍ତି କମିଟି ଗଠନ କରାଯାଇ ଶାନ୍ତି ପ୍ରତିଷ୍ଠା ପାଇଁ ବୁଝାମଣାପତ୍ର ସ୍ୱାକ୍ଷର ସହିତ ଯଥାରୀତି ଅନୁଯାୟୀ ଠାକୁର ମାନଙ୍କୁ ପ୍ରତିଷ୍ଠା କରାଇବାକୁ ପ୍ରସ୍ତାବ ଦେଇଥିଲେ।

## ବାଳିକା ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ



ପାରାଦୀପ,୧୮/୦୧ (ନି.ପ୍ର): ପାରାଦୀପ ମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ ବାଳିକା ସୁରକ୍ଷା ତାଲିମ ଶିବିର ବୁଧବାର ଦିନ ଉଦଯାପିତ ହୋଇଯାଇଛି। ଏହି ଶିବିର ୯ ତାରିଖରୁ ଆରମ୍ଭ ହୋଇ ୧୮ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଏହି ଶିବିରରେ ମହାବିଦ୍ୟାଳୟର ଅଧକ୍ଷା ଡଃ ସସ୍ମିତା ଶତପଥି ସଭାପତିତ୍ୱ କରି ଛାତ୍ରୀମାନେ ନିଜକୁ ସମାଜରେ କିପରି ସୁରକ୍ଷିତ ରଖି ପାରିବେ ସେ ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ତଟକ୍ଷୀ ବାହିନି ମହିଳା ଜନକଲ୍ୟାଣ ସମିତି ପାରାଦୀପର ସଭାନେତ୍ରୀ ଡଃ ଭିନୀତା ସିଂ ଯୋଗଦେଇ ଆତ୍ମରକ୍ଷା ତାଲିମ ଦ୍ୱାରା ଛାତ୍ରୀମାନେ କିପରି ନିଜକୁ ଅସମାଜିକ ବ୍ୟକ୍ତିଙ୍କ ଠାରୁ ରକ୍ଷା କରିପାରିବେ କହିଥିଲେ। ଆତ୍ମରକ୍ଷା ଶିବିରର ସଂଯୋଜିକା ଅଧ୍ୟାପିକା ସୁମିତ୍ରା ପ୍ରଧାନ ଆଠ ଦିନର ବିବରଣୀ ପାଠ କରିଥିଲେ। ମାଷ୍ଟର ଟ୍ରେନର ରଶ୍ମିତା ମଣ୍ଡଳ ଓ ବିଷ୍ଣୁପ୍ରିୟା ବାରିକ ଛାତ୍ରୀ ମାନଙ୍କୁ ତାଲିମ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଅକ୍ଷୟ ଚନ୍ଦ୍ର ମିଶ୍ର, ଅଧ୍ୟାପିକା ଡଃ ନଳିନୀ ପ୍ରଭା ମହାପାତ୍ର, ସଂଘମିତ୍ରା ପ୍ରଧାନ, ମମତା ଖଣ୍ଡାୟତ ରାୟ, ତପସ୍ୱିନୀ ବେହେରା, ଶାଶ୍ୱତୀ ଶ୍ୱାଗତିକା ଓ ଶାଶ୍ୱତି ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ସହ ସଂଯୋଜିକା ଅଧ୍ୟାପିକା ଅଭିଲିପ୍‌ସା ଦାସ ଅତିଥି ପରିଚୟ ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଦିବାସୀଙ୍କ ତିଳ ତର୍ପଣର ପାରମ୍ପରିକ ପର୍ବ ଦାମୋଦର ଯାତ୍ରା



ବାରିପଦା,୧୮/୦୧ (ନି.ପ୍ର): ମକର ସଂକ୍ରାନ୍ତିର ଗୋଟିଏ ଦିନପରେ ଆଦିବାସୀଙ୍କ ଅବ୍ୟଏକ ପ୍ରାଚୀନ ପରମ୍ପରା ଦାମୋଦର ଯାତ୍ରା ପାଳିତ ହୋଇଥାଏ। ଏହି ପର୍ବରେ ଆଦିବାସୀ ସମ୍ପ୍ରଦାୟର ଲୋକେ ସାମୁହିକ ଭାବେ ତ୍ରିବେଣୀ ସଙ୍ଗମ ସ୍ଥଳରେ ପୂର୍ବ ପୁରୁଷଙ୍କ ଅସ୍ଥି ବିସର୍ଜନ କରିଥାନ୍ତି। ଆଦିବାସୀ ସମ୍ପ୍ରଦାୟର ଲୋକ ମାନେ ବର୍ଷ ତମାମ ମୃତ୍ୟୁବରଣ କରିଥିବା ପିତୃପୁରୁଷଙ୍କ ଅସ୍ଥି ବିସର୍ଜନ ଏବଂ ତିଳତର୍ପଣ କରି ସେମାନଙ୍କର ମୁକ୍ତି କାମନା କରିବାର ଏହି ବହୁ ପୁରାତନ ପରମ୍ପରାକୁ ମୟୂରଭଂଜ ଜିଲ୍ଲାର ଆଦିବାସୀ ସମାଜ ବିଭିନ୍ନ ତ୍ରିବେଣୀ ସଂଗମ ସ୍ଥଳରେ ସାମୁହିକ ଭାବେ ପାଳନ କରିଥାନ୍ତି। ବାରିପଦା ବାରୁଣି ସ୍ଥିତ ଜରାଳୀ, ସରାଳୀ ଓ ବୁଢ଼ାବଳଙ୍ଗ ନଦୀର ମିଳନ ସ୍ଥଳ ତ୍ରିବେଣୀ ସଙ୍ଗମ ସ୍ଥଳରେ ଏହି ଦାମୋଦର ଯାତ୍ରା ବହୁ ପୁତାତନ କାଳରୁ ପାଳିତ ହୋଇ ଆସୁଥିବା ବେଳେ, ଚଳିତ ବର୍ଷ ମଧ ଏଠାରେ ଦାମୋଦର ଯାତ୍ରାରେ ପ୍ରବଳ ଗହଳି ଲାଗିଥିବାର ଦେଖା ଯାଇଛି। ତ୍ରିବେଣୀ ସଙ୍ଗମ ସ୍ଥଳ ଦାମୋଦର କ୍ଷେତ୍ରରେ ଏହି ପର୍ବ ୩ଦିନ ଧରି ଚାଲିବାକୁ ଥିବା ବେଳେ, ଏଠାରେ ମୟୂରଭଂଜ ଜିଲ୍ଲା ସହିତ ପଡ଼ୋଶୀ କେନ୍ଦୁଝର, ବାଲେଶ୍ୱର, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ବିହାର ଆଦି ରାଜ୍ୟ ଗୁଡ଼ିକରୁ ଆଦିବାସୀ ସମ୍ପ୍ରଦାୟର ଲୋକ ସେମାନଙ୍କ ପରିବାରରେ ମୃତ ଆତ୍ମୀୟ ସ୍ୱଜନଙ୍କ ଅସ୍ଥି ବିସର୍ଜନ କରିବା ନିମନ୍ତେ ଆସିଛନ୍ତି। ପ୍ରତିବର୍ଷ ଭଳି ଏବର୍ଷ ମଧ ବାରିପଦା ପୌରପରିଷଦ, ଜିଲ୍ଲା ପ୍ରଶାସନ, ପୋଲିସ ପ୍ରସାଶନ ଦାମୋଦର ମେଳା କମିଟିର ପ୍ରତ୍ୟକ୍ଷ ତତ୍ୱାବଧାନରେ ଅସ୍ଥି ବିସର୍ଜନସ୍ଥଳୀକୁ ଅସ୍ଥାୟୀ ରାସ୍ତା ନିର୍ମାଣ, ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ ବ୍ୟବସ୍ଥା, ଅସ୍ଥାୟୀ ଫାଣ୍ଡି, ଜରୁରୀକାଳୀନ ଚିକିତ୍ସା ବ୍ୟବସ୍ଥା ସହିତ ନଦୀ ଉପରେ ଜନସାଧାରଣଙ୍କ ଯାତାୟାତ ନିମନ୍ତେ ନଦୀ ମଧ୍ୟରେ ଏକ ଅସ୍ଥାୟୀ ପୋଲର ବ୍ୟବସ୍ଥା କରିଛନ୍ତି। ସେହିପରି ନଦୀପଠାକୁ ଯାତାୟାତ ନିମନ୍ତେ ରହିଥିବା ମୁଖ୍ୟରାସ୍ତାକୁ ଭଲ ଭାବରେ ପରିଷ୍କାର କରିଛନ୍ତି। ତେବେ ଜିଲ୍ଲା ପ୍ରଶାସନ ପକ୍ଷରୁ ସାନ୍ତାଳ ସମ୍ପ୍ରଦାୟର ଦାମୋଦର ଯାତ୍ରା ନିମନ୍ତେ ସ୍ଥାୟୀ ଦାମୋଦର ଘାଟ ନିର୍ମାଣ, ପାନୀୟ ଜଳ ଯୋଗାଣର ବ୍ୟବସ୍ଥା ଓ ଜବରଦଖଲ କାରୀଙ୍କ କବଳରେ ରହିଥିବା ସରକାରୀ ଜମିକୁ ନିଜ ଦଖଲକୁ ଆଣି ସାରିଥିଲେ ମଧ ଏହି ପରମ୍ପରା ପ୍ରତି ପ୍ରଶାସନ ଅଧିକ ଦୃଷ୍ଟି ଦେବା ସହିତ ଏହି ଆଦିବାସୀ ସମ୍ପ୍ରଦାୟର ଯାତ୍ରାକୁ ସୁରକ୍ଷିତ କରି ରଖିବା ସହିତ ଏହାର ପ୍ରଚାର ପ୍ରସାର ପାଇଁ ଅସ୍ଥି ବିସର୍ଜନ ପାଇଁ ଆସିଥିବା ଶାଗୁନ କୁମାର ସୋରେନ, ସୁଧୀର ମୁର୍ମୁ, କୁଆଁର ମାରାଣ୍ଡି ପ୍ରମୁଖ ଦାବୀ କରିଛନ୍ତି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo